# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ମେ ୨୦/୨୦୧୯ (୧୬ ପୃଷ୍ଠା) | Balasore, Monday, May 20/2019 | ★★★★

୪୫ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମେକ୍‌ଅପ୍‌କୁ ପସନ୍ଦ କରନ୍ତି ତାରା ସୁତାରିଆ**

ଷ୍ଟାଇଲିଶ୍ ଏବଂ ଗ୍ଲାମର ଚାହାଣିରେ ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ତାରା ସୁତାରିଆ ଅଧିକ ମେକ୍‌ଅପ୍‌କୁ ପସନ୍ଦ କରନ୍ତି।

୦୪

୧୫

**ଟାଇଟଲ ବଜାୟ ରଖିଲେ ୱାଇଲ୍ଡର**

ଆମେରିକୀୟ ପେସାଦାର ବକ୍ସର ଡେଓଣ୍ଟେ ୱାଇଲ୍ଡର ୱାର୍ଲ୍ଡ ବକ୍ସିଂ କାଉନସିଲ (ଡବ୍ଲ୍ୟୁବିସି) ହେଭିୱେଟ୍ ଟାଇଟଲ ବଜାୟ ରଖିଛନ୍ତି।



**ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଦୂତୀ**



୧୪

**ଆଜିର ସମ୍ପାଦକୀୟ**

**କ୍ଷମତା କ୍ଷୁଣ୍ଣ**

**ଆଜିର ମନ୍ତବ୍ୟ**

"ଏକ୍‌ଜିଟ ପୋଲ୍ ଭଳି ତୁଚ୍ଛା ଗପରେ ବିଶ୍ୱାସ କରେନାହିଁ। ଇଭିଏମ୍ ଜାଲିଆତି ଲାଗି ଏହାକୁ ଗେମ୍ ପ୍ଲାନ ଭାବେ ବ୍ୟବହାର କରାଯାଉଛି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 19.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 97 | 154 | 164 |
| CTC | 97 | 154 | 164 |
| DKL | 94 | 150 | 160 |
| BDK | 96 | 153 | 163 |
| BLS | 98 | 155 | 165 |
| ANG | 94 | 150 | 160 |

*Conditions Apply

Eggs Retail Price- 40/-Dozen

Issued in the Interest of Consumers


**ଏକ୍‌ଜିଟ୍ ପୋଲ୍**

# ଏନ୍‌ଡିଏକୁ ବହୁମତ

- ■ କଂଗ୍ରେସ କହିଲା ହାସ୍ୟାସ୍ପଦ
- ■ ବିଶ୍ୱାସଯୋଗ୍ୟ ନୁହେଁ: ଟିଏମ୍‌ସି

ନୂଆଦିଲ୍ଲୀ,୧୯।୫(ଆଇଏଏନ୍‌ଏସ୍)

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ପୁଣିଥରେ କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛି। ଏହି କ୍ଷମତାସୀନ ମେଣ୍ଟକୁ ପ୍ରାୟ ୨୯୬ ଆସନରେ ସଫଳତା ମିଳିବ ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)କୁ ୧୨୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସେହିପରି ଉଭୟ ମେଣ୍ଟରେ ସାମିଲ ନ ଥିବା ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ୧୧୯ ଆସନ ଦଖଲ କରିବାରେ ସକ୍ଷମ ହେବେ ବୋଲି ରବିବାର ଅଧିକାଂଶ ଏକ୍‌ଜିଟ୍ ପୋଲ ଭବିଷ୍ୟବାଣୀ କରିଛନ୍ତି। ଭୋଟ ହାରକୁ ଦେଖିଲେ ମୋଟାମୋଟି ଭାବେ ଏନ୍‌ଡିଏକୁ ୪୨.୩%, ଉପାକୁ ୨୯.୬% ଏବଂ ଅନ୍ୟଙ୍କୁ ୨୮.୧% ମିଳିବ ବୋଲି ଆକଳନ କରାଯାଇଛି। ଏକ୍‌ଜିଟ୍ ପୋଲକୁ କଂଗ୍ରେସ ହାସ୍ୟାସ୍ପଦ ବୋଲି ଅଭିହିତ କରିଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହିଛନ୍ତି। ତେବେ କେଉଁ ସର୍ବେକ୍ଷଣ ସଂସ୍ଥାର ଆକଳନ କେତେ ସତ ତାହା ଗୁରୁବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ।

୨୦୧୯ ସାଧାରଣ ନିର୍ବାଚନ ରବିବାର ସନ୍ଧ୍ୟା ୬ଟାରେ ଶେଷ ହେବା ପରେ ଏକ୍‌ଜିଟ୍ ପୋଲକୁ ନେଇ ନିର୍ବାଚନ କମିଶନଙ୍କ କଟକଣା ଉଠିଛି। ଭାରତରେ କିଏ ସରକାର ଗଠନ କରିବ ତାକୁ ନେଇ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ଓ ଜାତୀୟ ଗଣମାଧ୍ୟମ ପକ୍ଷରୁ ପ୍ରକାଶ ପାଇଛି ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟର ସାମଗ୍ରିକ ଆକଳନ। ଏକ୍‌ଜିଟ୍ ପୋଲଗୁଡ଼ିକ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ କେନ୍ଦ୍ରରେ ଏନ୍‌ଡିଏ ପୁଣିଥରେ କ୍ଷମତାସୀନ ହେବାକୁ ଯାଉଛି। ଭିଏମ୍‌ଆର୍-ଟାଇମ୍ସ ନାଓର ସର୍ଭେ ଅନୁସାରେ ଏନ୍‌ଡିଏକୁ ୩୦୬, ଉପାକୁ ୧୩୨ ଓ ଅନ୍ୟ ଦଳଗୁଡ଼ିକୁ ୧୦୪ ଆସନରେ ସଫଳତା ମିଳିବ। ସେହିପରି ସିଭୋଟର-ରିପବ୍ଲିକ୍ ଏକ୍‌ଜିଟ୍ ପୋଲର ଆକଳନ ଅନୁଯାୟୀ ଏନ୍‌ଡିଏ ୨୮୭ ଏବଂ ଉପା ୧୨୮ ଆସନ ଦଖଲ କରିବାରେ ସକ୍ଷମ ହେବେ। ଅନ୍ୟ ଦଳଗୁଡ଼ିକୁ ୧୨୭ ଆସନରେ ସଫଳତା ମିଳିବ। ଜନ୍ କୀ ବାତ୍ ସଂସ୍ଥାର ଆକଳନ ହେଉଛି ଏନ୍‌ଡିଏ ୩୦୫ ଆସନ ଦଖଲ କରି ପୂର୍ଣ୍ଣ ବହୁମତ ପାଇବାକୁ ଥିବାବେଳେ ଉପା ହାତକୁ ୧୨୪ ଆସନ ଯିବ ଏବଂ ଅନ୍ୟ ଦଳଗୁଡ଼ିକ ୧୧୩ ଆସନରେ ସଫଳ ହେବେ। ଅନ୍ୟପକ୍ଷରେ ଏନ୍‌ଡିଏ ୨୮୬, ଉପା ୧୨୨ ଏବଂ ଅନ୍ୟ ଦଳଗୁଡ଼ିକ ୧୩୪ ଆସନରେ ବିଜୟୀ ହେବେ ବୋଲି ନ୍ୟୁଜ୍ ନେଶନ୍ ପୂର୍ବାନୁମାନ କରିଛି। ଅନ୍ୟତମ ପ୍ରମୁଖ ସର୍ବେକ୍ଷଣ ସଂସ୍ଥା ଚାଣକ୍ୟ-ନ୍ୟୁଜ୍ ୨୪ ଅନୁସାରେ ଏନ୍‌ଡିଏ ୩୫୦ ଆସନରେ ସଫଳତା ହାସଲ କରିବାକୁ ଥିବାବେଳେ ଉପା ୯୫ ଓ ଅନ୍ୟ ଦଳଗୁଡ଼ିକ ୯୭ ଆସନରେ ବିଜୟୀ ହେବେ। ଇଣ୍ଡିଆ ଟୁଡେ-ଆକ୍ସିସ ଅନୁସାରେ ଏନ୍‌ଡିଏ ୩୩୯-୩୬୫ ଆସନରେ ବିପୁଳ ସଫଳତା ସହ ସରକାର ଗଠନ କରିବ। ଉପା ୭୭ରୁ ୧୦୮ ଆସନରେ ସନ୍ତୁଷ୍ଟ ହେବ ଓ ଅନ୍ୟ ଦଳଗୁଡ଼ିକ ୬୯-୯୫ ଆସନରେ ବିଜୟୀ ହେବେ। ଅନ୍ୟପକ୍ଷରେ ଏନ୍‌ଡିଏ ୨୪୨ ଆସନରେ ସଫଳତା ହାସଲ କରିବ ଏବଂ ମ୍ୟାଜିକ୍ ନମ୍ବର ଛୁଇଁବା ପାଇଁ ୩୦ ଆସନ ନିଅଣ୍ଟ ହେବ ବୋଲି ନେତା-ନ୍ୟୁଜ୍ ଏକ୍ସ ପକ୍ଷରୁ ଆକଳନ କରାଯାଇଛି। ଏହି ସର୍ବେକ୍ଷଣ ସଂସ୍ଥା ଅନୁସାରେ ଉପା ହାତକୁ ୧୬୪ ଆସନ ଯିବ। ଏବିପି-ନେଲସନ୍ ମଧ୍ୟ ଅନୁରୂପ ଆଶଙ୍କା ବ୍ୟକ୍ତ କରିଛି। ଏନ୍‌ଡିଏ ୨୬୭, ଉପା ୧୨୭ ଓ ଅନ୍ୟାନ୍ୟ ୧୪୮ ଆସନ ପାଇବେ ☞ପୃଷ୍ଠା-୪

**ଲୋକ ସଭା ଏକଜିଟ୍ ପୋଲ-୨୦୧୯**

| ସର୍ଭେ ସଂସ୍ଥା | ଭାଜପା+ | କଂଗ୍ରେସ+ | ଅନ୍ୟାନ୍ୟ |
|---|---|---|---|
| ଟାଇମ୍ସ ନାଓ | ୩୦୬ | ୧୩୨ | ୧୦୪ |
| ସି-ଭୋଟର | ୨୮୭ | ୧୨୮ | ୧୨୭ |
| ଜନ୍ କୀ ବାତ୍ | ୩୦୫ | ୧୨୪ | ୧୧୩ |
| ନ୍ୟୁଜ୍ ନେଶନ | ୨୮୬ | ୧୨୨ | ୧୩୪ |
| ଇଣ୍ଡିଆ ଟୁଡେ | ୩୩୯-୩୬୫ | ୭୭-୧୦୮ | ୬୯-୯୫ |
| ଚାଣକ୍ୟ-ନ୍ୟୁଜ୍ ୨୪ | ୩୫୦ | ୯୫ | ୯୭ |
| ନେତା-ନ୍ୟୁଜ୍ ଏକ୍ସ | ୨୪୨ | ୧୬୪ | ୧୩୬ |

# ଓଡ଼ିଶା: ଭାଜପା ସପକ୍ଷରେ ଜନମତ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପା ପୂର୍ବାପେକ୍ଷା ବହୁତ ଭଲ ପ୍ରଦର୍ଶନ କରିବ ବୋଲି ଏକାଧିକ ଏକ୍‌ଜିଟ୍ ପୋଲ୍ ପକ୍ଷରୁ ଆକଳନ କରାଯାଇଛି। ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ରାଜ୍ୟର ୨୧ ଲୋକ ସଭା ଆସନ ମଧ୍ୟରୁ ଗୈରିକ ଦଳ ହାରାହାରି ୧୦ରୁ ୧୨ ଆସନ ଦଖଲ କରିବ ବୋଲି ଭବିଷ୍ୟବାଣୀ କରିଛନ୍ତି। ୨୦୧୪ ନିର୍ବାଚନରେ ଭାଜପା କେବଳ ସୁନ୍ଦରଗଡ଼ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଏକ୍‌ଜିଟ୍ ପୋଲ୍ ଆକଳନ ଅନୁସାରେ ଏଥର ବିଜେଡି ସବୁଠୁ ଖରାପ ପ୍ରଦର୍ଶନ କରିବ।



ଇଣ୍ଡିଆ ଟୁଡେ କରିଥିବା ସର୍ଭେ ଅନୁଯାୟୀ, ଭାଜପା ୧୫ରୁ ୧୯ ଆସନ ଜିତିବାର ସମ୍ଭାବନା ରହିଛି। ବିଜେଡିର ଆସନ ସଂଖ୍ୟା ୨୦ରୁ ହ୍ରାସପାଇ ୨ରୁ ୬ ମଧ୍ୟରେ ରହିପାରେ। ସେହିପରି କଂଗ୍ରେସ ଗତଥର ଖାତା ଖୋଲିପାରି ନ ଥିବାବେଳେ ଏଥର ଗୋଟିଏ ଆସନ ହାତେଇପାରେ। ଟାଇମ୍ସ ନାଓର ଆକଳନ ଅନୁଯାୟୀ ବିଜେଡି ୮, ଭାଜପା ୧୨ ଏବଂ କଂଗ୍ରେସ ୧ ଆସନ ପାଇବ। ରିପବ୍ଲିକ ସର୍ଭେରେ ବିଜେଡି ୧୦ ଓ ଭାଜପା ୧୧ ଆସନ ପାଇପାରେ। ସେହିପରି ଏନ୍‌ଡି ଟିଭିର ଆକଳନ କହୁଛି, ଭାଜପା ଓ ବିଜେଡିକୁ ୧୦ ଲେଖାଏ ଆସନ ମିଳିପାରେ। ଜନ୍ କୀ ବାତ୍ ଭାଜପାକୁ ୧୨, ବିଜେଡି ୮ ଏବଂ କଂଗ୍ରେସକୁ ଗୋଟିଏ ଆସନ ପ୍ରଦାନ କରିଛି। ହେଲେ ଇଣ୍ଡିଆ ଟିଭି ବିଜେଡି ସପକ୍ଷରେ ଜନମତ ଥିବା ପୂର୍ବାନୁମାନ କରିଛି। ତଦନୁଯାୟୀ ବିଜେଡି ୧୫ ଲୋକ ସଭା ଆସନରେ ବିଜୟୀ ହେବାକୁ ଥିବାବେଳେ ଭାଜପା ୬ ଆସନରେ ସଫଳତା ପାଇବ। ନ୍ୟୁଜ୍-୧୮ ବିଜେଡିକୁ ୧୨ରୁ ୧୪ ଏବଂ ଭାଜପାକୁ ୬ରୁ ୮ ଆସନ ପ୍ରଦାନ କରିଛି। ଏବିପି ପକ୍ଷରୁ କରାଯାଇଥିବା ସର୍ଭେରେ ଭାଜପାକୁ ୧୨ ଓ ବିଜେଡିକୁ ୯ ଆସନ ଦିଆଯାଇଛି।

**ଲୋକ ସଭା ଆସନକୁ ନେଇ ପୂର୍ବାନୁମାନ**







"କେନ୍ଦ୍ରରେ ପରବର୍ତ୍ତୀ ସରକାର ଭାଜପା କରିବ। ନରେନ୍ଦ୍ର ମୋଦିଙ୍କୁ ବିପୁଳ ଜନାଦେଶ ମିଳିବା ସହ ଦଳ ୩୦୦ରୁ ଅଧିକ ଆସନ ଜିତିବ। ଏହାସହ ଏନଡ଼ିଏକୁ ୪୦୦ରୁ ଅଧିକ ଆସନ ମିଳିବ।
-ଯୋଗୀ ଆଦିତ୍ୟନାଥ
ମୁଖ୍ୟମନ୍ତ୍ରୀ, ଉତ୍ତର ପ୍ରଦେଶ

# ଇଭିଏମ୍‌ରେ ଜନାଦେଶ, ୨୩କୁ ଅପେକ୍ଷା

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ପଶ୍ଚିମବଙ୍ଗ ଏବଂ ପଞ୍ଜାବର କେତେକ ସ୍ଥାନରେ ହିଂସାକାଣ୍ଡକୁ ବାଦ୍ ଦେଲେ ରବିବାର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିସହିତ ସପ୍ତଦଶ ଲୋକ ସଭା ନିମନ୍ତେ ମୋଟ ୫୪୨ ଆସନରେ ନିର୍ବାଚନ ସରିଛି। ବିପୁଳ ଅର୍ଥ ଜବତ ହେବା ଫଳରେ ତାମିଲନାଡୁର ଭେଲୋର ଆସନରେ ମତଦାନ ବାତିଲ କରାଯାଇଥିଲା। ନିର୍ବାଚନ ସରିବା ସହ ଜନାଦେଶ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ଏବେ ସମସ୍ତଙ୍କର ଅପେକ୍ଷା ୨୩ ତାରିଖକୁ। ସେଦିନ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବା ଆଶା କରାଯାଉଛି।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ପ୍ରକ୍ରିୟା କୁହାଯାଉଥିବା ଭାରତର ସାଧାରଣ ନିର୍ବାଚନରେ ପାଖାପାଖି ୯୦ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ଏପ୍ରିଲ ୧୧ରୁ ୭ ପର୍ଯ୍ୟାୟରେ ମତଦାନ କରାଯାଇଥିଲା। ଏଥିସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ ଓ ସିକ୍କିମ୍ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ସାରା ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ୭ଟି ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ଜମ୍ମୁ-କଶ୍ମୀରର ଅନନ୍ତନାଗ ଆସନରେ ତିନି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଭେଲୋରରେ ଅତ୍ୟଧିକ ଟଙ୍କା ଜବତ କାରଣରୁ ନିର୍ବାଚନ ବାତିଲ ହୋଇଥିବାବେଳେ ତ୍ରିପୁରା ପୂର୍ବ ଆସନରେ ମତଦାନ ଏପ୍ରିଲ ୧୮ରେ ହେବାକୁ ଥିବାବେଳେ ଆଇନଶୃଙ୍ଖଳା କାରଣରୁ ଏହାକୁ ଏପ୍ରିଲ ୨୩କୁ ଘୁଞ୍ଚାଇ ଦିଆଯାଇଥିଲା।



ବାରାଣସୀର ଏକ ମତଦାନ କେନ୍ଦ୍ରରେ ମହିଳା ଭୋଟରମାନେ ପରିଚୟ ପତ୍ର ଦେଖାଉଛନ୍ତି ।

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର କ୍ଷମତା ସଙ୍କୁଚିତ ହୋଇଥିବା ଟିଏମ୍‌ସି ସମେତ ବିଭିନ୍ନ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ନିର୍ବାଚନ କମିଶନ ନରେନ୍ଦ୍ର ମୋଦି ସରକାରଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବେରୋଜଗାରୀ, କୃଷି ଓ ଗ୍ରାମାଞ୍ଚଳ ସମସ୍ୟା, ମୁଦ୍ରାସ୍ଫୀତି, ଜିଡିପି ଅଭିବୃଦ୍ଧି ହ୍ରାସ ଆଦିକୁ କଂଗ୍ରେସ ପ୍ରସଙ୍ଗ କରିଥିଲା। ଅନ୍ୟପକ୍ଷରେ ଏଥର ନିର୍ବାଚନରେ ଜାତୀୟ ସୁରକ୍ଷା ଓ ଆତଙ୍କବାଦକୁ ପ୍ରସଙ୍ଗ କରିଥିଲା ଶାସକ ଦଳ ଭାଜପା। ପୁଲୱାମା ଆତଙ୍କବାଦୀ ଆକ୍ରମଣ, ପାକିସ୍ତାନର ବାଲାକୋଟରେ ବାୟୁସେନାର ଏୟାର ଷ୍ଟ୍ରାଇକ୍‌କୁ ପୁଞ୍ଜି କରି ଭାଜପା ଭୋଟ ସାଉଁଟିବାକୁ ଉଦ୍ୟମ କରିଥିଲା। ଦେଶର ସେନାବାହିନୀକୁ ବ୍ୟବହାର କରି ପ୍ରଧାନମନ୍ତ୍ରୀ ମୋଦି ଫାଇଦା ଉଠାଇବାକୁ ଉଦ୍ୟମ କରୁଥିବାରୁ ବିଭିନ୍ନ ଦଳ ପକ୍ଷରୁ ଏହାର ବିରୋଧ କରାଯାଇଥିଲା। ନିର୍ବାଚନ ପ୍ରଚାର ବେଳେ କେତେଜଣ ନେତାଙ୍କ ବିବାଦୀୟ ମନ୍ତବ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନିର୍ବାଚନ କମିଶନ ବିଭିନ୍ନ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

## ଅନ୍ତିମ ପର୍ଯ୍ୟାୟରେ ୬୧% ମତଦାନ
## ପଶ୍ଚିମବଙ୍ଗରେ ଭୋଟ ବେଳେ ହିଂସା

ରବିବାର ପଶ୍ଚିମବଙ୍ଗର କେତେକ ସ୍ଥାନରେ ବୋମାମାଡ଼ ସାଙ୍ଗକୁ ଗଣ୍ଡଗୋଳ ହୋଇଥିବା ଖବର ମିଳିଛି। ସେହିପରି ପଞ୍ଜାବର କେତେକ ସ୍ଥାନରେ ମଧ୍ୟ ସଂଘର୍ଷ ଘଟିଛି। ଏହି ପର୍ଯ୍ୟାୟରେ ୫୯ଟି ଆସନରେ ମତଦାନ ହୋଇଥିବାବେଳେ ମତଦାନ ହାର ୬୧ ପ୍ରତିଶତ ରହିଛି। କେତେକ ବୁଥ୍‌ରେ ଇଭିଏମ୍‌ରେ ସମସ୍ୟା ଦେଖାଦେଇଥିବାବେଳେ ଅନ୍ୟ କେତେକ ବୁଥ୍‌ରେ ଲୋକେ ଭୋଟବର୍ଜନ କରିଛନ୍ତି। ସପ୍ତମ ପର୍ଯ୍ୟାୟ ନିର୍ବାଚନରେ ୯୧୮ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ଏବଂ ଉତ୍ତରପ୍ରଦେଶ ଭାଜପା ସଭାପତି ମହେନ୍ଦ୍ର ନାଥ ପାଣ୍ଡେ, କେନ୍ଦ୍ରମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର, ରବିଶଙ୍କର ପ୍ରସାଦ, ଏସ୍ଏଡି ମୁଖ୍ୟ ସୁଖବୀର ସିଂ ବାଦଲ, କେନ୍ଦ୍ରମନ୍ତ୍ରୀ ହର୍‌ସିମ୍‌ରତ୍ କୌର୍ ବାଦଲ, ହରଦୀପ ସିଂ ପୁରୀ, କିରଣ ଖେର, ପୱନ କୁମାର ବଂଶଲ, ସନ୍ନି ଦେଓଲ, ଭଗୱନ୍ତ ସିଂ ମାନ୍, ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ୍ ବାନାର୍ଜୀ ଏବଂ ସୁଦୀପ ବନ୍ଦୋପାଧ୍ୟାୟ। ଅନ୍ତିମ ପର୍ଯ୍ୟାୟରେ ପଞ୍ଜାବ ଓ ଉତ୍ତରପ୍ରଦେଶର ୧୩ଟି ଲେଖାଏ ଆସନ, ପଶ୍ଚିମବଙ୍ଗର ୯, ମଧ୍ୟପ୍ରଦେଶ ଓ ବିହାରର ୮ଟି ଲେଖାଏ ଆସନ, ହିମାଚଳପ୍ରଦେଶର ୪, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଗୋଟିଏ ଆସନରେ ମତଦାନ ଶେଷ ହୋଇଛି। ଅପରାହ୍ଣ ୫ଟା ସୁଦ୍ଧା ଉତ୍ତରପ୍ରଦେଶରେ ୪୮.୯୦ ପ୍ରତିଶତ ମତଦାନ ହୋଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀରେ ୪୬.୫୩% ଭୋଟଗ୍ରହଣ ହୋଇଛି। ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଉକ୍ତ ରାଜ୍ୟର କେତେକ ସ୍ଥାନରେ ଭୋଟବେଳେ ହିଂସାକାଣ୍ଡ ଘଟିଛି। ମଧ୍ୟାହ୍ନ ସମୟରେ ଉତ୍ତର କୋଲକାତାର ଗିରିଶ ପାର୍କ ନିକଟରେ ବୋମା ଫିଙ୍ଗାଯାଇଥିବା ଭାଜପା ପ୍ରାର୍ଥୀ ରାହୁଲ ସିହ୍ନା ଅଭିଯୋଗ କରିଛନ୍ତି। ପୋଲିସ ଏହାକୁ ଅସ୍ୱୀକାର କରି ବାଣ ଫୁଟିଥିବା କହିଛି। ଦକ୍ଷିଣ କୋଲକାତାର ଏକ ବୁଥ୍ ଭିତରକୁ ଟିଏମ୍‌ସି ପ୍ରାର୍ଥୀ ମାଲା ରାୟଙ୍କୁ ଛଡାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବଳର ଯବାନମାନେ ବୁଥ୍ ନିକଟରେ ଭୋଟରଙ୍କୁ ପ୍ରଭାବିତ କରୁଥିବା ଟିଏମ୍‌ସି କର୍ମୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କୋଲକାତା ଓ ଏହାର ଆଖପାଖ ଅଞ୍ଚଳରେ ଗଣ୍ଡଗୋଳ ହୋଇଥିଲା। ସେହିପରି ଡାଇମଣ୍ଡ ହାର୍ବର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ନୀଳାଞ୍ଜନ ରାୟଙ୍କ କାରକୁ କିଛି ଦୁର୍ବୃତ୍ତ ଭଙ୍ଗାରୁଜା କରିଛନ୍ତି। ଯାଦବପୁରର ଭାଜପା ପ୍ରାର୍ଥୀ ଅନୁପମ ହାଜ୍‌ରାଙ୍କ କାରକୁ କିଛି ଅଜଣା ଲୋକ ଆକ୍ରମଣ କରିଛନ୍ତି। ଏହାକୁ ବାଦ୍ ଦେଲେ ଅନ୍ୟତ୍ର ମତଦାନ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ପଶ୍ଚିମବଙ୍ଗ ଓ ପଞ୍ଜାବ ସମେତ ବିଭିନ୍ନ ରାଜ୍ୟରେ ଇଭିଏମ୍ ସମସ୍ୟାକୁ ନେଇ ମତଦାନ ବିଳମ୍ବିତ ହୋଇଥିଲା।



ହିମାଚଳ ପ୍ରଦେଶର କିନୌରରେ ସ୍ୱାଧୀନ ଭାରତର ପ୍ରଥମ ଭୋଟର ଶ୍ୟାମ ଶରଣ ନେଗୀ (୧୦୩) ଭୋଟ ଦେବାକୁ ଯାଉଛନ୍ତି।

# ରାହୁଲ,ପାୱାରଙ୍କ ସହ ନାଇଡୁଙ୍କ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

**ନୂଆଦିଲ୍ଲୀ,୧୯।୫(ପି.ଟି.)**

କେନ୍ଦ୍ରରେ ଅଣଭାଜପା ସରକାର ଗଠନ ଲାଗି ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ପ୍ରୟାସ ଜୋର୍ ଧରିଛି। ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଏନସିପି ମୁଖ୍ୟ ଶରଦ ପାୱାର, ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ, ବିଏସ୍‌ପି ମୁଖ୍ୟ ମାୟାବତୀ, ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଓ ସିପିଆଇ ନେତାମାନଙ୍କୁ ଭେଟି ଟିଡିପି ନେତା ଚନ୍ଦ୍ରାବାବୁ ନାଇଡୁ ଆଲୋଚନା କରିଥିଲାବେଳେ ପୁଣି ରବିବାର ରାହୁଲ ଓ ପାୱାରଙ୍କୁ ଭେଟିଛନ୍ତି। ଏହାପରେ ସେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ପରିସ୍ଥିତି ସମ୍ପର୍କରେ ଦୀର୍ଘ ୪୫ ମିନିଟ୍ ଆଲୋଚନା କରିଛନ୍ତି। ଏସ୍‌ପି ଓ ବିଏସ୍‌ପି ଖୋଲାଖୋଲିଭାବେ ବିରୋଧୀ ମେଣ୍ଟକୁ ସମର୍ଥନ ଦେଇ ନ ଥିବାବେଳେ ରବିବାର ନାଇଡୁ କଂଗ୍ରେସ ଓ ଏନ୍‌ସିପି ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିବା ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଏନ୍‌ଡ଼ିଏ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବ୍ୟର୍ଥ ହେଲେ ଅଣଏନଡ଼ିଏ ଦଳଗୁଡ଼ିକୁ ନେଇ କେନ୍ଦ୍ରରେ କିପରି ସରକାର ଗଠନ କରାଯିବ ସେଥିଲାଗି ପ୍ରୟାସ ଚାଲିଛି। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ୍, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ୍ ୟେଚୁରୀ ପ୍ରମୁଖ ଅଣଏନଡ଼ିଏ ଦଳଗୁଡ଼ିକ ସହ ନାଇଡୁ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିସାରିଛନ୍ତି। କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜୋର୍ ଧରିଥିବାବେଳେ ଭୋଟ ଫଳାଫଳ ଉପରେ ସମସ୍ତଙ୍କ ନଜର୍ ରହିଛି।

# ମଣିପୁରରେ ୨ ଆତଙ୍କବାଦୀ ଗିରଫ

**ଇମ୍ଫାଲ୍,୧୯।୫(ପି.ଟି.):** ମଣିପୁରର କାକ୍‌ଚିଙ୍ଗ୍ ଜିଲାରେ ପୋଲିସ ୨ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗିରଫ ଆତଙ୍କବାଦୀମାନେ ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲାଣ୍ଡ, ଆଇଜାକ୍-ମୁଇଭା(ଏନ୍‌ଏସ୍‌ସିଏନ୍-ଆଇଏମ୍) ଗୋଷ୍ଠୀର ବୋଲି ପୋଲିସ ରବିବାର ପ୍ରକାଶ କରିଛି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

GF Global Focus® education Pvt.ltd
www.globalfocus.in
Brings the Best Oppurtunity
STUDY MBBS IN UKRAINE
KHARKIV NATIONAL MEDICAL UNIVERSITY
RS 1.7 LAKHS PER SEM
T.SHEVCHENKO NATIONAL UNIVERSITY OF KYIV
RS 1.6 LAKHS PER SEM
V N KARAZIN KHARKIV NATIONAL UNIVERSITY
RS 1.6 LAKHS PER SEM
KHARKIV INTERNATIONAL MEDICAL UNIVERSITY
RS 1.4 LAKHS PER SEM
VINNITSA NATIONAL MEDICAL UNIVERSITY
RS 1.7 LAKHS PER SEM
KYIV MEDICAL UNIVERSITY
RS 1.2 LAKHS PER SEM
- MCI recognised Govt. Universities
- Indian Mess & Food
- 6000+ Indian Students
- 1000+ Students from Odisha
- Separate Hostel for Boys & Girls
- NEET Score is mandatory
GUARANTEE 100% LOAN GUARANTEE
SCHOLARSHIP of Rs.70,000/-
Call - 9692123000,9439484500
382,Bhoi Nagar, Bhubaneswar -22, Odisha

■ ଇସିଙ୍କୁ ଭାଜପାର ଅନୁରୋଧ

# ଆଦର୍ଶ ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ରହୁ କେନ୍ଦ୍ରୀୟ ବଳ

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସାକୁ ନେଇ ଭାଜପା ନିର୍ବାଚନ କମିଶନଙ୍କ ଆଗରେ ଆପତ୍ତି ଉଠାଇବା ସହ ନିର୍ବାଚନ ପରେ କେତେକ ଭୋଟରଙ୍କୁ ଟାର୍ଗେଟ କରି ଶାସକ ଟିଏମ୍‌ସି ପୁଣି ହିଂସା ଘଟାଇବା ଆଶଙ୍କା ଥିବାରୁ ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଫୋର୍ସକୁ ରଖାଯିବା ଲାଗି ଅନୁରୋଧ କରିଛି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀଥାରମଣ କହିଛନ୍ତି ଯେ, ରବିବାର ପଶ୍ଚିମବଙ୍ଗରେ ହୋଇଥିବା ୯ ଆସନ ମଧ୍ୟରୁ ୬ଟିରେ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଭାଜପା ପ୍ରାର୍ଥୀଙ୍କ ଉପରେ ଟିଏମ୍‌ସି ସମର୍ଥକମାନେ ଆକ୍ରମଣ କରିବା ମମତା ବିରୋଧୀ ମତଦାତାଙ୍କୁ ବୁଥ ଭିତରକୁ ନଛାଡ଼ିବା ଭଳି ଘଟଣା ଘଟିଛି। ଏହାକୁ ନିର୍ବାଚନ କମିଶନ ଗୁରୁତର ସହ ନେବାକୁ ସେ କହିଛନ୍ତି। ମମତା ପ୍ରତିଶୋଧ ନେବା କଥା କହୁଥିବାବେଳେ ଟିଏମ୍‌ସି କର୍ମୀମାନେ ଲୋକଙ୍କୁ ସର୍ବସମ୍ମୁଖରେ ପିଟୁଛନ୍ତି। ମମତା ବିରୋଧୀ ଭୋଟର ଆତଙ୍କରେ ଅଛନ୍ତି। ଭୋଟ ପରେ ବି ହିଂସା ଜାରି ରହିବାର ଆଶଙ୍କା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଫୋର୍ସ ରଖିବା ଜରୁରୀ ବୋଲି ସୀଥାରମଣ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ମେ ୨୩ ତାରିଖରେ ଭୋଟଗଣତି ହେଉଥିବାବେଳେ ୨୭ ପର୍ଯ୍ୟନ୍ତ ଆଚରଣ ବିଧି ଲାଗୁ ରହିବ।

# ବହୁ କେନ୍ଦ୍ରମନ୍ତ୍ରୀ ସରକାରୀ ବଙ୍ଗଳା ଭଡ଼ା ବାକି ରଖିଛନ୍ତି

**ନୂଆଦିଲ୍ଲୀ,୧୯।୫**

## ଆର୍‌ଟିଆଇ ତଥ୍ୟ

ବହୁ କେନ୍ଦ୍ରମନ୍ତ୍ରୀ ସେମାନେ ରହୁଥିବା ସରକାରୀ ବଙ୍ଗଳାର ଭଡ଼ା ବାକି ରଖିଥିବା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକର, ନିର୍ମଳା ସୀଥାରମଣ, ସୁଷମା ସ୍ୱରାଜ, ବିଜୟ ଗୋଏଲ୍, ମୁକ୍ତାର ଆବାସ୍ ନକଭି, ଜିତେନ୍ଦ୍ର ସିଂ ପ୍ରମୁଖ ସରକାରୀ ବଙ୍ଗଳା ଭଡ଼ା ବାକି ରଖିଛନ୍ତି। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହା ଦର୍ଶାଯାଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଆବାସ ନକ୍‌ଭି ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ନାମରେ ବହୁ ଭଡ଼ା ବାକି ରହିଥିବା ଜଣାପଡ଼ିଛି। ନକ୍‌ଭିଙ୍କ ୧.୪୬ ଲକ୍ଷ ଓ ସିଂଙ୍କ ୩.୧୮ ଲକ୍ଷ ଟଙ୍କା ଭଡ଼ା ବାକିରହିଛି। ଅଜିଥ୍ କୁମାର ସିଂ ନାମକ ଯୁବକ ଏନେଇ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣଙ୍କ ୫୩,୨୭୬ ଟଙ୍କା, ଜାଭଡେକର୍‌ଙ୍କ ୮୬,୯୨୩ ଟଙ୍କା, ଗୋଏଲ୍‌ଙ୍କ ୩ ଲକ୍ଷ ଟଙ୍କା ବାକି ରହିଥିବା ଜଣାପଡ଼ିଛି।

# ନିର୍ବାଚନ ବେଳେ ୩,୪୪୯ କୋଟି ଟଙ୍କା ଜବତ



**ନୂଆଦିଲ୍ଲୀ,୧୯।୫ (ପି.ଟି.)**

ଲୋକ ସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ଦେଶର ବିଭିନ୍ନ ସ୍ଥାନରୁ ମୋଟ ୩୪୪୯.୧୨ କୋଟି ଟଙ୍କା ମୂଲ୍ୟର ନଗଦ ଅର୍ଥ, ଡ୍ରଗ୍ସ, ମଦ ଓ ଅନ୍ୟାନ୍ୟ ଦାମୀ ସାମଗ୍ରୀ ଜବତ ହୋଇଥିବା ନିର୍ବାଚନ କମିଶନ (ଇସି) ରବିବାର ସୂଚନା ଦେଇଛନ୍ତି। ୨୦୧୪ ତୁଳନାରେ ଏଥର ପାଖାପାଖି ତିନିଗୁଣ ଅଧିକ ଅର୍ଥ ଜବତ ହୋଇଛି। ୨୦୧୪ ସାଧାରଣ ନିର୍ବାଚନ ବେଳେ ମୋଟ ୧୨୦୬ କୋଟି ଟଙ୍କାର ନଗଦ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା ବୋଲି ଇସି ମହାନିର୍ଦ୍ଦେଶକ (ନିର୍ବାଚନ ଖର୍ଚ୍ଚ) ଦିଲୀପ ଶର୍ମା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମାର୍ଚ୍ଚ ୧୦ରେ ଇସି ନିର୍ବାଚନ ଲାଗି ତାରିଖ ଘୋଷଣା କରିଥିଲେ। ମାର୍ଚ୍ଚ ୧୦ରୁ ମେ ୧୯ ମଧ୍ୟରେ ୮୩୯.୦୩ କୋଟି ଟଙ୍କାର ନଗଦ ଅର୍ଥ, ୨୯୪.୪୧ କୋଟି ଟଙ୍କାର ମଦ, ୧୨୭୦.୩୭ କୋଟି ଟଙ୍କାର ଡ୍ରଗ୍ସ, ୯୮୬.୭୬ କୋଟି ଟଙ୍କାର ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମର୍ଗୀ ଏବଂ ୫୮.୫୬ କୋଟି ଟଙ୍କାର ଶାଢ଼ୀ, ହାତଘଡ଼ି ଏବଂ ଭୋଟରଙ୍କୁ ବଣ୍ଟାଯିବାକୁ ଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

## ଇତିହାସର ଆଇନାରେ
### ମେ ୨୦ର ପ୍ରମୁଖ ଘଟଣା

୧୯୮୫ ମେ ୨୦ରେ ପାର୍ଟି ଅଫ୍ ଦି ଭଏସ୍ ଅଫ୍ ଆମେରିକା ସର୍ଭିସ 'ରେଡିଓ ମାର୍ତ୍ତି' କ୍ୟୁବାକୁ ଏହାର କାର୍ଯ୍ୟକ୍ରମ ପ୍ରସାରଣ କରିଥିଲା। ରେଡିଓ ଟେଲିଭିଜନ୍ ମାର୍ତ୍ତି ହେଉଛି ଆମେରିକାର ବେତାର ଓ ଦୂରଦର୍ଶନ ଅନ୍ତର୍ଜାତୀୟ ପ୍ରସାରଣ ସେବା।

୨୦୧୨ ମେ ୨୦ରେ ଇଟାଲିର ଉତ୍ତରଭାଗରେ ୬.୦ ତୀବ୍ରତାର ଭୂମିକମ୍ପ ଯୋଗୁ ୨୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ ଆହତ ହୋଇଥିଲେ। ଏଥିସହିତ ବ୍ୟାପକ ଧନସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିଲା।

# କେଦାରନାଥ ପରେ ବଦ୍ରିନାଥରେ ମୋଦି

**ବାରାଣସୀ,୧୯।୫**



## ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କେଦାରନାଥ ଓ ରବିବାର ବଦ୍ରିନାଥ ଗସ୍ତ କରିଛନ୍ତି। ଶେଷ ପର୍ଯ୍ୟାୟ ଭୋଟବେଳେ ମୋଦିଙ୍କ କେଦାରନାଥ ଗସ୍ତକୁ ଟିଭିରେ ଘନ ଘନ ପ୍ରସାରଣ କରାଯିବା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି ବୋଲି ଟିଏମ୍‌ସି କହିବା ସହ ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। ଟିଏମ୍‌ସି ନେତା ଡେରେକ୍ ଓବ୍ରିଏନ୍ ଚିଠି ଲେଖି ଏହା ଅନୈତିକ ଓ ଭୋଟରଙ୍କୁ ପରୋକ୍ଷଭାବେ ପ୍ରଭାବିତ କରିବା ଲାଗି ଉଦ୍ଦିଷ୍ଟ ଥିଲା ବୋଲି ଦର୍ଶାଇଛନ୍ତି। ଇସି ତୁରନ୍ତ ଏଭଳି ପ୍ରସାରଣକୁ ବନ୍ଦକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଅନୁରୂପଭାବେ ଟିଡିପି ପକ୍ଷରୁ ଏହା ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ନିର୍ବାଚନ କମିଶନଙ୍କୁ ଚିଠି ଲେଖି ଜଣାଯାଇଛି। ସେପଟେ ପ୍ରଧାନମନ୍ତ୍ରୀ କେଦାରନାଥ ଯାତ୍ରା ଲାଗି ଅନୁମତି ଦେଇଥିବାରୁ ନିର୍ବାଚନ କମିଶନଙ୍କ ଧନ୍ୟବାଦ ଜଣାଇଛନ୍ତି।




# ଏକ୍‌ଜିଟ୍ ପୋଲ୍‌କୁ ନେଇ ଭାଜପା ଉତ୍ସାହିତ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ସାଧାରଣ ନିର୍ବାଚନ-୨୦୧୯ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୩ ଦିନ ପରେ ଭୋଟ ଗଣତି ହେବ। ପୂର୍ବ ୩ ଥର ଭଳି ଏଥର ମଧ୍ୟ ରାଜ୍ୟରେ ଏକ ସଙ୍ଗରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଚଳିତଥର ନିର୍ବାଚନରେ ଲୋକ ସଭା ସିଟ୍‌କୁ ନେଇ ଭୋଟରଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଦୀର୍ଘ ୧୯ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ନିର୍ବାଚନ ପ୍ରଚାରରେ ଲୋକ ସଭା ଆସନକୁ ଅଧିକ ଗୁରୁତ୍ୱ ଦେଇଥିଲା। ଏପରିକି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିଜେଡି ୨୧ରୁ ୨୧ ଲୋକ ସଭା ଜିତିବା ନେଇ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ହେଲେ ଭାଜପା ସଙ୍ଗଠିତ ଭାବେ ପ୍ରତି ସିଟ୍‌ରେ ବିଜେଡିକୁ କଡା ଟକ୍କର ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ। ଗତଥର ପଶ୍ଚିମ ଓଡ଼ିଶାରେ ଭାଜପାର ଲୋକ ସଭା ଭୋଟ ହାର ଭଲ ରହିଥିଲା। ତେଣୁ ସେହି ଅଞ୍ଚଳରେ ବିଜେଡି ସପକ୍ଷରେ ଜନମତ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାର ବିଜେପୁରରୁ ବିଧାନସଭା ପ୍ରାର୍ଥୀ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଥମରୁ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି କୁହାଯାଉଥିଲା। ହେଲେ ନିର୍ବାଚନ ନିକଟତର ହେବା ସହ କଂଗ୍ରେସକୁ ନେଇ ଭୋଟରଙ୍କ ଉତ୍ସାହ କମିବା ଦେଖିବାକୁ ମିଳିଥିଲା।

ଫଳାଫଳ ଆସି ନାହିଁ ସତ, ହେଲେ ଏକାଧିକ ସଂସ୍ଥାର ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ଜନମତ ବିଜେଡି ବିପକ୍ଷରେ ଏବଂ ଭାଜପା ସପକ୍ଷରେ ଯାଇଛି। ଭୁବନେଶ୍ୱର, ପୁରୀ, କେନ୍ଦୁଝର, ଆସିକା, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ ଲୋକ ସଭା ଆସନରେ ବିଜେଡି ପରାଜିତ ହେବା ସମ୍ଭାବନା ରହିଛି। ସେହିପରି ରାଜ୍ୟସ୍ତରୀୟ କେତେଜଣ ରାଜନୈତିକ ସମୀକ୍ଷକଙ୍କ ଆକଳନ ଅନୁଯାୟୀ କେତେଜଣ ବିଜେଡି ନେତା ତୃଣମୂଳରେ ଭୋଟରଙ୍କ ରୋଷର ଶିକାର ହୋଇଛନ୍ତି। ତେଣୁ ବିଜେଡି ବିଧାନସଭାରେ ପୂର୍ବ ସଫଳତା ବଜାୟ ରଖିବା କାଠିକର ପାଠ ହେବ ବୋଲି କୁହାଯାଉଛି। ବୌଦ୍ଧ, କନ୍ଧମାଳ, ବଡ଼ମ୍ବା, କଟକ-ବାରବାଟୀ, ବସ୍ତା, ଜଟଣୀ, ବେଗୁନିଆ, ବ୍ରହ୍ମଗିରି, ଉମରକୋଟ, ନବରଙ୍ଗପୁର, ମାଲକାନଗିରି, ଚିତ୍ରକୋଣ୍ଡା, ସୋରଡା, ଗୋପାଳପୁର, ଛତ୍ରପୁର, ପାରଳାଖେମୁଣ୍ଡି, ରାୟଗଡ଼ା, କୋରେଇ, କେନ୍ଦ୍ରାପଡ଼ା ଭଳି ଆସନ ଫଳାଫଳ ବିଜେଡିକୁ ଚକିତ କରିପାରେ।

ଏକ୍‌ଜିଟ୍ ପୋଲ୍ ଆକଳନକୁ ନେଇ କଂଗ୍ରେସ ନେତା ଶରତ ରାଉତ କହିଛନ୍ତି, ଏକଜିଟ୍ ପୋଲ ଅନ୍ଧାରକୁ ଟେକା ମାରିବା ଭଳି। ବାଜିଲେ ଭଲ, ନ ହେଲେ ନାମ ନେଲ। ଅତୀତରେ ୨୦୦୪ ଲୋକ ସଭା, ୨୦୧୫ ଦିଲ୍ଲୀ ଏବଂ ବିହାର ବିଧାନସଭା ନିର୍ବାଚନ ସମ୍ପର୍କିତ ଏକ୍‌ଜିଟ୍ ପୋଲ୍ ଭୁଲ ପ୍ରମାଣିତ ହୋଇଛି। ତେଣୁ ୨୩କୁ ଅପେକ୍ଷା କରାଯାଉ। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଆକଳନ ସତ୍ୟ ପ୍ରମାଣିତ ହେବାକୁ ଯାଉଛି। ଓଡ଼ିଶାରେ କେବଳ ଲୋକ ସଭା ନୁହେଁ, ଭାଜପା ବିଧାନସଭା ନିର୍ବାଚନରେ ବି ଭଲ ଫଳାଫଳ କରିବ। ଏମିତିକି ବିଜେଡିକୁ ହଟାଇ ରାଜ୍ୟ ସଚିବାଳୟ ଦଖଲ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଭିନ୍ନ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ କରାଯାଇଥାଏ। ଏହାକୁ ନେଇ ପ୍ରତିକ୍ରିୟା ଦେବାକୁ ଉଚିତ ମନେ କରୁନାହିଁ।

## ଲୋକ ସଭା ପ୍ରାର୍ଥୀ ଅନୁଭବଙ୍କୁ ହତ୍ୟା ଧମକ ଘଟଣା

# ଗୁଜରାଟରୁ ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୯।୫**

କେନ୍ଦ୍ରାପଡା ଲୋକ ସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତିଙ୍କୁ ହତ୍ୟା ଧମକ ଦେବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ଦୀପୁ ବାରିକ ଓରଫ କାଳିଆ(୨୨)। ତାଙ୍କ ଘର ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳରେ ହୋଇଥିବାବେଳେ ସେ ବାଦାମବାଡି ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୩୦ ତାରିଖରେ ଅନୁଭବଙ୍କ ଫୋନ୍‌କୁ ହ୍ୱାଟ୍ସଆପ୍‌ରେ ମେସେଜ କରି କାଳିଆ ୧୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଟଙ୍କା ନ ଦେଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅନୁଭବ ପୁରୀଘାଟ ଥାନାରେ ଉକ୍ତ ଦିନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୧/୧୯) ରୁଜୁ କରି ତଦନ୍ତ କରିଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଅଭିଯୁକ୍ତ ଜଣଙ୍କ ଗୁଜରାଟ ପଳାଇ ଯାଇ ସେଠାରେ କାମ କରୁଥିଲେ। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରିଥିଲା। ପରେ ପୁରୀଘାଟ ପୋଲିସର ଏକ ସ୍ପେଶାଲ ସ୍କ୍ୱାଡ ଗୁଜରାଟ ଯାଇ ଦୀପୁଙ୍କୁ ଗିରଫ କରିବା ସହ କଟକ ଆଣିଥିଲା।


ଦୀପୁ ବାରିକ

# ୩୪ ବୁଥ୍‌ରେ ୭୩ ପ୍ରତିଶତ ମତଦାନ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ନିର୍ବାଚନ ସମୟରେ ତୃତୀୟ(ଏପ୍ରିଲ ୨୩) ଓ ଚତୁର୍ଥ (ଏପ୍ରିଲ ୨୯) ପର୍ଯ୍ୟାୟରେ ମନୁଷ୍ୟକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ଥିବା ୩୪ଟି ବୁଥ୍‌ରେ ରବିବାର ସାନି ମତଦାନ ଅନୁଷ୍ଠିତ ହୋଇଛି। ଏଥିରୁ ତୃତୀୟ ପର୍ଯ୍ୟାୟର ୧୨ଟି ଏବଂ ଚତୁର୍ଥ ପର୍ଯ୍ୟାୟର ୨୨ ବୁଥ୍‌ର ଭୋଟର ମତଦାନ କରିଛନ୍ତି। ଏହି ସମସ୍ତ ବୁଥ୍‌ରେ ପ୍ରାୟ ୭୩ପ୍ରତିଶତ ଭୋଟର ମତଦାନ କରିଛନ୍ତି। ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ୧୯୬, ଦେବଗଡର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରାର ୧୭୧, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୧୨୭, ବିଞ୍ଝାରପୁରର ୧୩୫ ଓ ୧୯୧ ଏବଂ ବରୀ ନିର୍ବାଚନମଣ୍ଡଳୀର ୮୨, ୧୮୫ ଓ ୧୬୨, ୧୬୩ ଓ ୧୯୪, ସୁକିନ୍ଦାର ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରପୋଷୀର ୧୦୪, ବାରିପଦାର ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭,୫୮, ୧୪୪ ଓ ୧୫୭, ସାଲେପୁରର ୮୭,୩୯ ଏବଂ ପାରାଦୀପର ୩୯ନମ୍ବର ବୁଥ୍‌ରେ ସାନି ମତଦାନ ଅନୁଷ୍ଠିତ ହୋଇଛି। ଏହିସବୁ ବୁଥ୍‌ରେ ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ସବୁ ବୁଥ୍‌ରେ ଭୋଟରମାନେ ଆଗ୍ରହ ସହକାରେ ମତଦାନ ସାବ୍ୟସ୍ତ କରିଛନ୍ତି।

## ୪୪.୫ ଡିଗ୍ରୀରେ ଟିଟିଲାଗଡ଼

# ୮ ଜିଲାରେ ଜାରି ରହିବ ହିଟ୍ ୱେଭ୍

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ରାଜ୍ୟରେ ଅସମ୍ଭାଳ ହୋଇପଡ଼ିଛି ତାତି। ଅଧିକାଂଶ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହୁଛି। ତାତି ଯେତିକି କଷ୍ଟ ଦେଉଛି, ତା'ଠୁ ବଳିପଡୁଛି ଗୁଳୁଗୁଳି। ଶନିବାର ଅପେକ୍ଷା ରବିବାର ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ବେଳେ ୧୩ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ ୪୪.୫ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ସମ୍ବଲପୁର ୪୪.୪, ବଲାଙ୍ଗୀର ଓ ସୋନପୁର ୪୪, ହୀରାକୁଦ ୪୩.୩, ଝାରସୁଗୁଡ଼ା ଓ ଭବାନୀପାଟଣା ୪୩, ଅନୁଗୋଳ ଓ ତାଳଚେର ୪୨.୧, ମାଲକାନଗିରି ୪୨ ଏବଂ ସୁନ୍ଦରଗଡ଼ ୪୧.୫ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏହାସହ କଟକ ୩୯.୪ ଓ ଭୁବନେଶ୍ୱର ୩୯.୭ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ସହରରେ ହିଟ୍ ୱେଭ୍ ଜାରି ରହିବ। ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଆଦି ୮ଜିଲାରେ ହିଟ୍ ୱେଭ୍ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷକରି ଖରାରେ ନ ବାହାରିବା, କାମ କରିବା ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ପାଣି ରଖିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ମଧ୍ୟରେ ବାହାରକୁ ନ ବାହାରିବାକୁ କୁହାଯାଇଛି। ଜରୁରୀ କାମ ଥିଲେ ମୁଣ୍ଡରେ ଓଦା କପଡ଼ା ପକାଇବାକୁ ପରାମର୍ଶ ଦେଇଛି ବିଭାଗ। ରୋଷେଇ କରିବା ସମୟରେ ଝରକା, କବାଟ ଖୋଲା ରଖିବାକୁ ବି ଓସ୍‌ଡମା ପରାମର୍ଶ ଦେଇଛି।

ସେପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ସମ୍ବଲପୁର, ଦେବଗଡ଼ ଓ ମୟୂରଭଞ୍ଜର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସମ୍ଭାବନା ରହିଛି। ତେବେ ୨୧ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ କାଳବୈଶାଖୀ ହୋଇପାରେ। ଏହି ସମୟରେ ୪୦ରୁ ୫୦କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତର ସମ୍ଭାବନା ରହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଶି
ପରିବାରବର୍ଗ


ରିଦିମା
ପରିବାରବର୍ଗ


ଜୁହି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଇନ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ ଅଫିସ,୧୯।୫**

ମଧୁସୂଦନ ଆଇନ ମହାବିଦ୍ୟାଳୟର ହଷ୍ଟେଲରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଶନିବାର ବିଳମ୍ବିତ ରାତିରେ ମାଲଗୋଦାମ ପୋଲିସ ଉଦ୍ଧାର କରିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗର ଅଞ୍ଚଳର ଅଜିତ୍ କୁମାର ସେଠୀ(୨୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୨୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ଅଜିତ୍ ସାଙ୍ଗମାନଙ୍କ ସହ ଭଲ ଭାବେ କଥା ହୋଇଥିଲେ। ରାତି ୧୦ଟାରେ ଖାଇବା ପରେ ଶୋଇବାକୁ ନିଜ ରୁମ୍‌କୁ ଯାଇଥିଲେ। ତେବେ ସେ ରୁମ୍‌କୁ ଯିବାପରେ କବାଟ ବନ୍ଦ କରି ଦେଇଥିଲେ। ତାଙ୍କର ସାଙ୍ଗମାନେ ରାତି ୧୨ଟାରେ ଉକ୍ତ ରୁମ୍‌ର କବାଟ ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ସେମାନେ କବାଟ ଭାଙ୍ଗି ଭିତରକୁ ପଶିବାରୁ ଅଜିତ୍ ଗାମୁଛା ସାହାଯ୍ୟରେ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କର ସାଙ୍ଗମାନେ ତାଙ୍କୁ ତଳକୁ ଆଣିବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ରବିବାର କଟକ ବଡ ଡାକ୍ତରଖାନାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପ୍ରେମ ବ୍ୟାପାରକୁ ନେଇ ସେ ଆତ୍ମହତ୍ୟା କରିଥିବା ତାଙ୍କ ସାଙ୍ଗମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି ରବିନାରାୟଣ ଭଞ୍ଜ କହିଛନ୍ତି। ସୂଚନାଯୋଗ୍ୟ, ଅଜିତ୍ ଉକ୍ତ କଲେଜରେ ଏଲ୍‌ଏଲ୍‌ବିର ଦ୍ୱିତୀୟ ବର୍ଷ ଛାତ୍ର ଥିଲେ।

### ଶ୍ରୀମନ୍ଦିର କ୍ଷୟକ୍ଷତି ଅନୁଧ୍ୟାନ କଲେ ଧର୍ମେନ୍ଦ୍ର ପ୍ରଧାନ

# ରଥଯାତ୍ରା ସୁଦ୍ଧା ଫେରିବ ସ୍ୱାଭାବିକ ଅବସ୍ଥା

**ପୁରୀ ଅଫିସ, ୧୯।୫**

ବାତ୍ୟା 'ଫନୀ'ରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସ୍ଥାନୀୟ ଦଳୀୟ ନେତୃବୃନ୍ଦଙ୍କ ସହ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ସେବକ ମଧୁସୂଦନ ସିଂହାରୀ ପ୍ରମୁଖ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନପୂର୍ବକ ସ୍ୱାଗତ ଜଣାଇଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ମନ୍ଦିରକୁ ପ୍ରବେଶ କରିଥିଲେ। ଭିତରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିସର ବୁଲିଥିଲେ। ଦେବଦେବୀଙ୍କୁ ଦର୍ଶନ କରିସାରିବା ପରେ ଶ୍ରୀମନ୍ଦିରର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଏଏସ୍‌ଆଇ ଅଧିକାରୀଙ୍କ ସହ କ୍ଷୟକ୍ଷତି ନେଇ ଆଲୋଚନା କରିବା ସହ ମରାମତି କେମିତି ଚାଲିଛି ତାହା ବୁଝିଥିଲେ।

ପ୍ରାୟ ଦେଢ଼ଘଣ୍ଟା ମନ୍ଦିରରେ ବିତାଇବା ପରେ ବାହାରକୁ ଆସିଥିଲେ କେନ୍ଦ୍ରମନ୍ତ୍ରୀ ପ୍ରଧାନ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ ଯେ, ବାତ୍ୟା ଲାଗି ପୁରୀ ଅଞ୍ଚଳରେ ଅପୂରଣୀୟ କ୍ଷତି ହୋଇଛି। କିନ୍ତୁ ବାତ୍ୟା ଯେଉଁଭଳି ରୂପ ଧାରଣ କରିଥିଲା, ସେଥିରେ ଯେତିକି କ୍ଷତି ହେବାକଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସେପରି କିଛି ହୋଇନି। ତଥାପି ଅନେକ କ୍ଷୟକ୍ଷତି ହୋଇଛି। ଜନଜୀବନ, ପ୍ରାଣୀସମ୍ପଦ ସହିତ ଗରିବ ଲୋକେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଶ୍ରୀମନ୍ଦିର ଭିତରେ ବି ଅନେକ କ୍ଷୟକ୍ଷତି ଘଟିଛି। କଳ୍ପବଟ ବି ବାତ୍ୟାର ଶିକାର ହୋଇଛି। ବର୍ତ୍ତମାନ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥା ଫେରୁଥିବା ବେଳେ ଅନେକ କାମ ବାକି ରହିଛି। ଟେଲିଫୋନ୍, ବିଜୁଳି, ପିଇବା ପାଣି ସ୍ୱାଭାବିକ ହେବାରେ ଲାଗିଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ରଥଯାତ୍ରା ସୁଦ୍ଧା ପୁରୀର ସ୍ୱାଭାବିକ ଅବସ୍ଥା ଫେରିଆସିବ ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ଶ୍ରୀମନ୍ଦିର କ୍ଷୟକ୍ଷତି ନେଇ ଏଏସ୍‌ଆଇ ଅଧିକାରୀଙ୍କ ସହ ଆଲୋଚନା କରିଛି। ପୂର୍ବରୁ ମଧ୍ୟ ଏଏସ୍‌ଆଇ ଡିଜିଙ୍କ ସହ ଆଲୋଚନା କରିଥିଲି। ଏଏସ୍‌ଆଇ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଦେଇଛି। ଖୁବ୍‌ଶୀଘ୍ର ମନ୍ଦିରର ମରାମତି କାମ ସରିବ ବୋଲି ଏଏସ୍‌ଆଇ ଆଶ୍ୱାସନା ଦେଇଥିବା ଧର୍ମେନ୍ଦ୍ର କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଏନ୍‌ଡିଏକୁ...

ବୋଲି ଏହି ସଂସ୍ଥା କହିଛି। ନ୍ୟୁଜ୍ ୧୮ ଅନୁସାରେ ଏନ୍‌ଡିଏ ୨୯୨-୩୧୨ ଏବଂ ଉପା ୬୨-୭୨ ଆସନ ପାଇବ। ସିଭୋଟର-ଆଇଏଏନ୍‌ଏସ୍ ଅନୁଯାୟୀ ଭାଜପା ୨୩୬ ଆସନରେ ବିଜୟୀ ହେବ କିନ୍ତୁ ଏକାକୀ ସରକାର ଗଠନ କରିପାରିବ ନାହିଁ। ଏନ୍‌ଡିଏ ୨୮୭ ଆସନରେ ସଫଳତା ସହ ସଂଖ୍ୟାଗରିଷ୍ଠତା ହାସଲ କରିବ। ସେହିପରି ୨୦୧୪ରେ ୪୪ ଆସନ ପାଇଥିବା କଂଗ୍ରେସ ଏଥର ୮୦ ଆସନରେ ବିଜୟୀ ହେବ। ଉପା ପୂର୍ବରୁ ୫୯ ଆସନ ଦଖଲ କରିଥିବାବେଳେ ଏଥର ୧୨୮ଟି ହାସଲ କରିପାରେ ବୋଲି ସିଭୋଟର-ଆଇଏଏନ୍‌ଏସ୍ କହିଛି। ଏହି ଏକ୍‌ଜିଟ୍ ପୋଲର ଆକଳନ ଅନୁସାରେ ବିପିଏଫ୍ ୧, ଜେଡିୟୁ+ଏଲ୍‌ଜେପି ୨୦, ଶିବସେନା ୧୫, ଏନ୍‌ପିପି ୧, ଏନ୍‌ଡିପିପି ୧, ଶିରୋମଣି ଅକାଳି ଦଳ ୧, ଏପିପିଏମ୍ ୧, ଏଆଇଏଡିଏମ୍‌କେ+ ୧୦ ଏବଂ ଅପ୍‌ନା ଦଳ ଗୋଟିଏ ଆସନ ପାଇବେ। ସେହିପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ଭାଜପା କ୍ଷତିଗ୍ରସ୍ତ ହେବ। ଏଠାରେ ଗୈରିକ ଦଳକୁ ୪୦ ଆସନ ଦଖଲ କରିବା କଷ୍ଟକର ହୋଇପଡ଼ିବ। ସମାଜବାଦୀ ପାର୍ଟି (ଏସ୍‌ପି), ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି) ମେଣ୍ଟ ୪୦ ଆସନ ପାଇବ ଓ ଭାଜପା ୩୮କୁ ଖସିଯିବ। ପ୍ରକାଶ ଯେ, ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏବଂ ଏହାର ସହଯୋଗୀ ଅପ୍‌ନା ଦଳ ୟୁପିର ୮୦ ଆସନରୁ ୭୧ଟିରେ ବିଜୟୀ ହୋଇଥିଲେ।

ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ୫୪୩ ଆସନ ମଧ୍ୟରୁ ଭାଜପା ୨୮୩ (କୁହୁକ ସଂଖ୍ୟା ୨୭୨ଠାରୁ ୧୧ ଅଧିକ) ଆସନ ଦଖଲ କରି ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ୩ ଦଶନ୍ଧି ମଧ୍ୟରେ କୌଣସି ଦଳକୁ ଏତେସଂଖ୍ୟକ ଆସନରେ ସଫଳତା ମିଳି ନ ଥିଲା। ସେହିପରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ୩୩୭ ଆସନରେ ସଫଳତା ମିଳିଥିଲା। ବିରୋଧୀ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୧୯ ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହୋଇଥିଲା। ଏପ୍ରିଲ ୧୧ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ଭୋଟଗ୍ରହଣ କରାଯାଇଥିଲା। ଏପ୍ରିଲ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟର ୯୭ ଆସନରେ ମତଦାନ ହୋଇଥିବାବେଳେ ୨୩ ତାରିଖରେ ତୃତୀୟ ପର୍ଯ୍ୟାୟରେ ୧୪ ରାଜ୍ୟର ୧୧୫ ଲୋକ ସଭା ଆସନରେ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏପ୍ରିଲ ୨୯ରେ ୯ ରାଜ୍ୟର ୭୧ ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ କରାଯାଇଥିଲା। ସେହିପରି ମେ ୬ରେ ପଞ୍ଚମ ପର୍ଯ୍ୟାୟରେ ୭ ରାଜ୍ୟର ୫୧ ଆସନରେ ମତଦାନ ହୋଇଥିଲା। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ମେ ୧୨ରେ ଅନୁଷ୍ଠିତ ହୋଇଥିଲା। ଏହି ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ଭୋଟ ହୋଇଥିଲା। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ୮ ରାଜ୍ୟର ୫୯ ଆସନରେ ମତଦାନ କରାଯାଇଥିଲା। ତାମିଲନାଡୁର ଭେଲୋର ଆସନରେ ଭୋଟଗ୍ରହଣ କରାଯାଇନାହିଁ। ସମସ୍ତ ୫୪୨ ଆସନ ପାଇଁ ଗୁରୁବାର ଭୋଟ ଗଣତି କରାଯିବ।

# ସୁତାରିଆଙ୍କ ପସନ୍ଦ ମେକ୍‌ଅପ୍



**ମୁମ୍ବାଇ**

ଷ୍ଟାଇଲିଶ୍ ଏବଂ ଗ୍ଲାମର ଚାହାଣିରେ ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ତାରା ସୁତାରିଆ ଅଧିକ ମେକ୍‌ଅପ୍‌କୁ ପସନ୍ଦ କରନ୍ତି। 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨'ରେ ପ୍ରଥମକରି ଅଭିନୟ ଆରମ୍ଭ କରିଥିବା ୨୩ ବର୍ଷୀୟା ତାରା କୁହନ୍ତି, ସେ ବିଭିନ୍ନ କସ୍‌ମେଟିକ୍ସ ବ୍ୟବହାର କରିବାକୁ ଭଲ ପାଆନ୍ତି। ଏଥିପାଇଁ ସେ ସୋସିଆଲ ମିଡିଆରେ ବର୍ତ୍ତମାନର ମେକଅପ୍ ଓ ଫ୍ୟାଶନ ଷ୍ଟାଇଲ୍‌କୁ ଭଲ ଭାବେ ଦେଖନ୍ତି ଏବଂ ନିଜେ ମଧ୍ୟ ନିଜର ମେକଅପ୍ ଷ୍ଟାଇଲ୍‌କୁ ଶେୟାର କରନ୍ତି।

ଦିନବେଳା ସେ ନ୍ୟାଚୁରାଲ୍ ଲୁକ୍‌କୁ ପସନ୍ଦ କରନ୍ତି। ତେଣୁ ଖୁବ୍ କମ୍ ମେକ୍‌ଅପ୍‌ରେ ଚଳିଯାଏ। ସଂଧ୍ୟା ସମୟରେ ସେ ଅଧିକ ସଜେଇ ହୁଅନ୍ତି ବୋଲି 'ବବି ବ୍ରାଉନ କସମେଟିକ୍ସ'ର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ପାଇଥିବା ତାରା ପ୍ରକାଶ କରିଛନ୍ତି। ଏଥିସହିତ ସେ ରାତିରେ ଯଥାସମ୍ଭବ ଅଧିକ ଜଳ ପାନକରନ୍ତି। କାରଣ ଶୋଇବାକୁ ଯିବା ପୂର୍ବରୁ ଅଧିକ ଝାଳ ବୋହିଲେ ମେକଅପ୍ ସବୁ ସହଜରେ ଧୋଇହୋଇ ଚର୍ମ ପରିଷ୍କାର ହୋଇଯାଏ। ଏଥିପ୍ରତି ସେ ଖୁବ୍ ଯତ୍ନବାନ୍ ଥାଆନ୍ତି ବୋଲି କହିଛନ୍ତି। ପରବର୍ତ୍ତୀ ଫିଲ୍ମ 'ମରଜାଭନ୍'ରେ ତାରାଙ୍କୁ ଦେଖିବାକୁ ମିଳିବ।

# ବଉଳା କୁମ୍ଭୀର ସମେତ ୫୯ ଅଣ୍ଡା ଉଦ୍ଧାର

**ମହାକାଳପଡା,୧୯।୫(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟ ନଗର ପଞ୍ଚାୟତର ଗୋବରୀ ନଦୀପାର୍ଶ୍ୱ ଅରଡ଼ ଗ୍ରାମର ଏକ ବୁଦାମୂଳରୁ ରବିବାର ଏକ ବଉଳା କୁମ୍ଭୀର ଉଦ୍ଧାର ହୋଇଛି। ୧୦ ଫୁଟ ଲମ୍ବର ଏହି ବଉଳା କୁମ୍ଭୀର ନିକଟରୁ ୫୯ ଅଣ୍ଡା ମିଳିଛି ବୋଲି ମହାକାଳପଡା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମହକାଳପଡା ବନାଞ୍ଚଳ ଅଧୀନରେ ଚଳିତ ବର୍ଷ ପ୍ରଥମ କୁମ୍ଭୀର ବସା ଠାବ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବଉଳା କୁମ୍ଭୀରଟି ଗ୍ରାମର ଏକ ବୁଦାମୂଳରେ ଅଣ୍ଡାଦେବା ସହ ବାହ୍ୟ ଶତ୍ରୁ ଆକ୍ରମଣରୁ ଏଗୁଡିକୁ ସୁରକ୍ଷା ଦେବାପାଇଁ ସେଠାରେ ଜଗି ରହିଥିଲା। ଗ୍ରାମବାସୀ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଏସ୍‌ସିଏଫ ବିଜୟ କୁମାର ପରିଡାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବଉଳା କୁମ୍ଭୀର ଓ ଅଣ୍ଡାଗୁଡିକୁ ଉଦ୍ଧାର କରିଥିଲେ। ଏହାପରେ ଉକ୍ତ ମାଇ କୁମ୍ଭୀରକୁ ଭିତର ଖରିନାସୀସ୍ଥିତ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି। ଏଥିସହ ଅଣ୍ଡାଗୁଡିକୁ ସୁରକ୍ଷିତ ଭାବେ ଭିତରକନିକାର ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ପରିଡା ସୂଚନା ଦେଇଛନ୍ତି।



ଉଦ୍ଧାର ହୋଇଥିବା କୁମ୍ଭୀର ଅଣ୍ଡା।

ମେ ଓ ଜୁନ୍‌ରେ ବଉଳା କୁମ୍ଭୀରଙ୍କ ପ୍ରଜନନ ସମୟ ଥିବାରୁ ସେମାନେ ଅଧିକ ହିଂସ୍ର ହୋଇପଡନ୍ତି। ଏନେଇ ସ୍ଥାନୀୟ ନଦୀ, ଯୋର, ନାଳ ଓ ଖାଲ ମଧ୍ୟକୁ ପ୍ରବେଶ ନ କରିବା ପାଇଁ ବିଭାଗ ପକ୍ଷରୁ ନଦୀକୂଳିଆବାସୀଙ୍କୁ ସଚେତନ କରାଯାଇଛି।

## କାନ୍‌ସରେ ଉନ୍ମୋଚିତ ହେଲା 'ଜଙ୍ଗଲ କ୍ରାଏ'ର ପୋଷ୍ଟର, ଟିଜର୍

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ଜୁନିୟର ରଗ୍‌ବୀ ୱାର୍ଲଡ କପ୍ ଜିତି ସମଗ୍ର ବିଶ୍ୱ ପାଇଁ ପ୍ରେରଣା ପାଲଟିଥିବା କିସ୍ ରଗ୍‌ବୀ ଦଳ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଜଙ୍ଗଲ କ୍ରାଏ'ର ପ୍ରଥମ ପୋଷ୍ଟର ଓ ଟିଜର୍ ୭୧ତମ କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ରିଲିଜ ହୋଇଛି। ଶୁକ୍ରବାର ରିଲିଜ ହୋଇଥିବା ଏହି ଟିଜରରେ କିସ୍ ଜନଜାତି ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତି ରହିଥିବା ଭଲପାଇବା ଓ ଏକାଗ୍ରତାକୁ ଦେଖିବାକୁ ମିଳିଛି। ଏହାସହ ଦଳର କୋଚ୍ ରୁଦ୍ରକେଶ ଜେନାଙ୍କୁ ଏଥିରେ ମୁଖ୍ୟ ଚରିତ୍ର ଭାବେ ଦର୍ଶାଯାଇଛି। ୨୦୦୭ ମସିହାରେ ଏକ ଚ୍ୟାଲେଞ୍ଜ ନେଇ କିସ୍‌ରେ ପଢୁଥିବା ୧୩ବର୍ଷରୁ କମ୍ ବୟସର ଜନଜାତି ପିଲାମାନଙ୍କୁ ରଗ୍‌ବୀ ଖେଳିବା ପାଇଁ ଲଣ୍ଡନ ପଠାଯାଇଥିଲା। ଆଉ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ପିଲାମାନେ କୋଚ୍‌ଙ୍କ ନେତୃତ୍ୱରେ ଲଣ୍ଡନରେ ରଗ୍‌ବୀ ବିଶ୍ୱ ଚାମ୍ପିୟନ ହୋଇଥିଲେ। ଏହାକୁ ଆଧାରକରି ବଲିଉଡ୍ ଓ ହଲିଉଡ୍‌ର ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକଙ୍କ ଦ୍ୱାରା 'ଜଙ୍ଗଲ କ୍ରାଏ' ନିର୍ମାଣ କରାଯାଇଛି। ଜନଜାତି ପିଲାମାନଙ୍କ ମାଧ୍ୟମରେ କିଭଳି ରଗ୍‌ବୀକୁ ପ୍ରୋତ୍ସାହନ ଦେଇ ବିଶ୍ୱ ଦରବାରରେ ପହଞ୍ଚାଯାଇପାରିଛି, ତାହା ହେଉଛି ଏହି ଚଳଚ୍ଚିତ୍ରର ବିଶେଷତ୍ୱ।

**କିଛି ତଥ୍ୟ**

ଏପ୍ରିଲରେ କୋଇଲାଚାଳିତ ଶକ୍ତି କେନ୍ଦ୍ରଗୁଡ଼ିକୁ ୪୦.୭ ମିଲିୟନ ଟନ କୋଇଲା ଯୋଗାଇ ଦିଆଯାଇଛି। **-କୋଇଲା ମନ୍ତ୍ରଣାଳୟ**

## ଆଜି ନିଟ୍ ପରୀକ୍ଷା

ଭୁବନେଶ୍ୱର,୧୯।୫(ବ୍ୟୁରୋ)- ଦି ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ସୋମବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିବ। ଛାତ୍ରୀଛାତ୍ର ସକାଳ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ। ସୂଚନାଯୋଗ୍ୟ, ଚଳିତମାସ ୫ତାରିଖରେ ଏହି ପରୀକ୍ଷା ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ଓଡ଼ିଶାରେ ନିଟ୍ ପରୀକ୍ଷା ବାତିଲ କରାଯାଇଥିଲା। ବାତ୍ୟା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥଇଥାନ କାର୍ଯ୍ୟ ଜାରି ରହିଥିବାରୁ ପରୀକ୍ଷା ବାତିଲ କରିବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଗତ ୪ତାରିଖରେ ଓଡ଼ିଶାରେ ପରୀକ୍ଷା ବାତିଲ ନେଇ ଘୋଷଣା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି କର୍ମାଧିପ ଶନି ଏକାଧିକ ଗ୍ରହଙ୍କ ଦୃଷ୍ଟିରେ ରହି ବହୁମୁଖୀ କାମରେ ନିଯୁକ୍ତ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେ। ବନ୍ଧୁମାନଙ୍କ ଗହଳ ଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଜଣେ ବନ୍ଧୁଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ସନ୍ତାନଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।

**ବୃଷ** - ଆଜି ହଠାତ୍ ଏକାଧିକ ବ୍ୟକ୍ତିଙ୍କ ବିରୁଦ୍ଧାତ୍ମକ ସ୍ୱର କର୍ମ କ୍ଷେତ୍ରକୁ ସମସ୍ୟାବହୁଳ କରିଦେଇପାରେ। ଫଳତଃ ପୂର୍ବ ଯୋଜନା ଭଣ୍ଡୁର ହୋଇଯିବା ଆଶଙ୍କାରେ ମାନସିକ ଅସ୍ଥିରତା ସୃଷ୍ଟିହେବ। ଅର୍ଥନୈତିକ କାର୍ଯ୍ୟକ୍ରମ, ସଭାସମିତି, କଳା, କାରିଗରି କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖାଦେଇପାରେ।

**ମିଥୁନ** - ବିଭିନ୍ନ ଦିଗରୁ ସାହାଯ୍ୟ ପାଇଲେ ମଧ୍ୟ ଆଜିର କାମଗୁଡ଼ିକ ସକାଶେ ହନ୍ତସନ୍ତ ହେବାକୁ ପଡ଼ିବ। ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ସକାଶେ ବହୁତ ଅର୍ଥବ୍ୟୟର ସମ୍ଭାବନା ରହିଛି। ତଥାପି ପୁନର୍ବସୁ ନକ୍ଷତ୍ରର ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ** - ଏକାଦଶ ସ୍ଥାନରେ ଚନ୍ଦ୍ର ସମେତ ଏକାଧିକ ଗ୍ରହ କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଓ ସନ୍ତାନ ହେତୁକ ଗୌରବ ବୃଦ୍ଧିର ପ୍ରତୀକ ହେବ। ତଥାପି ପାରିବାରିକ କ୍ଷେତ୍ର, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟିର ଆଶଙ୍କା ଦେଖାଦେଇପାରେ। ପରିବହନ, ଯାନବାହନ, ପ୍ରଶାସନିକ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟରେ ହିଁ କାର୍ଯ୍ୟ ସାଧିତ ହେବ।

**ସିଂହ** - ରବି ସ୍ୱନକ୍ଷତ୍ରରେ ଅବସ୍ଥାନ କରି ଆରୋଗ୍ୟ, ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭ, ଉଚ୍ଚ ପଦପଦବୀ ପ୍ରାପ୍ତି ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ଅନୁକୂଳ ସୃଷ୍ଟି କରିବେ। ଆଇନ ଓ ଆଧ୍ୟାତ୍ମିକତାର ଗ୍ରହ ଶନି ରାଜନୀତି, ଅଦାଲତ, ଗଣତନ୍ତ୍ର କ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସାହିତ୍ୟ, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** - ବୁଧଗ୍ରହ ଚନ୍ଦ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରିବେ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି ମାମଲା କ୍ଷେତ୍ରରେ ସଂକଟଜନକ ସ୍ଥିତି ସୃଷ୍ଟି ହେବ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ଆବଶ୍ୟକ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** - ରାହୁଙ୍କ ନକ୍ଷତ୍ରରେ ଶୁକ୍ର ବିକ୍ଷିପ୍ତ ଓ ବିବାଦୀୟ ଚିନ୍ତାଧାରା ସୃଷ୍ଟିକରି କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ରାଜନୀତି କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଶନିଙ୍କ ଶନୈଃ ଶନୈଃ ଗତି ପାରିବାରିକ, ଅର୍ଥସମ୍ପର୍କ, ଯାନ୍ତ୍ରିକ ଜିନିଷର କାରବାର କ୍ଷେତ୍ରକୁ କାଳକ୍ଷେପଣ ନୀତିରେ ବିଳମ୍ବିତ କରାଇବ।

**ବିଛା** - ଆଜି ରାଶ୍ୟାଧିପ ମଙ୍ଗଳ ମିତ୍ର ଚନ୍ଦ୍ରଙ୍କ ନକ୍ଷତ୍ରରେ ରହି କେନ୍ଦ୍ରସ୍ଥ ହେତୁ ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। ବୈଷୟିକ ସୁଖ, ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ସକାଶେ ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ବିକା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ** - ବୃହସ୍ପତି ଅଶ୍ଳେଷା ନକ୍ଷତ୍ରରେ ରହି ଚନ୍ଦ୍ରଙ୍କ ତୃତୀୟସ୍ଥ ହେତୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଆତ୍ମୀୟସ୍ୱଜନମାନଙ୍କ ନିକଟରୁ ସହାନୁଭୂତି ମଧ୍ୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟରେ ଉନ୍ନତି ହେବ।

**ମକର** - ଶନିଶ୍ଚରଙ୍କ ଶୁଭତ୍ୱ କାରଣରୁ ପ୍ରତ୍ୟେକ ପରିସ୍ଥିତିକୁ ସହନଶୀଳତାର ସହ ସାମାନ କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଂକଟ ଦୂର ହେବ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ର କରି ସମସ୍ୟା ଦେଖାଦେବ। ପୂର୍ବ ରାଗକୁ ଶୁଝାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଭୁଲ୍‌ବୁଝାମଣା ହେତୁ ସ୍ତ୍ରୀଙ୍କ ସୁସମ୍ପର୍କ ରହିବ ନାହିଁ ।

**କୁମ୍ଭ** - ଆପଣଙ୍କ ଭାଗ୍ୟାଧିପତି ଶୁକ୍ର କୋଣ ସ୍ଥାନରେ ରହି ଏକାଦଶ ସ୍ଥାନକୁ ଦେଖୁଥିବାରୁ ବିଭିନ୍ନ ଦିଗରୁ ଉପକୃତ ହେବେ। ମନୋରଞ୍ଜନ କାମ ପ୍ରତି ରୁଚି ବଳିବ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। କୌଶଳ ଅବଲମ୍ବନ କରି ହାସଲ କରିବାକୁ ଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ।

**ମୀନ** - ଆଜି ଚନ୍ଦ୍ରଙ୍କ ସହ ସମାଗମସ୍ଥ ଗ୍ରହମାନେ ଶନିଙ୍କ ଦୃଷ୍ଟିରେ ସମସ୍ୟା ସୃଷ୍ଟି କଲେହେଁ କାର୍ଯ୍ୟରେ ସଫଳତା ପ୍ରଦାନ କରିବେ। ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇ ନ ପାରନ୍ତି କିନ୍ତୁ ପ୍ରାପ୍ତି ନିଶ୍ଚିତ ଅଟେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ସୋମବାର, ମେ ୨୦ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅପରାହ୍ନ ଘ୪।୫୩ମି. ଗତେ ଘ୬।୧୪ମି. ମଧ୍ୟେ ଅମୃତବେଳା । ଦିବା ଘ୮।୨୬ମି. ଗତେ ଘ୨।୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**




**SALE**

1200 sqft. gharabari plot - Kalyani vihar phase-II, Sundarpada (Brokers excused)- 9937400339. D-66465

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Now Matrimonial ads. only on Wednesday & Sunday
Book 1 Get 1 FREE

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m ବାସୋପଯୋଗୀ plot 1200 sqft. 5,40,000/- immediate registration/possession. 9937032327, 9583328312. D-66376




3BR flat (1600 sqft.) in Sri Jagannath place Acharya vihar. Rent 19000/- 9437247039.D-65894

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304.D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674- 2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754.D-66520

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL - 16

# ଜଳବାହିତ ରୋଗକୁ ପ୍ରତିରୋଧ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର



ଦୂଷିତ ପାଣି ଏବଂ ପରିବେଶ ଯୋଗୁଁ ଜଳବାହିତ ରୋଗ ଯଥା - ତରଳ ଝାଡା, ଜଣ୍ଡିସ୍, ଟାଇଫଏଡ୍ ଆଦି ହେବାର ଆଶଙ୍କା ବଢ଼ିଯାଇଥାଏ । ଏହି ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଶୋଧିତ ପାଣି ପିଇବା ନିତ୍ୟାନ୍ତ ଆବଶ୍ୟକ ।

ପାଣିକୁ ବିଶୋଧନ କରିବା ପାଇଁ : ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.) ୨୦-୨୫ ଲିଟର (୧ ମାଠିଆ / ବାଲଟି) ସଫା ପାଣିରେ ମିଶାନ୍ତୁ ଓ ମିଶାଇବାର ୧ ଘଣ୍ଟା ପରେ ପିଅନ୍ତୁ ।



- କ୍ଲୋରିନ୍ ବଟିକା ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ଉପଲବ୍ଧ ।
- ପିଇବା ପାଣିର ଉତ୍ସ (କୂଅ, ନଳକୂଅ ଇତ୍ୟାଦି) ଚାରିପାଖ ପରିଷ୍କାର ରଖନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ ।

ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଜଳବାହିତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।

10003/13/0016/1920
facebook.com/HFWOdisha http://www.health.odisha.gov.in/ @HFWOdisha
NATIONAL HEALTH MISSION

ପୁରୀର ହୋଟେଲ ସଂଘ ସହ ଆଲୋଚନା କଲେ ଧର୍ମେନ୍ଦ୍ର

# ରଥ ପୂର୍ବରୁ ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରାଯିବ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସାମୁଦ୍ରିକ ଝଡ 'ଫନୀ' ପ୍ରଭାବରେ ପୁରୀରେ ଭାଙ୍ଗି ଯାଇଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ନିଆଯାଇଥିବା ପଦକ୍ଷେପଗୁଡିକ ଉପରେ ରବିବାର ପୁରୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୋଟେଲ ସଂଘର ଏକ ପ୍ରତିନିଧି ମଣ୍ଡଳିଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରଥଯାତ୍ରା ପୂର୍ବରୁ ପୁରୀରେ ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରାଯିବ। ଏଦିଗରେ ବାତ୍ୟାରେ ଭାଙ୍ଗିଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ସମସ୍ତ ଅଂଶୀଦାର ମିଶି ସାହାଯ୍ୟର ହାତ ବଢାଇବା ଆବଶ୍ୟକ। ପୁରୀର ଅର୍ଥନୀତି ବିଶେଷତଃ ହୋଟେଲ ଶିଳ୍ପ ଉପରେ ନିର୍ଭର କରୁଥିବାବେଳେ ଏହା ହଜାର ହଜାର ଲୋକଙ୍କ ଜୀବନଜୀବିକାକୁ ସାମର୍ଥ୍ୟ ଯୋଗାଇଥାଏ । ତେବେ ବାତ୍ୟାରେ ସହରରେ ଥିବା ପ୍ରାୟ ସବୁ ହୋଟେଲର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଭାଙ୍ଗି ଯାଇଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ଏକ ଆର୍ଥିକ ପ୍ୟାକେଜ ତଥା ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ସେମାନେ ଅନୁରୋଧ କରିଛନ୍ତି । ଏତଦ୍‌ବ୍ୟତୀତ ଟେଲିକମ ତଥା ଅନ୍ୟାନ୍ୟ ସେବାଗୁଡିକୁ ମଧ୍ୟ ଯଥାଶୀଘ୍ର ସ୍ୱାଭାବିକ କରିବାକୁ ହୋଟେଲ ସଂଘର ସଦସ୍ୟମାନେ ଜଣାଇଛନ୍ତି । ଆସନ୍ତା ରଥଯାତ୍ରା ପାଇଁ ପର୍ଯ୍ୟଟକଙ୍କ ଦୃଷ୍ଟିରୁ ପୁରୀର ପୁନଃବ୍ରାଣ୍ଡିଂ ପାଇଁ କିଛି ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

■ ବିଜୁ ଯୁବ ବାହିନୀ ବିରୋଧରେ ଫେରାଦ ହେଲା ଭାଜପା

# ରିଲିଫ୍ କୋଡ୍ ଉଲ୍ଲଂଘନ କରିଛନ୍ତି ସରକାର

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ରାଜ୍ୟ ରାଜକୋଷ ଅର୍ଥରେ ଗଠନ ହୋଇଥିବା ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କ ବାତ୍ୟା ୧୫ଦିନ ପରେ ମଧ୍ୟ ଦେଖା ମିଳୁନାହିଁ। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ କେନ୍ଦ୍ର ସହାୟତା ଦେଇଥିବାବେଳେ ରାଜ୍ୟ ସରକାର ଭାଙ୍ଗି ଯାଇଥିବା ଘରଗୁଡିକର ଚିହ୍ନଟ ଦାୟିତ୍ୱ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କୁ ଦେଇଛନ୍ତି, ଯାହା ରିଲିଫ୍ କୋଡ୍‌କୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରୁଛି। ଏନେଇ ରବିବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀ କାମକୁ ପ୍ରୋତ୍ସାହିତ କରିବା ପାଇଁ ଗଠନ ହୋଇଥିଲା। ହେଲେ ନାଚ, ଗୀତ, ଭୋଜିଭାତରେ ଲିପ୍ତ ରହିବା ସହ ରାଜନୈତିକ ହିଂସା ଘଟାଇ ବିଜୁ ଯୁବ ବାହିନୀ ରାଜ୍ୟରେ ଗୁଣ୍ଡାବାହିନୀ ନାଁରେ ପରିଚିତ ହୋଇଛି। ଏବେ ରାଜ୍ୟ ସରକାର ରିଲିଫ୍ କୋଡ୍ ଆଇନ୍‌କୁ ଉଲ୍ଲଂଘନ କରି ଏହି ଗୁଣ୍ଡାମାନଙ୍କୁ ବାତ୍ୟା 'ଫନୀ'ରେ ଭାଙ୍ଗି ଯାଇଥିବା ଘର ଚିହ୍ନଟ କରିବା କାମରେ ନିଯୁକ୍ତ କରିଛନ୍ତି, ଯାହା ଫଳରେ ବହୁ ଯୋଗ୍ୟ ଗରିବ ହିତାଧିକାରୀ ଏଥିରୁ ବଞ୍ଚିତ ହେବେ ବୋଲି ଭାଜପା ଅଭିଯୋଗ କରିଛି। ବିଜୁ ଯୁବ ବାହିନୀ ଯାହା ଚଳିତ ନିର୍ବାଚନରେ ବିଜେଡି ପାଇଁ ପ୍ରଚାର କରୁଥିଲା ଏବେ କେବଳ ଶାସକ ଦଳ କର୍ମୀମାନଙ୍କୁ ପକ୍କା ଘର ମିଳିବ। ରିଲିଫ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ନିରପେକ୍ଷତା ସହ ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡିବେ ତା'ର ଦାୟିତ୍ୱ ନିଅନ୍ତୁ। ଘରଗୁଡିକୁ ଚିହ୍ନଟ କରିବା ପ୍ରକ୍ରିୟାରେ ରାଜନୈତିକ ସ୍ୱାର୍ଥ ରଖୁଥିବା ବିଜୁ ଯୁବ ବାହିନୀ ଗୁଣ୍ଡାମାନଙ୍କୁ ଦାୟିତ୍ୱରୁ ନିବୃତ କରାଯାଉ ବୋଲି ସମୀର ଦାବି କରିଛନ୍ତି। ଯେଉଁଭଳି ଭାବେ ଗତ ଶନିବାର କ୍ୟାବିନେଟ୍‌ରେ ନିର୍ମାଣ ବିଭାଗର କାମ ପାଇଁ ବିନା ଟେଣ୍ଡରରେ ପାଞ୍ଚ ଲକ୍ଷ ଟଙ୍କା ଦିଆଯାଇପାରିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା କିଛି ମୁଷ୍ଟିମେୟ ଅଧିକାରୀ ବିଜେଡିର ନେତାଙ୍କୁ ମାଲାମାଲ କରିବାର ଯୋଜନା କରିଛନ୍ତି। ଏନେଇ ମଧ୍ୟ ଭାଜପା ପ୍ରତିନିଧି ଦଳ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରିଲିଫ୍ କୋଡ୍ ଆଇନ୍ ଅନୁସାରେ ଭାଙ୍ଗି ଯାଇଥିବା ଘର ନିର୍ଦ୍ଧାରଣ ଓ ଅଟକଳ ରାଜସ୍ୱ ବିଭାଗ କିମ୍ବା ସରକାରୀ ଅଧିକାରୀମାନେ କରିବା କଥା। କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡିକୁ ଚିହ୍ନଟ କରିବା ପ୍ରକ୍ରିୟାରେ ରାଜନୈତିକ ସ୍ୱାର୍ଥ ରଖୁଥିବା ବିଜୁ ଯୁବ ବାହିନୀକୁ ଦାୟିତ୍ୱ ଦିଆଗଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ ବୋଲି ସମୀର କହିଛନ୍ତି।



ଭାଜପା ପ୍ରତିନିଧି ଦଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଭେଟି ଦାବିପତ୍ର ଦେବାକୁ ଯାଉଛନ୍ତି।

DSPL-14

# ସତର୍କ ରୁହନ୍ତୁ ଅଂଶୁଘାତକୁ ପ୍ରତିରୋଧ କରନ୍ତୁ

| କଣ କରିବେ | କଣ କରିବେ ନାହିଁ |
| --- | --- |
| ବାହାରକୁ ଯାଉଥିଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ କିମ୍ବା ଛତା, ଚପଲ, କଳାଚଷମା ବ୍ୟବହାର କରନ୍ତୁ । | ଦିନ ୧୧ ଟାରୁ ୩ଟା ମଧ୍ୟରେ ଟାଣ ଖରାକୁ ଯାଆନ୍ତୁ ନାହିଁ କିମ୍ବା କୌଣସି ଶାରୀରିକ ପରିଶ୍ରମ କରନ୍ତୁ ନାହିଁ । |
| ଘରେ ଟିଣ ବା ଆଜେବଷ୍ଟସ୍ ଛାତ ଥିଲେ ତା ଉପରେ ନଡା ବିଛାନ୍ତୁ । | ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ । |
| ପ୍ରଚୁର ପରିମାଣରେ ପାଣି, ତୋରାଣି, ପଣା, ଘୋଳଦହି, କିମ୍ବା ସରବତ୍ ଆଦି ପିଅନ୍ତୁ । | ଅଧିକ ଖରା ସମୟରେ ନିଆଁ ପାଖରେ କୌଣସି କାର୍ଯ୍ୟ (ରୋଷେଇ ଆଦି) କରନ୍ତୁ ନାହିଁ । |
| ହାଲିଆ ଲାଗିଲେ ଛାଇ ଓ ପବନ ଚଳାଚଳ ସ୍ଥାନ କିମ୍ବା ଗଛ ତଳେ ବିଶ୍ରାମ ନିଅନ୍ତୁ । | ମାଦକ ଦ୍ରବ୍ୟ (ମଦ, ବିଡି, ସିଗାରେଟ୍, ତମାଖୁ ଇତ୍ୟାଦି) ସେବନ କରନ୍ତୁ ନାହିଁ । |
| କୌଣସି ବ୍ୟକ୍ତିଙ୍କଠାରେ ଅଂଶୁଘାତର ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତୁ । | ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ଦେହରେ କେବେହେଲେ ବରଫ ଘଷନ୍ତୁ ନାହିଁ । |
| ଅଂଶୁଘାତ ରୋଗୀକୁ ତୁରନ୍ତ ଆମ୍ବୁଲାନ୍‌ସ ଡକାଇ ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ । | ଗ୍ରୀଷ୍ମ ପ୍ରବାହ ସମୟରେ କେହି ହଠାତ୍ ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସାରେ ଆଦୌ ଅବହେଳା କରନ୍ତୁ ନାହିଁ । |

10003/13/0010/1920

ସରକାରୀ ଡ଼ାକ୍ତରଖାନାମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ ।

ଅଧିକ ସୂଚନାପାଇଁ ନିକଟସ୍ଥ ଆଶାଦିଦି, ଅଙ୍ଗନୱାଡିକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

ସୋନପୁର,୧୯।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ଉପକାରାଗାରର ଜଣେ ବିଚାରାଧୀନ କଏଦୀଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ କଏଦୀଙ୍କ ନାମ ଟିକୁ ଅଜଗର(୨୬)। ତାଙ୍କ ଘର ବିନିକା ସହରର ଚମାରପଡାରେ। ଟିକୁଙ୍କୁ ଉପକାରାଗାର ପରିସର ଶୌଚାଳୟ ଭିତରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ପେଟକୁ ଧାରୁଆ ଅସ୍ତ୍ରରେ କଟାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଟିକୁଙ୍କୁ ଗୁରୁତର ଅବସ୍ଥାରେ ନିଆଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେଲ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥାରୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି। କାରଣ କାରାଗାରଟି ପରିଚାଳନାଗତ ଅବ୍ୟବସ୍ଥା ଓ ସୁରକ୍ଷାକୁ ନେଇ କିଛି ମାସ ହେବ ଚର୍ଚ୍ଚାରେ ଥିଲା। ସୋନପୁର ଥାନାରେ କଏଦୀ ମୃତ୍ୟୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଲୋକେଶ କୁମାର ସାହୁ ସାଇଣ୍ଟିଫିକ୍ ଟିମ୍ ସହ ଉପକାରାଗାରକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଏପ୍ରିଲ ୨୪ ତାରିଖରେ ବିନିକା ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଫାୟାରମ୍ୟାନ ଦୁଷ୍ମନ୍ତ କିଷାନଙ୍କୁ ଗଳାକାଟି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ ଟିକୁ । ୨୫ ତାରିଖରୁ ସେ ବିଚାରାଧୀନ କଏଦୀ ଭାବରେ ରହୁଥିଲେ। ରବିବାର ପୂର୍ବାହ୍ନରେ ସେ ପାଇଖାନା ଯାଇଥିଲେ। ଭିତରୁ ବାହାରକୁ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ଖୋଜା ପଡିଥିଲା। ତେବେ ଦାଢି କାଟିବା ପାଇଁ ବ୍ୟବହୃତ ବ୍ଲେଡ୍‌ରେ କଏଦୀ ନିଜ ପେଟକୁ କାଟି ଆତ୍ମହତ୍ୟା କରିଥିବା କାରାଗାରର ଭାରପ୍ରାପ୍ତ ଅଧୀକ୍ଷକ ଦଶମୀ ବାଗ ପ୍ରକାଶ କରିଛନ୍ତି। ସେ ନିଜେ ଏହାର ତଦନ୍ତ କରିବେ। ଅନ୍ୟପକ୍ଷେ ବ୍ଲେଡ୍ କଏଦୀଙ୍କ ପାଖକୁ କିପରି ଗଲା, ଦାୟିତ୍ୱରେ ଥିବା ମୁଖ୍ୟ କାରାରକ୍ଷୀ କ'ଣ କରୁଥିଲେ ସେ ନେଇ ପ୍ରଶ୍ନ ଉଠୁଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲା ମୁଖ୍ୟ ଚିକିତ୍ସାଳୟର ୩ ଜଣ ବିଶେଷଜ୍ଞ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବ୍ୟବଚ୍ଛେଦ ପରେ ପୋଲିସ ସନ୍ଧ୍ୟାରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।



ମୃତ ଟିକୁ ଅଜଗରଙ୍କ ଫାଇଲ ଫଟୋ।

# ବିଷାକ୍ତ ଛତୁଖାଇ ୮ ଅସୁସ୍ଥ

ରାୟଗଡା ଅଫିସ୍, ୧୯।୫:

ରାୟଗଡା ଜିଲା କାଶୀପୁର ବ୍ଲକ୍ ଗୋଡିବାଲିଠାରେ ବିଷାକ୍ତ ଛତୁଖାଇ ୮ଜଣ ଶ୍ରମିକ ଅସୁସ୍ଥ ହୋଇପଡିଛନ୍ତି । ସେମାନଙ୍କୁ ପ୍ରଥମେ ମାଣ୍ଡିବିଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେମାନେ ହେଲେ କାଶୀପୁର ବ୍ଲକ୍ ବାମନଗୁଡା ଗ୍ରାମର ହରି ବେନିଆ(୪୪), ଭାରତ ମାଝି(୩୩), ଭୀମ ନାଏକ(୨୮), ସୁଦର୍ଶନ ମାଝି (୨୫), ସେଣ୍ଡ ମାଝି(୨୨), ସୁମିତ୍ରା ନାଗ(୨୦), କଲାଟ ପିଡିସିକା(୧୮) ଓ ସୁବି ମାଝି(୧୫)। ଗୋଡିବାଲିଠାରେ ରାସ୍ତାକାମରେ ଉକ୍ତ ଶ୍ରମିକମାନେ ନିୟୋଜିତ ଥିଲେ। ସେମାନେ ଶନିବାର ସନ୍ଧ୍ୟାରେ ଗୋଡିବାଲି ଗାଁ ନିକଟ ଏକ ନାଳ କୂଳରୁ ଛତୁ ଆଣି ରାତିରେ ଖାଇଥିଲେ। ପରେ ସମସ୍ତେ ଅସୁସ୍ଥ ହୋଇପଡିଥିବା ଗ୍ରାମବାସୀ ଦେଖି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ନିଖୋଜ ଯୁବକଙ୍କ ଦଗ୍ଧ ମୃତଦେହ ଉଦ୍ଧାର

ବାରିପଦା ଅଫିସ,୧୯।୫

ଗୁରୁବାରଠାରୁ ନିଖୋଜ ଥିବା ରାକେଶ ନାୟକ ନାମକ ଜଣେ ଯୁବକଙ୍କ ଦଗ୍ଧ ମୃତଦେହକୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କେନ୍ଦୁମୁଣ୍ଡି ଗ୍ରାମ ନିକଟସ୍ଥ ନାଳ ନିକଟରୁ ରବିବାର ପୋଲିସ ଉଦ୍ଧାର କରିଛି। ସୁପରିକଳ୍ପିତ ଯୋଜନାକ୍ରମେ ତାଙ୍କୁ ନିଆଁରେ ପୋଡି ହତ୍ୟା କରାଯାଇଥିବା ତାଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଥିଲେ ମଧ୍ୟ ହତ୍ୟା ରହସ୍ୟ ଭେଦ କରିପାରିନାହିଁ। ଏହି ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ମୃତ ରାକେଶଙ୍କ ଘର ନିକଟସ୍ଥ ବିସିପୁର ଗ୍ରାମରେ। ସେ ଦଶରଥ ନାୟକଙ୍କ ବଡପୁଅ । ଗୁରୁବାର ଠାରୁ ନିଖୋଜ ଥିଲେ। ରବିବାର ସକାଳେ କେନ୍ଦୁମୁଣ୍ଡି ନିକଟସ୍ଥ ନାଳ ନିକଟକୁ ସ୍ଥାନୀୟ ଲୋକେ ଯାଇଥିବା ବେଳେ ସେଠାରେ ମୃତଦେହ ପଡିଥିବା ଦେଖିଥିଲେ। ଏନେଇ ତୁରନ୍ତ ପୋଲିସକୁ ଖବର ଦିଆଯାଇଥିଲା। ପରିବାର ଲୋକେ ଆସି ମୃତଦେହକୁ ଚିହ୍ନଟ କରିଥିଲେ। ରାକେଶ ନିଖୋଜ ହେବାର ୨ ଦିନ ପରେ ତାଙ୍କ ଦଗ୍ଧିଭୂତ ମୃତଦେହ ଉଦ୍ଧାର ହେବା ଘଟଣା ପଛରେ ଅନେକ ରହସ୍ୟ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି।

### ହତ୍ୟା ଅଭିଯୋଗ ଆଣିଲେ ପରିବାର

SIHM
JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

ADMISSIONS OPEN

| COURSES | DURATION | QUALIFICATION | AGE LIMIT |
| --- | --- | --- | --- |
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.

ନିଜର ଦୋଷତ୍ରୁଟି ସମ୍ବନ୍ଧେ ସଚେତନ ହୋଇ ଉଠିବା ହିଁ ମହାନ୍ ପ୍ରଗତିର ଏବଂ ସାଧନାରେ ସଫଳତା ଲାଭ କରିବାର ରାସ୍ତା ଉନ୍ମୁକ୍ତ ହେବାର ଏକ ସଙ୍କେତ।
-ଶ୍ରୀମା



# କ୍ଷମତା କ୍ଷୁଣ୍ଣ

ସାଧାରଣ ନିର୍ବାଚନ ୨୦୧୯ର ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ ଗ୍ରହଣ ୧୯ ମେ'ରେ ଶେଷ ହୋଇଛି। କେତେକ ଲୋକ ବୁଥ୍‌ଫେରନ୍ତା ମତ (ଏକ୍‌ଜିଟ୍ ପୋଲ୍)କୁ ନେଇ ନାନା କଳ୍ପନାଜଳ୍ପନା କରିପାରନ୍ତି। ଦେଶର ୭ ଥାକିଆ ମତଦାନ ବେଳେ ବିଭିନ୍ନ ଦଳର ନେତା ବହୁବାର ନିର୍ବାଚନ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଭାବେ ଭାରତର ନିର୍ବାଚନ କମିଶନ (ଇସି) ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ ଯଥାକ୍ରମେ ୭୨ ଓ ୪୮ ଘଣ୍ଟା ଲାଗି ନିର୍ବାଚନ ପ୍ରଚାରରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଅନ୍ୟ କେତେଜଣ ନେତାଙ୍କୁ ଇସି ବିଭିନ୍ନ ଢଙ୍ଗରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଯେଭଳି ଭାବେ ଏମ୍‌ସିସି ଉଲ୍ଲଂଘନ ଘଟଣାରେ ଇସି କ୍ଲିନ୍ ଚିଟ୍ ଦେଲେ, ତାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଉଭୟ ମୋଦି ଓ ଶାହ ପୁଲ୍‌ୱାମା ଆକ୍ରମଣ ଏବଂ ଏହା ପରବର୍ତ୍ତୀ ବାଲାକୋଟ୍ କାର୍ଯ୍ୟାନୁଷ୍ଠାନକୁ ପୁଞ୍ଜି କରି ଭୋଟ ରାଜନୀତି କରୁଥିବାର ଲକ୍ଷ୍ୟ କରାଯାଇଥିଲା। ଇସିର ଅନ୍ୟତମ ସଦସ୍ୟ ଅଶୋକ ଲାଭାସା ଏମ୍‌ସିସି ଉଲ୍ଲଂଘନ ମର୍ମରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରାଙ୍କୁ ମେ' ୪ରେ ଉକ୍ତ ବିଷୟକୁ ଗମ୍ଭୀରତାର ସହ ବିଚାର କରିବାକୁ ପ୍ରସ୍ତାବ ରଖିଥିଲେ। ହେଲେ ତାଙ୍କ ପ୍ରସ୍ତାବ ଗ୍ରହଣୀୟ ନ ହେବାରୁ ସେ ଉକ୍ତ ବୈଠକରୁ ଦୂରେଇ ରହିଥିଲେ। ଏହା ସାର୍ବଜନୀନ ହେବା ପରେ ଇସି ଭିତରେ ମତପାର୍ଥକ୍ୟ ଥିବା ବିଷୟ ପଦାକୁ ଆସିଛି।

ଦେଖିବାକୁ ଗଲେ ଇସି ଭଳି ଏକ ବୈଧାନିକ ସଂସ୍ଥାରେ କୌଣସି ଏକ ପ୍ରସଙ୍ଗକୁ ନେଇ ମତଭେଦ ରହିବା ସ୍ୱାଭାବିକ। ପ୍ରତି କଥାରେ ସମନ୍ୱୟ ଆସିଲେ ସତ କଥା ପଦାକୁ ଆସିପାରେ ନାହିଁ। ଏମ୍‌ସିସିକୁ ନେଇ ଇସିରେ ଦେଖାଦେଇଥିବା ମତଭେଦ ସ୍ୱାଗତଯୋଗ୍ୟ। କାରଣ ଏ ଦେଶରେ ଚୋରଦଳ ଏକାଠି ହୋଇ ଯାଉଥିବାରୁ ସବୁକିଛି ନିଜକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଗଲେ ତାହା ଦେଶବାସୀଙ୍କ ପାଇଁ କ୍ଷତିକାରକ ହେବ। ସ୍ୱାଧୀନ ତଥା ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକ ଠିକ୍ ମାର୍ଗରେ କାର୍ଯ୍ୟ କରିବା ଉଚିତ। ନିର୍ବାଚନ ଆସିଲେ ସର୍ବଦା 'ଅବାଧ ଓ ନିରପେକ୍ଷ' ଶବ୍ଦକୁ ବ୍ୟାପକ ଭାବେ ବ୍ୟବହାର କରାଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଇସି କୌଣସି ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ଆଡ଼କୁ ଢଳିବା କଥା ନୁହଁ। ୨୦୧୯ ସାଧାରଣ ନିର୍ବାଚନର ପ୍ରଚାର ସମୟକୁ ଦେଖିଲେ ବିଭାଜନ ରାଜନୀତି କେନ୍ଦ୍ରସ୍ଥଳରେ ରହିଥିଲା। ଧର୍ମ, ଜାତି, ପ୍ରତିରକ୍ଷା ଏବଂ ତଥାକଥିତ ଦେଶାତ୍ମବୋଧକ ସ୍ଲୋଗାନ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ କଳୁଷିତ କରିଦେଇଛି। ମୁସଲମାନମାନେ ଭାଜପାକୁ ଭୋଟ ନ ଦେଇ ତାଙ୍କ ମେଣ୍ଟକୁ ସମର୍ଥନ କରିବାକୁ ଭରା ସଭାରେ ମାୟାବତୀ କହିଥିଲେ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବଜରଙ୍ଗବାଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା, ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବାଲୀ ଅଛନ୍ତି। ସେହିପରି ଏମ୍‌ଏନ୍‌ଏମ୍ ନେତା କମଲ ହାସନ ସ୍ୱାଧୀନ ଭାରତର ପ୍ରଥମ ଆତଙ୍କବାଦୀ ଜଣେ ହିନ୍ଦୁ, ଯିଏ କି ନାଥୁରାମ ଗଡ୍‌ଶେ ବୋଲି କହିଥିବା ବେଳେ ତାଙ୍କୁ କାଟିବାକୁ ଯାଇ ଭାଜପା ନେତ୍ରୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ନାଥୁରାମଙ୍କୁ ଦେଶଭକ୍ତ କହିଥିଲେ। କୋଲକାତାରେ ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗ, ଭାରତୀୟ ସେନାକୁ 'ମୋଦି ସେନା' ଆଖ୍ୟା ଦିଆଯିବା, ବାଲାକୋଟ୍ ଆକ୍ରମଣକୁ କେନ୍ଦ୍ର ସରକାରଙ୍କ ପାକିସ୍ତାନ ଉପରେ ଭାରତର ବିଜୟ ଭାବେ ଚିତ୍ରଣ କରିବା ଆଦି ପ୍ରଚାର କୌଶଳ ଦେଖିଲେ ଅସଂଖ୍ୟ ଅସ୍ୱାଭାବିକ କଥା ନିର୍ବାଚନ ବେଳେ କୁହାଯାଇଛି। ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ସକାଶେ ରାଜନୈତିକ ଦଳଗୁଡ଼ିକ ଅନେକ ଅସମ୍ଭବ ପ୍ରତିଶ୍ରୁତି ଦେଇଥିବା ବିଷୟ ନୂଆ ଲାଗୁନାହିଁ। କିନ୍ତୁ ଦେଶର ମଙ୍ଗଳ ଲାଗି କୌଣସି ରାଜନୈତିକ ଦଳ ଦୃଷ୍ଟିପତ୍ର ପ୍ରସ୍ତୁତ ନ କରିବା ପରିତାପର ବିଷୟ। କେବଳ ଭୋଟ ପାଇବା ପାଇଁ ବିଭିନ୍ନ ଉପାୟରେ କ୍ଷମତାକୁ କ୍ଷୁଣ୍ଣ କରାଯିବା ଏବେ ଅନେକଙ୍କ ପାଇଁ ହୋଇଯାଇଛି ନୂଆ ଶୈଳୀ। ଏଭଳି ସ୍ଥଳେ ଇସି ଭଳି ସ୍ୱାଧୀନ ସଂସ୍ଥା ପକ୍ଷଭୁକ୍ତ ହୋଇଯିବା ଅଭିଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

# ଅଙ୍କ ବିଜ୍ଞାନରେ ନିର୍ବାଚନ ଫଳ



ସୁଧିରାଜ ରାଉତ

ମେ ୨୩ ତାରିଖକୁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ଅପେକ୍ଷା କରିଛି- ନିର୍ବାଚନ ଫଳାଫଳ କ'ଣ ହେବ। ଏହି ଫଳାଫଳ ଏକବିଂଶ ଶତାବ୍ଦୀରେ ଭାରତର ରୂପରେଖ ଏବଂ ବିଶ୍ୱରେ ଭାରତର ନେତୃତ୍ୱକୁ ସ୍ପଷ୍ଟ କରିବ। ବହୁ ଟି.ଭି. ଚ୍ୟାନେଲ ଏବଂ ଅନେକ ସଂସ୍ଥା ଦ୍ୱାରା ପରିଣାମ ସମ୍ପର୍କରେ ଜନମତ ସର୍ଭେ କରି ପୂର୍ବାନୁମାନ ପ୍ରକାଶ ପାଇସାରିଛି ଏବଂ ବହୁ ବିଦ୍ୱାନ ଜ୍ୟୋତିଷଶାସ୍ତ୍ରୀ ମଧ୍ୟ ଏହା ଉପରେ ମତ ରଖି ସାରିଛନ୍ତି। ଏହି ଆଲେଖ୍ୟ ମାଧ୍ୟମରେ ଅଙ୍କବିଜ୍ଞାନକୁ ଆଧାର କରି ୨୩ ତାରିଖରେ ପ୍ରକାଶିତ ହେବାକୁ ଥିବା ଫଳାଫଳ ସମ୍ପର୍କରେ ବିଚାର କରିବା।

୨୦୦୯ରେ ଭାଜପାରୁ ଅଲଗା ହୋଇ ବିଜେଡି ଏକା ନିର୍ବାଚନ ଲଢ଼ିଲା। ଜଣେ ବନ୍ଧୁ ଭୁବନେଶ୍ୱରରୁ ଫୋନ କଲେ 'ଅଙ୍କ ବିଜ୍ଞାନ ଅନୁଯାୟୀ ଏହାର ପରିଣାମ କ'ଣ ହେବ?' ମୁଁ ସହଜ ଉତ୍ତର ଦେଲି ବିଜେଡି ଯେତିକି ସିଟ୍ ଆଣିବ ଭାବିଛି ତା'ଠାରୁ ଢେର ଅଧିକ ଆଣି ସରକାର ଗଢ଼ିବ। ମେ ୧୬ ତାରିଖରେ ଏହା ପ୍ରକାଶ ପାଉଥିବାରୁ ନବୀନବାବୁଙ୍କ ପାଇଁ ଅତ୍ୟନ୍ତ ଶୁଭ। କାରଣ ନବୀନବାବୁଙ୍କ ଜନ୍ମ ତାରିଖ ୧୬। ପରିଣାମ ପ୍ରକାଶ ପାଇବା ପରେ ବନ୍ଧୁ ଫୋନ କରି ଆଶ୍ଚର୍ଯ୍ୟ ହେଲେ ଏବଂ କହିଲେ ଆମେ ସଂଖ୍ୟା ଗଢ଼ିଛୁ ଆମର ହିସାବ ପାଇଁ, ଗଣିତ ପାଇଁ। ଏହା କିଭଳି ଜୀବନ ଉପରେ ଏତେ ପ୍ରଭାବ ପକାଉଛି? କହିଲି-ଅନେକ ବିଦ୍ୱାନଙ୍କ ମତ ଅକ୍ଷର ଏବଂ ସଂଖ୍ୟାସବୁକୁ ଆମେ ଆବିଷ୍କାର କରିଛୁ, ଆଉ କିଛି ବିଦ୍ୱାନଙ୍କ ମତ ଆମେ ଏସବୁକୁ ଉଦ୍ଭାବନ କରିଛୁ। ମାଧ୍ୟାକର୍ଷଣ ଶକ୍ତିକୁ ଆମେ ଆବିଷ୍କାର କରିଛୁ, ଏହା ଯେଭଳି ଆମ ଜୀବନକୁ ପ୍ରଭାବିତ କରିଥାଏ, ସେହିପରି ଆମେ ଉଦ୍ଭାବନ କରିଥିବା ମୋବାଇଲ ଏହା ମଧ୍ୟ ଆମ ଜୀବନକୁ ପ୍ରଭାବିତ କରିଥାଏ। ତେଣୁ ଗୁହ୍ୟ ଜ୍ଞାନୀମାନେ କହନ୍ତି, ଆମ ଜାଣତ ଅଜାଣତରେ ଏହି ସଂଖ୍ୟାଗୁଡିକ ଆମ ଜୀବନକୁ ପ୍ରଭାବିତ କରିଥାନ୍ତି। ୨୦୧୪ ନିର୍ବାଚନ ଫଳ ମେ ୧୬ରେ ପ୍ରକାଶ ପାଇଲା ଏବଂ ନବୀନବାବୁଙ୍କ ପାଇଁ ଶୁଭ ଫଳ ଦେଲା। ଏଥର କିନ୍ତୁ ୧୬ ନୁହେଁ ମେ ୨୩ ତାରିଖରେ ଫଳ ପ୍ରକାଶ ପାଇବ।

ଆଧୁନିକ ଭାରତର ଜନ୍ମ ତାରିଖ ୧୫, ସେହି ଦୃଷ୍ଟିରୁ ୬, ୧୫, ୨୪ ତାରିଖ ଭାରତ ପାଇଁ ସର୍ବଦା ଶୁଭ। ମଜାକଥା ଏହି ତାରିଖମାନଙ୍କରେ ଭାରତ ପ୍ରାୟତଃ କ୍ରିକେଟ କେବେ ହାରିନାହିଁ। ଏପରିକି ଅତ୍ୟନ୍ତ ଖରାପ ସ୍ଥିତିରେ ଥିବାବେଳେ ମଧ୍ୟ ଏହି ତାରିଖମାନଙ୍କରେ ଭାରତ ସର୍ବଦା ବିଜିତ ହୋଇଛି। ଆଉ ଏକ ଉଦାହରଣ- ଯିଶୁଖ୍ରୀଷ୍ଟ ଡିସେମ୍ବର ୨୫ରେ ଜନ୍ମ ହୋଇଥିଲେ, ନିଉଟନ, ଅଟଳବିହାରୀ ବାଜପେୟୀ ଏବଂ ବାବା ରାମଦେବ ମଧ୍ୟ ଏହି ଡିସେମ୍ବର ୨୫ରେ ଜନ୍ମ ହୋଇଛନ୍ତି ଏବଂ କେହି ବିବାହ କରିନାହାନ୍ତି। ଅଙ୍କ ବିଜ୍ଞାନ କହେ ୭, ୧୬ ଓ ୨୫ ତାରିଖ ବିବାହ ପାଇଁ ଅନୁକୂଳ ନୁହେଁ। ନବୀନବାବୁଙ୍କ ଜନ୍ମ ତାରିଖ ୧୬, ସେ ମଧ୍ୟ ଅବିବାହିତ। ଅଙ୍କ ବିଜ୍ଞାନ ଏଭଳି ଅନେକ ଗୁପ୍ତ ସତ୍ୟକୁ ପ୍ରକାଶ କରେ ଏବଂ ସମସ୍ୟାର ସମାଧାନ ମଧ୍ୟ କରେ। ଏହି ବିଜ୍ଞାନ ମୂଳତଃ ତିନୋଟି ଗଣନାକୁ ଆଧାର କରି ଭବିଷ୍ୟ ପ୍ରକାଶ କରିଥାଏ। ୧-ଜନ୍ମାଙ୍କ, ୨-ଭାଗ୍ୟାଙ୍କ, ୩-ନାମାଙ୍କ। ମନେକର ଜଣେ ବ୍ୟକ୍ତିର ଜନ୍ମ ତାରିଖ ୫।୯।୧୯୮୫। ଏହାଙ୍କ ଜନ୍ମାଙ୍କ ୫ ଅଟେ, ଭାଗ୍ୟାଙ୍କ- ୫+୯+୧+୯+୮+୫=୩୭=୧୦=୧। ନାମାଙ୍କ ହେଉଛି ଅକ୍ଷର ସବୁକୁ ଅଙ୍କରେ ପ୍ରକାଶ କରି ତା'ର ଯୋଗଫଳ କାଢ଼ିବା। ମନେକର Lagaan=୩+୧+୩+୧+୧+୫=୧୪। ଲଗନ୍ ଫିଲ୍ମ ଆମୀର ଖାଁଙ୍କୁ ଅସମ୍ଭବ ସଫଳତା ଏବଂ ନୂତନ ପରିଚୟ ଦେଇଥିଲା। ଏହାର କାରଣ ଆମୀର ଖାଁଙ୍କ ଜନ୍ମାଙ୍କ ୧୪। ଆଉ ଏକ ଉଦାହରଣ Burma=୨+୬+୨+୪+୧=୧୫। ଏହି ନାମ ଥିବା ବେଳେ ବର୍ମା ଏକ ଶାନ୍ତିପ୍ରିୟ ଓ ସୁନ୍ଦର ରାଷ୍ଟ୍ର ଥିଲା, କାରଣ ୧୫ ଏକ ଶୁଭ ନାମାଙ୍କ। ଯେବେଠୁ Myanmar=୪+୧+୧+୫+୪+୧+୨=୧୮ ହେଲା ତାହା ବିଶୃଙ୍ଖଳା ଓ ବିଭୀଷିକାରେ ଭରିଗଲା। ନାମାଙ୍କ ୧୮ ଏକ ବିଭୀଷିକା ଏବଂ ଈଶ୍ୱରଙ୍କ କୃପାରୁ ନିଜକୁ ବଞ୍ଚିତ କରୁଥିବା ସଂଖ୍ୟା।


ବର୍ତ୍ତମାନ ନିର୍ବାଚନ ଫଳାଫଳକୁ ଆସିବା ଏବଂ ନରେନ୍ଦ୍ର ମୋଦି ଏବଂ ରାହୁଲ ଗାନ୍ଧୀଙ୍କୁ ବିଚାରକୁ ନେବା- ସେମାନଙ୍କ ଜନ୍ମାଙ୍କ, ଭାଗ୍ୟାଙ୍କ, ନାମାଙ୍କକୁ ନେଇ ୨୩ ତାରିଖରେ ପ୍ରକାଶ ହେବାକୁ ଥିବା ନିର୍ବାଚନ ଫଳାଫଳ କ'ଣ ହେବ। ରାହୁଲ ଗାନ୍ଧୀଙ୍କ ଜନ୍ମ ତାରିଖ ୧୯।୬।୧୯୭୦। ଏହି ଦୃଷ୍ଟିରୁ ଜନ୍ମାଙ୍କ ୧, ଭାଗ୍ୟାଙ୍କ ୬ ଓ ନାମାଙ୍କ ୩୬ ଅଟେ ଏବଂ ନାମାଙ୍କର ପିରାମିଡ ସଂଖ୍ୟା ୧୮। ୨୩ ତାରିଖକୁ ବିଚାରକୁ ନେଲେ ରାହୁଲଙ୍କ ଜନ୍ମାଙ୍କ, ଭାଗ୍ୟାଙ୍କ, ନାମାଙ୍କ ସହ ୨୩ ସଂଖ୍ୟା ଅଶୁଭ ନ ହେଲେ ମଧ୍ୟ ସେଭଳି ପ୍ରଭାବଶାଳୀ ଶୁଭ ଫଳଦେବାକୁ ସକ୍ଷମ ନୁହେଁ। ପ୍ରଭାବଶାଳୀ ଶୁଭ ଫଳ ବିନା ପ୍ରଧାନମନ୍ତ୍ରୀ ହେବା କ'ଣ ସମ୍ଭବ? ପୁନଶ୍ଚ ନାମ ପିରାମିଡ ସଂଖ୍ୟା ୧୮ ହେଉଥିବାରୁ ଏହା ତାଙ୍କୁ ସର୍ବଦା ଦୈବୀକୃପାରୁ ବଞ୍ଚିତ କରୁଛି। ଅନ୍ୟ ପକ୍ଷରେ ମୋଦିଙ୍କ ଜନ୍ମ ତାରିଖ ୧୭।୯।୧୯୫୦। ଏହି ଦୃଷ୍ଟିରୁ ଜନ୍ମାଙ୍କ ୮, ଭାଗ୍ୟାଙ୍କ ୫ ଏବଂ ନାମାଙ୍କ ୪୧। ଅଙ୍କ ବିଜ୍ଞାନ କହେ ୮,୧୭,୨୬ ତାରିଖରେ ଜନ୍ମିତ ବ୍ୟକ୍ତିଙ୍କ ଶୁଭ ସଂଖ୍ୟା ୧ ଏବଂ ୫। ୧୭ରେ ଜନ୍ମିତ ମୋଦିଙ୍କ ପାଇଁ ୨୩=୫ ଶୁଭ ହେବ। ମୋଦିଙ୍କ ଭାଗ୍ୟାଙ୍କ ୫ ହେଉଥିବାରୁ ଏବଂ ନାମାଙ୍କ ୪୧=୫ ହେଉଥିବାରୁ ୨୩ ତାରିଖ ସମସ୍ତ ବିରୋଧ ସତ୍ତ୍ୱେ ତାଙ୍କୁ ପ୍ରଭାବଶାଳୀ ଶୁଭଫଳ ପ୍ରଦାନ କରିବ ଏବଂ ପୁନଶ୍ଚ ପ୍ରଧାନମନ୍ତ୍ରୀ କରିବ। ୫ ସଂଖ୍ୟାର ଅଧିପତି ଗ୍ରହ ବୁଧ ଅଟନ୍ତି। ମୋଦିଙ୍କ ଜନ୍ମ କୁଣ୍ଡଳୀରେ ବୁଧ ଉଚ୍ଚ, ଶକ୍ତିଶାଳୀ ହୋଇ ରହିଛନ୍ତି। ଏହି ୫ର ପ୍ରଭାବ ପାଇଁ ସେ ଶକ୍ତିଶାଳୀ ବକ୍ତା ଏବଂ ସଙ୍ଗଠକ ହୋଇପାରିଛନ୍ତି। ମୋଦିଙ୍କ ପିରାମିଡ୍ ସଂଖ୍ୟା ୨୫ ହେଉଥିବାରୁ ତାଙ୍କ ବୈବାହିକ ଜୀବନକୁ ଏହା ପ୍ରଭାବିତ କରିଛି। କେହି କେହି କହନ୍ତି ନରେନ୍ଦ୍ର ଦାମୋଦର ମୋଦି ଏହାଙ୍କ ଅସଲ ନାମ। କିରୋ, ସେତୁରମଣଙ୍କ ଭଳି ମହାନ ଅଙ୍କ ବିଜ୍ଞାନୀ କହନ୍ତି ପରିଚିତ ନାମ ହିଁ ଜୀବନକୁ ପ୍ରଭାବିତ କରିଥାଏ। ତେବେ ନରେନ୍ଦ୍ର ଦାମୋଦର ମୋଦି=୬୪ ସଂଖ୍ୟା ଅଟେ ଏହା ୪୬ ସଂଖ୍ୟା ଭଳି ଶକ୍ତିଶାଳୀ, ଶୁଭ ଏବଂ ପରାକ୍ରମ ସଂଖ୍ୟା। ତେଣୁ ମୋଦିଙ୍କ ପାଇଁ ଏହି ନାମ ମଧ୍ୟ ଅତ୍ୟନ୍ତ ଶୁଭ ପ୍ରଦାନକାରୀ।

ମମତା ବାନାର୍ଜୀଙ୍କ ଜନ୍ମ ତାରିଖ ୫।୧।୧୯୫୫। ଜନ୍ମାଙ୍କ ୫, ଭାଗ୍ୟାଙ୍କ ୮ ଏବଂ ନାମାଙ୍କ ମଧ୍ୟ ୫। ଏହା ଘୋଷଣା କରୁଛି ଭାଜପା ମମତା ଦିଦିଙ୍କ କୌଣସି କ୍ଷତି ଘଟାଇ ପାରିବ ନାହିଁ, ଯାହା ସମସ୍ତେ ଆଶା ରଖୁଛନ୍ତି। ଯୋଗୀ ଆଦିତ୍ୟନାଥଙ୍କ ଜନ୍ମ ୫ ତାରିଖରେ ହୋଇଥିବାରୁ ଅଖିଳେଶ ଏବଂ ମାୟାବତୀଙ୍କ ମେଣ୍ଟ ଆଶାନୁରୂପ ଭାଜପାର କ୍ଷତି ଘଟାଇବାକୁ ସକ୍ଷମ ହେବନାହିଁ। ମଜା କଥା ସ୍ମୃତି ଇରାନୀଙ୍କ ଜନ୍ମ ୨୩ ତାରିଖ, ତେଣୁ ରାହୁଲଙ୍କୁ ହରାଇବା ମୋଟେ ଅସମ୍ଭବ ନୁହେଁ, ଅବଶ୍ୟ ସ୍ମୃତିଙ୍କ ନାମାଙ୍କ ଏତେ ଶକ୍ତିଶାଳୀ ନୁହେଁ।

ଏଥର ୧୬ ତାରିଖ ନୁହେଁ ୨୩ ତାରିଖରେ ନିର୍ବାଚନ ଫଳ ପ୍ରକାଶ ହେବ, ତେଣୁ ନବୀନବାବୁଙ୍କ ପାଇଁ ପୂର୍ବ ଦୁଇ ନିର୍ବାଚନ ଭଳି ମୋଟେ ସହଜ, ଶୁଭ ଘଟିବ ନାହିଁ। ନବୀନ ପଟ୍ଟନାୟକଙ୍କ ନାମାଙ୍କ ୪୯=୧୩=୪ ଅଟେ। ଜନ୍ମ - ୧୬।୧୦।୧୯୪୬, ତେଣୁ ଭାଗ୍ୟାଙ୍କ ୪। ୪ ଅଙ୍କ ନବୀନବାବୁଙ୍କ ଭାଗ୍ୟାଙ୍କ ଏବଂ ନାମାଙ୍କ ମଧ୍ୟ ଏବଂ ଏହି ସଂଖ୍ୟା ରାହୁ ଗ୍ରହଙ୍କୁ ବୁଝାଏ। ନବୀନବାବୁଙ୍କ ଜୀବନକୁ ସର୍ବାଧିକ ପ୍ରଭାବିତ କରିଛି ଏହି ୪ ଅର୍ଥାତ୍ ରାହୁ। ୧୬ ତାଙ୍କ ପାଇଁ ଶୁଭ ସଂଖ୍ୟା ଆଉ ୪ ଏବଂ ୨୩ ତାରିଖ ଅଶୁଭ ନ ହେଲେ ବି ୧୬ ଭଳି ପରିଣାମ ଦେବାକୁ ମୋଟେ ସକ୍ଷମ ନୁହେଁ। ପୁନଶ୍ଚ ୨୩।୫।୨୦୧୯ ସବୁ ମିଶିଲେ ୪ ଅଟେ। ଏସବୁକୁ ବିଚାର କଲେ ରାହୁଙ୍କ ଦୟାରୁ ନବୀନବାବୁ ସରକାର ଗଢ଼ିବା ପାଇଁ ସଂଖ୍ୟା ଯୋଗାଡ଼ କରିପାରନ୍ତି ସତ କିନ୍ତୁ ଶାସନ ବ୍ୟବସ୍ଥା ଏବଂ ନେତୃତ୍ୱ ବହୁ ସମସ୍ୟାପୂର୍ଣ୍ଣ ହୋଇରହିବ।

ଇନ୍ଦ୍ରାବତୀ, ନବରଙ୍ଗପୁର,
ମୋ-୯୪୩୭୬୪୧୪୧୩

# ଫନୀରୁ ଫାଇଦା



ଡ. ଚିନ୍ତାମଣି ପଣ୍ଡା

ଚକ୍ରବାତ ଫନୀ ତାଣ୍ଡବ ରଚିବା ପରେ ଅପସରି ଯାଇଛି। କିନ୍ତୁ ପଛରେ ଛାଡିଯାଇଛି ଧ୍ୱଂସସ୍ତୂପର ବିଭୀଷିକା, ଛାରଖାର କରିଯାଇଛି ସଂସାରର ସବୁଜିମା। ଏପରି ଏକ ବିଧ୍ୱସ୍ତକାରୀ ବାତ୍ୟା ସାଧାରଣ ଜୀବନକୁ ତଳିତଳାନ୍ତ କରି ଦେଇଥିବା ବେଳେ ମୁଷ୍ଟିମେୟ ଗୋଷ୍ଠୀଙ୍କ ନିହିତ ସ୍ୱାର୍ଥର ଚରିତାର୍ଥ ନିମନ୍ତେ ଆଣିଦେଇଛି ସୁବର୍ଣ୍ଣସୁଯୋଗ। ଏହି ଗୋଷ୍ଠୀର ପ୍ରଥମ ବର୍ଗରେ ଅଛନ୍ତି ବୈଦ୍ୟୁତିକ ଗଣମାଧ୍ୟମବାଲା। ମିନିଟ୍‌କୁ ମିନିଟ୍ ତାଜା ଖବର ନାଁରେ ଅନେକ ମସଲାଦାର ଖବର ପରିବେଷଣ କରିବା ସାଙ୍ଗକୁ ନିଜର ପାଣ୍ଡିତ୍ୟ ପ୍ରଦର୍ଶନରେ ଏପରି ମନ୍ତବ୍ୟ ରଖନ୍ତି, ଯାହାକି ଦର୍ଶକମାନଙ୍କୁ ଶଙ୍କାଗ୍ରସ୍ତ ତଥା ହତଚକିତ କରିପକାଏ। ବିଭିନ୍ନ ଚାନେଲରେ ଚମକପ୍ରଦ ଖବର ପରିବେଷଣ ପାଇଁ ଯେଉଁ ଅହେତୁକ ପ୍ରତିଯୋଗିତା ତାହା କେବଳ ଟି.ଆର୍.ପି. ନିଶାରେ। କହିବା ବାହୁଲ୍ୟ ଯେ ସେମାନଙ୍କ କ୍ୟାମେରା ସାମ୍ନାରେ ଲୋକଟିଏ ଭାସିଯାଉଥିବାର ଦେଖିଲେ ତାକୁ ଉଦ୍ଧାର କରିବା ପରିବର୍ତ୍ତେ ତା'ର ଆର୍ତ୍ତଚିତ୍କାରର ଚିତ୍ର ସବୁ ଉତ୍ତୋଳନ କରି ପ୍ରସାରଣ କରିବାକୁ ଶ୍ରେୟସ୍କର ମଣନ୍ତି। ଧନ୍ୟ ସେ କର୍ତ୍ତବ୍ୟର ତାଡ଼ନା! ଏମାନେ ଏପରି ଦୈବୀ ଦୁର୍ବିପାକକୁ ନିଜ ଚାନେଲର ଲୋକପ୍ରିୟତା ବୃଦ୍ଧି ଆଶାରେ ଚାହିଁ ବସିଥାନ୍ତି।

ଅନ୍ୟ ଏକ ଗୋଷ୍ଠୀ ହେଲେ ଜନପ୍ରତିନିଧି। ସେ ନିର୍ବାଚିତ ହୋଇଥାନ୍ତୁ ବା ପରାଜିତ, ଏମିତି ଏକ ଦୁର୍ବିପାକକୁ ଚାହିଁ ବସିଥାନ୍ତି କେବଳ କ୍ଷମତା ଲୋଭରେ। ଗୁରୁ ଧନ ଶିଷ୍ୟଙ୍କୁ ଦେଇ କେବଳ ମଝିରେ ହାତ ଚିକ୍କଣ କରିବା ପରି କ୍ଷମତାଲିପ୍ସୁ ଏହି ନେତାଗଣ ପୁରସ୍କାର ବିତରଣ ଉତ୍ସବର ମୁଖ୍ୟଅତିଥି ପରି ସରକାରୀ ଧନକୁ ଜନସାଧାରଣଙ୍କୁ ଦେଇ ନିଜର ପତିଆରା ଜାହିର କରିଥାନ୍ତି। ଏମାନଙ୍କର ଚେଲାଚାମଣ୍ଡାଗଣ ଏପରି ଏକ ସଙ୍କଟମୟ ପରିସ୍ଥିତିରେ ଗରିବ, ଅଶିକ୍ଷିତ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ଫାଇଦା କରାଇଦେବା ବାହାନାରେ ଦୁଇପଇସା ରୋଜଗାର କରିଥାନ୍ତି। ବେଳେ ବେଳେ କୁଜିନେତା, ଟାଉଟର ଦଳ ମୃତ ଲୋକକୁ ଜୀବିତ ଦର୍ଶାଇ ମିଳୁଥିବା ସମସ୍ତ ସୁବିଧା ସୁଯୋଗକୁ ହଡପ କରିନିଅନ୍ତି।

ପରବର୍ତ୍ତୀ ଗୋଷ୍ଠୀ ହେଲେ ସରକାର ଚଳାଉଥିବା ଅମଲାତନ୍ତ୍ରୀବୃନ୍ଦ। ତଳସ୍ତରଠୁ ଆରମ୍ଭ କରି ଉପରଯାଏ ଏମାନଙ୍କ ମଧ୍ୟରେ ଅନ୍ତଃସ୍ରୋତା ଫଲ୍‌ଗୁ ନଦୀର ବାଲୁକା ଶଯ୍ୟା ପରି ଏକ ଅଦୃଶ୍ୟ ସ୍ରୋତ ଚାଲିଥାଏ, ଯାହାକୁ ମଧ୍ୟ ଆମେ 'ପ୍ରପର ଚାନେଲ' ବୋଲି କହିଥାଉ। ଏମାନେ ସନ୍ତୁଷ୍ଟ ହେଲେ ଧନଶାଳୀ ବ୍ୟକ୍ତିଟିକୁ କାରସାଦି କରି ଭିକାରି ଭତ୍ତା କରାଇଦିଅନ୍ତି ଆଉ ରାଗିଲେ...। ପରବର୍ତ୍ତୀ ଗୋଷ୍ଠୀ ହେଲେ ବ୍ୟବସାୟୀ, ପରିସ୍ଥିତିରୁ ଫାଇଦା ଉଠାଇବାକୁ ଯାଇ କଳାବଜାର କରି ପାଞ୍ଚଟଙ୍କାର ଜିନିଷକୁ ୨୫ ଟଙ୍କାରେ ବିକ୍ରି କରି ଜନସାଧାରଣଙ୍କ ପକେଟ କାଟିବାକୁ ପଛାନ୍ତି ନାହିଁ। ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମହଜୁଦ କରି ବଜାରରେ ଏହାର ଅହେତୁକ ମୂଲ୍ୟବୃଦ୍ଧି ଘଟାନ୍ତି। ଫଳରେ ଅକାରଣରେ ବାତ୍ୟା କ୍ଷତିଗ୍ରସ୍ତ ଅସହାୟ ଲୋକେ ବେଡି ଉପରେ କୋରଡାମାଡ ପରି ମହଙ୍ଗା ମାଡ଼ରେ ଆଉଟୁ ପାଉଟୁ ହୁଅନ୍ତି।

ଅନ୍ୟ ଏକ ଗୋଷ୍ଠୀ ହେଲେ କୁଶଳୀ କାରିଗର। ରାଜମିସ୍ତ୍ରିଠାରୁ ଆରମ୍ଭକରି ପାଇପ ମିସ୍ତ୍ରି ପର୍ଯ୍ୟନ୍ତ ଏବଂ ବୈଦ୍ୟୁତିକ ସରଞ୍ଜାମ ମରାମତିଠାରୁ ଜେନେରେଟର ଭଡାରେ ଦେଉଥିବା ବ୍ୟକ୍ତି ପର୍ଯ୍ୟନ୍ତ ସବୁସ୍ତରର କାରିଗର ମନଇଚ୍ଛା ଦର ହାଙ୍କିଥାନ୍ତି ସାଧାରଣ ଜନତାଙ୍କ ଉପରେ ଏଇ ମଉକାରେ। ସାମାନ୍ୟ କ୍ଷତି ପହଞ୍ଚି ଥାଉ କି ନ ଥାଉ ଅତ୍ୟଧିକ ଲାଭର ଆଶାରେ ଏମାନେ ତାହାକୁ ଅକାମୀ ଦର୍ଶାଇ ପଇସା ଲୁଟିଥାନ୍ତି। ଏମାନଙ୍କ ପଛକୁ କ୍ଷୁଦ୍ର ବ୍ୟବସାୟୀମାନେ ଧାଡି ଲଗେଇଥାନ୍ତି। ପେଟ୍ରୋଲଠାରୁ ଆରମ୍ଭକରି ମହମବତି, ଚା, ଜଳଖିଆ ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ଉଚ୍ଚା ଦରରେ କିଣା ଦର୍ଶାଇ ମୂଲ୍ୟବୃଦ୍ଧିରେ ସହାୟକ ହୋଇଥାନ୍ତି। ଖାଲି ସେତିକି ନୁହେଁ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଅପମିଶ୍ରଣ କରି ଏହି ସୁଯୋଗରୁ ଯଥେଷ୍ଟ ଆର୍ଥିକ ଫାଇଦା ଉଠାଇଥାନ୍ତି।

କବାଡିବାଲାଏ ଭଙ୍ଗାଜିନିଷ ସହିତ ଭଲ ଜିନିଷକୁ ମଧ୍ୟ ଭାଙ୍ଗିରୁଜି ଏହି ସୁଯୋଗର ଫାଇଦା ନେଇଥାନ୍ତି। ପରିଶେଷରେ ସାଧାରଣ ଜନତା, ସେମାନେ ବା ଆଉ ଛାଡନ୍ତେ କିପରି। ନକଲି ହିତାଧିକାରୀ ସାଜି ଯଥେଷ୍ଟ ଅଧିକ କ୍ଷତି କାଗଜପତ୍ରରେ ଦର୍ଶାଇ ଆବଶ୍ୟକ ହେଲେ ହାତଗୁଞ୍ଜା ଦେଇ ମଧ୍ୟ ସମସ୍ତ ସରକାରୀ ସୁବିଧାସୁଯୋଗକୁ ହାତେଇ ନେଇଥାନ୍ତି। ତେଣୁ ଗୋଟିଏ କେଇ ଘଣ୍ଟାର ପ୍ରାକୃତିକ ଦୁର୍ବିପାକ ଏକ ଲମ୍ବା କୃତ୍ରିମ ଯନ୍ତ୍ରଣାସିକ୍ତ ଆପଦରେ ପରିବର୍ତ୍ତିତ ହୋଇଯାଏ। ଏଇ ପରିପ୍ରେକ୍ଷୀରେ ବିଚରା ମଣିଷଟି ଦୁଇପଟୁ ଚକିରେ ପେଷିହେବା ପରି ସନ୍ତୁଳିତ ହୋଇ ପରମେଶ୍ୱରଙ୍କୁ ଯନ୍ତ୍ରଣାରେ ତ୍ରାହି ତ୍ରାହି ଡାକ ଛାଡୁଥାଏ। ତେଣୁ ବାତ୍ୟା, ବନ୍ୟା ପରି ଦୁର୍ବିପାକ କାହା ପାଇଁ କାଳ ତ କାହା ପାଇଁ ରୋଜଗାରର ବେଳ।

ପ୍ରଫେସର, କୃଷି ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୪୩୭୧୮୫୧୭୫

## ଏଇ ଭାରତରେ

ବର୍ତ୍ତମାନ ଗ୍ରୀଷ୍ମଋତୁ ଜାରି ରହିଥିବାବେଳେ ଅନେକ ସ୍ଥାନରେ ଉତ୍କଟ ଜଳସଙ୍କଟ ସୃଷ୍ଟି ହୋଇଛି। ଏଥିପାଇଁ ଗୋଟିଏ ଗାଁର ପୁଅଙ୍କୁ ବାହାଘର କରିବା ମୁସ୍କିଲ ହୋଇପଡିଛି। କାରଣ ଏହି ଗାଁକୁ ଝିଅ ଦେବାକୁ ରାଜି ହେଉନାହାନ୍ତି କନ୍ୟାଘର। ଛତିଶଗଡ଼ର ବିଳାସପୁରରେ ଦେଖାଦେଇଛି ଏଭଳି ଜଳସଙ୍କଟ। ଏଥିପାଇଁ ଝିଅ ବିବାହ ଦେବାକୁ କନ୍ୟାଘର ଲୋକେ ଅମଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଆଦିବାସୀ ଗାଁ କାଢ଼ନିଆରେ ଏହି ସମସ୍ୟା ପାଇଁ ପୁଅଘର ଲୋକେ ସମସ୍ୟାରେ ପଡିଲେଣି। ପାଣି ଆଣିବା ପାଇଁ ଉକ୍ତ ଗାଁର ମହିଳାଙ୍କୁ ବଡ଼ିଭୋରରୁ ୫ କିଲୋମିଟର ଯିବାକୁ ପଡୁଛି। ତେଣୁ ଝିଅ ହନ୍ତସନ୍ତ ହେବା ଆଶଙ୍କା ଥିବାରୁ କନ୍ୟାଘର ଏଠାରେ ବାହାଦେବାକୁ ରାଜି ହେଉ ନ ଥିବା କୁହାଯାଉଛି। ଏହି ଗାଁରୁ ଝିଅମାନେ ବାହାର ଗାଁ ପୁଅଙ୍କ ସହିତ ବିବାହ କରୁଥିଲେ ମଧ୍ୟ ଅନ୍ୟ ଗାଁର ଝିଅ ଏଠାକୁ ବାହାହୋଇ ଆସିବାକୁ ଚାହୁଁନାହାନ୍ତି। କାଢ଼ନିଆ ଗାଁରେ ଶହେ ଆଦିବାସୀ ପରିବାର ବାସକରୁଛନ୍ତି। ଏଠାରେ ଭୂତଳ ଜଳସ୍ତର କମିଯାଉଥିବାରୁ ନଳକୂଅଗୁଡ଼ିକ ଶୁଖିଲା ପଡ଼ିଛି।

## ଚିରନ୍ତନୀ

ରୂପେ ରୂପେ ଆଜି ଫୁଟି ଉଠୁ ତବ ବାଣୀ
ଭୁବନ ବିରାଟ ଭାଷାର ସିନ୍ଧୁ ଛାଣି
ବାଣୀରେ ତୁମର ଫୁଟୁ ଅଭିନବ ରୂପ
ଜାଗ ଯୌବନ ଜାଳି ଜୀବନର ଧୂପ।
ଜାଳି ଦେଇ ଜରା ଜଡ଼ତା ତମସା ରାଜି
ରୂପର ଆଲୋକେ ଜାଗ ଯୌବନ ଆଜି!
ମରଣ ଯନ୍ତ୍ରେ ଦିଅ ହେ ଆଘାତ ହାଣି
ଛନ୍ଦେ ତାହାର ବାଜି ଉଠୁ ତବ ବାଣୀ।

ରୂପ ଓ ବାଣୀ
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମେ ୧୨- ଋଣ ଖିଲାପକାରୀଙ୍କର ଓକିଲ ରଖିବାର ଅଧିକାର ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।
୧୪- ଭାରତର ଜି.ଏସ୍. ଲକ୍ଷ୍ମୀ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ମ୍ୟାଚ୍ ରେଫରି ହେବାର ସୌଭାଗ୍ୟ ଲାଭ କରିଛନ୍ତି।
୧୫- ଆତଙ୍କବାଦୀ ସର୍ଦ୍ଦାର ହାଫିଜ୍ ସଇଦଙ୍କ ଭିଣୋଇ ହାଫିଜ୍ ଅବଦୁର୍ ରହମନ୍ ମକ୍କିଙ୍କୁ ପାକିସ୍ତାନ ସରକାର ଗିରଫ କରିଛନ୍ତି।
୧୬- ବିଶିଷ୍ଟ ଲେଖିକା ଡା. ମଣିଦୀପା ପଟ୍ଟନାୟକ(୪୮)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି, ସେ ରହୁଥିବା ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜନଗରସ୍ଥିତ ବସେରା ଆପାର୍ଟମେଣ୍ଟରୁ କବାଟ ଭାଙ୍ଗି ତାଙ୍କର ଗଳିତ ଶବ ଉଦ୍ଧାର କରାଯାଇଛି।
୧୭- ଓଡ଼ିଶା ଜନ୍ମିତ ବରିଷ୍ଠ ଆଇଏଏସ୍ ଅଫିସର ତଥା ପିଏମ୍‌ଓର ପ୍ରମୁଖ ଅତିରିକ୍ତ ସଚିବ ପ୍ରମୋଦ ମିଶ୍ରଙ୍କୁ ୨୦୧୯ର ବିପର୍ଯ୍ୟୟ ସଂକଟ ହ୍ରାସ ଲାଗି ଜେନିଭାରେ ଜାତିସଂଘର ସମ୍ମାନଜନକ କାକାସାୱା ପୁରସ୍କାର ମିଳିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୯୪

- ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ ଭାରତ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ମଧ୍ୟରେ ବହୁ ଆଲୋଚିତ ଶୀର୍ଷ ବୈଠକ ଅନୁଷ୍ଠିତ।
- ଇଟାଲୀ ପ୍ରଧାନମନ୍ତ୍ରୀ ସିଲଭିଓ ବେର୍ଲୁସ୍କୋନି ପାର୍ଲାମେଣ୍ଟର ଉପର ଗୃହରେ ଆସ୍ଥା ଭୋଟର ସମ୍ମୁଖୀନ ହୋଇଛନ୍ତି।
- ଭେନେଜୁଏଲାର ପୂର୍ବତନ ରାଷ୍ଟ୍ରପତି କାର୍ଲୋସ ଆଣ୍ଡିଜ ପେରେଜ ସାଧାରଣ ପାଣ୍ଠିରୁ ୧୭.୨ ନିୟୁତ ଡଲାର ଅର୍ଥ ଆତ୍ମସାତ ଅଭିଯୋଗରେ ହାଜତରେ ଭର୍ତ୍ତି ହୋଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | | | | | E | 7 | | | | | 5 |
| 8 | 3 | 9 | | | 2 | | 4 | 7 | 5 | | | 6 | | |
| B | | | 9 | | | 0 | 3 | | | | | | | 1 |
| | | | | | 8 | 1 | | 9 | | | | | 0 | |
| E | A | 6 | | | | | | | 1 | 0 | C | | | |
| 5 | 6 | 0 | | D | | B | C | 2 | | | 7 | 4 | 9 | |
| 4 | | | | 8 | | | 7 | | A | | | | D | |
| | | 1 | | | 6 | | | | E | | | | | |
| | | | 2 | E | | | | 5 | | | D | | | 7 |
| 7 | | 2 | | | | | 1 | D | | B | | 3 | | |
| | 1 | | | | D | | 6 | | 0 | 7 | | | 3 | |
| | 7 | 4 | | | B | | 2 | 0 | | 3 | | 5 | | 8 |
| | | | | | | | | | | | 6 | | | 4 |
| 0 | | | C | | | | 5 | | 4 | | B | | E | |
| | 2 | | 1 | | | 3 | | | | | 9 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 6 | 3 | 8 | 7 | 1 | 4 | 9 | 0 | C | E | B | 5 | D |
| E | 0 | 5 | A | D | 4 | 3 | B | C | 7 | 6 | 8 | 1 | 2 | 9 |
| C | 1 | 9 | 2 | B | 5 | E | 6 | 0 | 3 | A | D | 8 | 4 | 7 |
| 3 | D | 4 | C | 0 | 1 | 7 | 5 | 8 | 2 | B | 9 | E | 6 | A |
| B | 8 | 7 | E | 6 | 9 | D | A | 2 | 5 | 1 | 4 | 0 | C | 3 |
| 0 | 6 | 3 | 5 | 4 | C | 8 | D | B | 1 | 7 | A | 9 | E | 2 |
| 4 | 7 | C | B | 9 | 3 | 2 | E | 1 | D | 8 | 6 | A | 0 | 5 |
| D | 5 | 2 | 8 | 1 | E | 4 | 7 | A | 9 | 3 | 0 | 6 | B | C |
| 8 | 9 | E | D | A | 2 | 5 | 0 | 6 | C | 4 | B | 3 | 7 | 1 |
| 1 | B | A | 6 | 7 | 0 | 9 | C | 3 | E | 5 | 2 | 4 | D | 8 |
| 5 | 2 | D | 9 | E | A | B | 3 | 7 | 6 | 0 | 1 | C | 8 | 4 |
| 7 | C | B | 1 | 2 | 8 | 6 | 9 | 5 | 4 | E | 3 | D | A | 0 |
| 6 | 3 | 8 | 0 | C | D | A | 2 | 4 | B | 9 | 7 | 5 | 1 | E |
| A | E | 0 | 4 | 3 | 6 | C | 1 | D | 8 | 2 | 5 | 7 | 9 | B |
| 9 | 4 | 1 | 7 | 5 | B | 0 | 8 | E | A | D | C | 2 | 3 | 6 |

ଗତକାଲିର ଉତ୍ତର

## ଆମ ସମସ୍ୟା

### କନିଷ୍ଠ ଶିକ୍ଷକଙ୍କ ପ୍ରତି ଶୁଭଦୃଷ୍ଟି ପଡ଼ିବ କେବେ

ମହାଶୟ,

ରାଜ୍ୟ ସରକାର ଫିଟ୍‌ମେଣ୍ଟ କମିଟିର ସୁପାରିସକ୍ରମେ ସମସ୍ତ ବିଭାଗର କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ କରିଥିବା ବେଳେ ରାଜ୍ୟର ୭୦ ହଜାର କନିଷ୍ଠ ଶିକ୍ଷକଙ୍କ ମୂଳ ବେତନର ୨୫% ବୃଦ୍ଧି ସହ ବାର୍ଷିକ ୧୦% ଇନ୍‌କ୍ରିମେଣ୍ଟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ କରିବା ପରିତାପର ବିଷୟ। କନିଷ୍ଠ ଶିକ୍ଷକମାନେ ଦୀର୍ଘଦିନରୁ ବେତନ ବୃଦ୍ଧି ପାଇଁ ଦାବି କରୁଥିଲେ ମଧ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ତାହା ଏପର୍ଯ୍ୟନ୍ତ ପାଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ ଏହାର ସୁବିଚାର କରନ୍ତୁ।

ରମାକାନ୍ତ ସାହୁ, ଦଶରଥପୁର, ଯାଜପୁର

### ସର୍ବସାଧାରଣ ସ୍ଥାନରେ ମାଂସକଟା

ପୁଣ୍ୟତୋୟା ଭାର୍ଗବୀ ନଦୀ ଉପରେ ନିର୍ମିତ ଉତ୍କଳମଣି ସେତୁ ବାମପାର୍ଶ୍ୱ, ଯେଉଁଠି ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ରାସ୍ତାର ପ୍ରଜ୍ଞାପନ ପଟ ଅଛି, ସେହି ସ୍ଥାନରେ ମାଂସକଟା/ମାଂସବିକ୍ରି ବେଧଡ଼କ ଚାଲିଛି। ଉଚ୍ଚ ନ୍ୟାୟାଳୟ ସରକାରୀ ରାସ୍ତା ଉପରେ, ଜନସାଧାରଣ, ଛାତ୍ରୀଛାତ୍ର, ଯାନବାହନ ଚାଲୁଥିବା ରାସ୍ତାରେ ଜୀବହତ୍ୟା ଓ ମାଂସ ବିକ୍ରିକୁ ନିଷିଦ୍ଧ କରିଥିଲେ ମଧ୍ୟ ଏଠାରେ ଧାର୍ମିକ ଦିବସମାନଙ୍କରେ ବି ଏହି ବେନିୟମ କାର୍ଯ୍ୟ ଚାଲିଛି। ପୋଲିସ ଜାଣି ମଧ୍ୟ ଚୁପ୍ ରହିବା ଆଶ୍ଚର୍ଯ୍ୟର ବିଷୟ।

ବିଦ୍ୟାଧରପୁର, ବଳପୁର, ସୁଆଣ୍ଡୋ, ରାୟଖଣ୍ଡି, ଗୁଆଳିଗୋରଡା
ଅଞ୍ଚଳବାସୀ, ସତ୍ୟବାଦୀ, ପୁରୀ, ଓଡ଼ିଶା

### ଚାଷଜମିକୁ ବାଟ ନାହିଁ

ଅରଣା ପଞ୍ଚାୟତ ଦେଇ କଟକ-ପାରାଦୀପ ରେଳପଥ ଯିବା ଦ୍ୱାରା ଅରଣା ପଞ୍ଚାୟତ ଏବଂ ମାଣପୁର ପଞ୍ଚାୟତର ଚାଷୀମାନଙ୍କର ରେଳପଥର ଦକ୍ଷିଣ ଦିଗରେ ପ୍ରାୟ ୨୦୦୦ ହେକ୍ଟର ଚାଷଜମି ଏବଂ ଚାରଣଭୂମି ରହିଯାଇଛି। ତେଣୁ ଚାଷୀମାନଙ୍କୁ ଚାଷଜମି ତଥା ଚାରଣଭୂମିକୁ ଯିବା ପାଇଁ ଅସୁବିଧା ହେଉଛି। ସେମାନେ ଅସୁରକ୍ଷିତ ଭାବେ ରେଳଧାରଣା ପାର ହୋଇ ଫସଲ, ଗୋରୁ ଏବଂ ଟ୍ରାକ୍ଟର ପ୍ରଭୃତି ନେବାଆଣିବା କରିବାକୁ ବାଧ ହେଉଛନ୍ତି। ଦୟାକରି କର୍ତ୍ତୃପକ୍ଷ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଯତ୍ନବାନ ହେବେ ବୋଲି ଆଶା କରୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩ ଦିନ ପରେ ଗଣତି, ବଢ଼ୁଛି ଉତ୍କଣ୍ଠା

**ବାଲେଶ୍ୱର ଅଫିସ, ୧୯।୫**

ଭୋଟ ଗଣତି ଦିନ ପାଖେଇ ଆସୁଥିବାରୁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ସେମାନେ ଆଶା, ଆଶଙ୍କାରେ ରହି ଦିନ ବିତାଉଛନ୍ତି। ଏଥର ସାଧାରଣ ନିର୍ବାଚନର ଫଳାଫଳ ଉଭୟ ରାଜ୍ୟ ଓ କେନ୍ଦ୍ର ପାଇଁ କାହା ସପକ୍ଷରେ ଯିବ ସେନେଇ ନାନା ଚର୍ଚ୍ଚା ଲାଗିରହିଛି। ଗତ ୨୯ ତାରିଖରେ ଅନୁଷ୍ଠିତ ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ବାଲେଶ୍ୱର ଲୋକ ସଭା ଆସନରୁ ୧୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ଏହା ଅଧୀନ ୮ ବିଧାନସଭା କ୍ଷେତ୍ର ପାଇଁ ୬୬ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଗଣତିକୁ ଦୃଷ୍ଟିରେ ରଖି ଦଳୀୟ ନେତାମାନେ କର୍ମୀଙ୍କୁ ଡାକି ଆଲୋଚନା ଓ ପର୍ଯ୍ୟାଲୋଚନା କରୁଥିବା ଦେଖିବାକୁ ମିଳିଛି। ଏଥର ଶାସକ ବିଜେଡିକୁ ଭାଜପା ଓ କଂଗ୍ରେସ ଟକ୍କର ଦେଇ ନିର୍ବାଚନ ମୁକାବିଲା କରିଥିବାରୁ ନିର୍ବାଚନ ସମୀକରଣ ବଦଳିପାରେ ବୋଲି ପୂର୍ବରୁ ଆଲୋଚନା ହେଉଥିଲା। ବାଲେଶ୍ୱର ଲୋକ ସଭା ଆସନ ଅଧିକ ଚର୍ଚ୍ଚାରେ ରହିଥିଲା। ବିଜେଡି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା, ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କଂଗ୍ରେସର ନବାଗତ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଉକ୍ତ ଆସନ ପାଇଁ ଭାଗ୍ୟ ପରୀକ୍ଷା କରିଛନ୍ତି। ସେହିପରି ବିଧାନସଭା କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଅନନ୍ତ ଦାସ, ଅନନ୍ତ ପ୍ରସାଦ ସେଠୀ, ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ଇଂ. ସୁକାନ୍ତ କୁମାର ନାୟକ, ଅଶ୍ୱିନୀ ପାତ୍ର, ନିତ୍ୟାନନ୍ଦ ସାହୁ, ପର୍ଶୁରାମ ଧଡ଼ା, ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଚର୍ଚ୍ଚାରେ ରହିଛନ୍ତି। ଚଳିତ ନିର୍ବାଚନରେ ଜିଲାରେ ୭୪.୭୬% ମତଦାନ ହୋଇଛି। ଏଥିମଧ୍ୟରୁ ୭୬.୪୧% ମହିଳା, ୭୩.୧୯% ପୁରୁଷ ଏବଂ ଅନ୍ୟାନ୍ୟ ୩.୯୫% ମତଦାନ କରିଛନ୍ତି। ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୬.୮୨%, ଭୋଗରାଇରେ ୭୩.୩୦%, ବସ୍ତାରେ ୭୭.୦୭%, ବାଲେଶ୍ୱର ସଦରରେ ୭୧.୨୪%, ରେମୁଣାରେ ୭୫.୧୯%, ନୀଳଗିରିରେ ୭୬.୯୫%, ସୋରରେ ୭୧.୦୪%, ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ୭୨.୫୭% ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

## ସଂକ୍ଷେପରେ

### ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଚନ୍ଦନଯାତ୍ରା



**ଖଇରା, ୧୯।୫(ଡି.ଏନ.ଏ.):** ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ରାଧାକୃଷ୍ଣଙ୍କର ପବିତ୍ର ଚନ୍ଦନଯାତ୍ରା ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫଗୁଣା ଗ୍ରାମରେ ଶନିବାର ପୂର୍ଣ୍ଣମୀ ରାତିରେ ରାଧାକୃଷ୍ଣଙ୍କୁ ଏକ ଶୋଭାଯାତ୍ରାରେ ବାଣରୋଷଣି ବାଜା ମଧ୍ୟରେ ଚନ୍ଦନପୋଖରୀକୁ ଅଣାଯାଇଥିଲା। ରାମଚନ୍ଦ୍ର ଶତପଥି, ଅଭିମନ୍ୟୁ ପରମାଣିକ, କମଳାକାନ୍ତ ରାଉତ, ଦେବେନ୍ଦ୍ର ନାୟକ, ଜୟନ୍ତ ରାଉତଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶନିବାର ଓ ରବିବାର ୨ଦିନ ଧରି ଯାତ୍ରା ପରିବେଷଣ କରାଯାଇଥିଲା। ସେହିଭଳି ଜଳଙ୍ଗ ମା’ ପୋଖରୀରେ ମଧ ଚନ୍ଦନଯାତ୍ରା ଜାକଜମକରେ ପାଳିତ ହୋଇଯାଇଛି। ଠାକୁର ରସିକ ଜିଓଙ୍କର ନାବକେଳିର ମନୋରମ ଦୃଶ୍ୟକୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଉପଭୋଗ କରିଥିଲେ। ପ୍ରଫୁଲ୍ଲ କୁମାର ଦାସ, ବାବାଜୀ ଖୁଣ୍ଟିଆ, ଉପେନ୍ଦ୍ର ତିଆଡ଼ି, ବେଣୁଧର ତିଆଡି, ଅନ୍ନପୂର୍ଣ୍ଣା ତିଆଡ଼ି ପ୍ରମୁଖ ୨ଦିନ ଚନ୍ଦନଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଏହାଛଡ଼ା ବ୍ଲକର ଅଲିପୁର, ହନ୍ନବାବୀ, ବଣପାରିଆ ମାଖନପୁର ଇତ୍ୟାଦି ସ୍ଥାନରେ ପବିତ୍ର ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକ ଉଦ୍ଧାର

**ଖଇରା, ୧୯।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଏକ ଆଦିବାସୀ ସାହିରେ ରବିବାର ଏକ ଅଭାବନୀୟ କାଣ୍ଡ ଘଟିଛି। ଯୌନାଙ୍ଗରୁ ରକ୍ତସ୍ରାବ ହେଉଥିବା ଅବସ୍ଥାରେ ଜନୈକ ଯୁବକଙ୍କୁ ପରିବାର ଲୋକେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କୁ ମାର୍କୋଣା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ସ୍ଥାନାନ୍ତର କରାଯାଇଛି। କୌଣସି ଅଜଣା ଜନ୍ତୁ କାମୁଡ଼ିବାରୁ ରକ୍ତସ୍ରାବ ହୋଇଥିବା ପରିବାର ଲୋକେ କହୁଛନ୍ତି। ସ୍ଥାନୀୟ ଲୋକେ ଏନେଇ ଭିନ୍ନ କଥା କହୁଛନ୍ତି। ପାଖ ସାହିର କେତେକ ମହିଳା ଏହି ଯୁବକଙ୍କ ଉପରେ କ୍ଷୁବ୍ଧ ହୋଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ପୋଲିସ ନିକଟରେ ଏନେଇ କୌଣସି ସୂଚନା ନ ଥିବା ଥାନା ପକ୍ଷରୁ କୁହାଯାଇଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ଔପଦାରେ ଚନ୍ଦନ ଯାତ୍ରା ଅବସରରେ ଆୟୋଜିତ ଶୋଭାଯାତ୍ରା।

# ଔପଦା ଚନ୍ଦନ ଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁ

## ନାବକେଳିରେ ଶ୍ରୀଜୀଉ

**ଔପଦା, ୧୯।୫(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାର ସଂଲଗ୍ନ ନରମା ଗ୍ରାମ ପୋଖରୀରେ ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ଓ ନାବକେଳି ଉତ୍ସବ ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିକୁ ଏକ ସୁସଜ୍ଜିତ ବିମାନରେ ଘଣ୍ଟ ଓ ମୃଦଙ୍ଗ ବାଦ୍ୟର ତାଳେ ତାଳେ ଭଜନ କୀର୍ତ୍ତନ କରାଯାଇ ନିକଟସ୍ଥ ଦୁକଣ୍ଡ ଖଇରା ମନ୍ଦିରରୁ ଶୋଭାଯାତ୍ରାରେ ଅଣାଯାଇ ଔପଦା ବଜାର ପରିକ୍ରମା କରି ନରମା ପୋଖରୀ ଘାଟରେ ପହଞ୍ଚିଥିଲା। ରଙ୍ଗବେରଙ୍ଗର ବାଣ, ରୋଶଣି, ଆତସବାଜିରେ ଉତ୍ସବସ୍ଥଳ ମୁଖରିତ ହୋଇଥିଲା। ଯଥାବିଧି ପାରମ୍ପରିକ ପୂଜା ଉପାସନା ପରେ ସୁସଜ୍ଜିତ ନାଆରେ ବିଜେ ବିରାଜିତ ହୋଇ ପୋଖରୀ ପରିକ୍ରମା କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୋଖରୀ ପରିକ୍ରମା କରୁଥିବା ଶ୍ରୀଜୀଉମାନଙ୍କ ବୋଇତକୁ ଶଙ୍ଖ ଘଣ୍ଟା ଘଣ୍ଟ ନାଦ ସହ ଭକ୍ତିଭାବରେ ଶ୍ରଦ୍ଧା ନିବେଦନ କରିଥିଲେ। ନାଆ ମଧ୍ୟରେ ଶ୍ରୀଜୀଉଙ୍କ ପୂଜକ ତତ୍ତ୍ୱାବଧାରକ ପ୍ରମୋଦ ମହାପାତ୍ର, ସ୍ୱେଚ୍ଛାସେବୀ ଭଗବାନ କର ଓ କଳ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବସ୍ଥଳକୁ ବିଦ୍ୟୁତ୍ ଆଲୋକରେ ସଜ୍ଜିତ କରାଯାଇ ଚନ୍ଦନ ଯାତ୍ରା ଉତ୍ସବ ସଫଳତାର ସହ ଆୟୋଜିତ ହୋଇଥିବାରୁ ପ୍ରମୁଖ ଆୟୋଜକ ପୂର୍ଣ୍ଣଚନ୍ଦ୍ର ଦଳେଇ, ସୋମନାଥ ସାହୁ, ଭଗବାନ କର ଓ ୱାର୍ଡ଼ସଭ୍ୟ ବିଷ୍ଣୁମୋହନ ଦଳେଇ ଧନ୍ୟବାଦ ଦେଇଥିଲେ।

# ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ

**ବାଲିଆପାଳ, ୧୯।୫(ଡି.ଏନ.ଏ.):** ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଆପାଳ ବ୍ଲକର ବିଶିଷ୍ଟ ସାହିତ୍ୟିକ ତଥା କବି ସନ୍ୟାସୀ ବେହେରାଙ୍କୁ ମୁଣ୍ଡୁଣିଆ ଦୀନକୃଷ୍ଣ ସ୍ମୃତିପରିଷଦ ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଛି। କବି ଦୀନକୃଷ୍ଣଙ୍କ ଜନ୍ମପୀଠଠାରେ ୪୯ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କଥାକାର କୁମାର ଚକ୍ରବର୍ତ୍ତୀ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଶିରିଶ ଜେନା, ରାଜ୍ୟ ସାହିତ୍ୟ ଏକାଡେମୀର ସଦସ୍ୟ ହରିଶ ଚନ୍ଦ୍ର ବେହେରା, ବିଶିଷ୍ଟ ସାହିତ୍ୟିକ ଭାଗବତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବେହେରା ଦୀର୍ଘ ଦିନ ଧରି ନିଃସ୍ୱାର୍ଥପର ଭାବରେ ସମାଜସେବା ସହିତ ନିଜର ସାହିତ୍ୟ ସାଧନାକୁ ଜାରି ରଖିଆସିଛନ୍ତି। ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ବେହେରା ଦୀନକୃଷ୍ଣ ସାହିତ୍ୟ ପରିଷଦକୁ ଓ ଓଡିଶା ସାହିତ୍ୟ ଏକାଡେମୀକୁ ସାଧୁବାଦ ଜଣାଇଛନ୍ତି।



ମାର୍କୋଣା ରେଳ ଷ୍ଟେଶନ ନିକଟସ୍ଥ ଗୌଡଦିଆ ନୟନଜୋରୀରୁ ସ୍ଥାନୀୟ ଲୋକେ ମାଛ ଧରୁଛନ୍ତି। (ଫଟୋ–ସନ୍ତୋଷ)

# କଡ଼ା ସୁରକ୍ଷାରେ ୨ ବୁଥରେ ସାନି ମତଦାନ

- ବ୍ୟାପକ ପୋଲିସ ଓ ସିଆରପିଏଫ୍ ମୁତୟନ
- ଏଥର ବଢ଼ିଲା ମତଦାନ ହାର

**ବସ୍ତା, ୧୯।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଜଳେଶ୍ୱର ନିର୍ବାଚନମଣ୍ଡଳୀର କାଦରାୟାଁ ପଞ୍ଚାୟତର ଦୁଇଟି ବୁଥରେ କଡ଼ା ସୁରକ୍ଷା ମଧ୍ୟରେ ରବିବାର ସାନି ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କାଦରାୟାଁ ଉର୍ଦ୍ଦୁ ପ୍ରାଇମେରୀ ସ୍କୁଲରେ ପଞ୍ଚାୟତର ୧୮୭ ଓ ୧୮୯ ନଂ. ବୁଥକୁ ପୂର୍ବରୁ ଅତି ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ କରାଯାଇଥିଲା। ଗତ ୨୯ତାରିଖରେ ଭୋଟ ବେଳେ ଏହି ଦୁଇ ବୁଥରେ ରିଗିଂ ହୋଇଥିବା ଅଭିଯୋଗ ହୋଇଥିଲା। ନିର୍ବାଚନ କମିଶନ ସେଠାରେ ସାନି ମତଦାନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତଦନୁଯାୟୀ ସାନି ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ବ୍ୟାପକ ପୋଲିସ ଓ ସିଆରପିଏଫ୍ ମୁତୟନ କରାଯାଇଥିଲା। ୧୮୭ନଂ. ବୁଥରେ ପୂର୍ବାହ୍ନ ୭ଟା ୩୦ମିନିଟ୍‌ରେ ମତଦାନ ଆରମ୍ଭ ହୋଇଥିଲା। ତେବେ ୧୮୯ନଂ. ବୁଥରେ ୭ଟା ୪୦ମିନିଟ୍ ସମୟରେ ମତଦାନ ହୋଇଥିଲା। ପ୍ରବଳ ଗରମ ଗୁଳୁଗୁଳି ସତ୍ତ୍ୱେ ମହିଳା ଓ ପୁରୁଷ ଭୋଟରମାନେ ଲମ୍ବାଧାଡ଼ିରେ ଛିଡ଼ା ହୋଇ ମତାଧିକାର ସାବ୍ୟସ୍ତ କରିଥିଲେ। ଶେଷବେଳକୁ ୭୩ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ୧୮୭ନଂ. ବୁଥରେ ୮୯୨ ଭୋଟରଙ୍କ ମଧ୍ୟରୁ ୬୫୪ ଓ ୧୮୯ନଂ. ବୁଥରେ ୧୦୯୮ ଭୋଟରଙ୍କ ମଧ୍ୟରୁ ୮୦୨ ଜଣ ମତଦାନ କରିଥିବା କୁହାଯାଉଛି। ୨୯ ତାରିଖ ନିର୍ବାଚନ ଅପେକ୍ଷା ଏଥିରେ ମତଦାନ ହାର ବଢ଼ିଥିବା କୁହାଯାଉଛି।



ଦୁଇ ମହିଳା ଭୋଟର ମତଦାନ ସାବ୍ୟସ୍ତ କରିବା ପରେ କାଳି ଚିହ୍ନ ଦେଖାଉଛନ୍ତି।




ଅତିଥିଙ୍କ ଦ୍ୱାରା ‘ଶହେଏକ ଏକପଦୀ’ ଉନ୍ମୋଚନ କରାଯାଉଛି।

# ଓଡ଼ିଆ ସାହିତ୍ୟରେ ‘ଅଳଙ୍କାର’ ଅତୁଳନୀୟ

## ‘ଶହେ ଏକ ଏକପଦୀ’ ସଙ୍କଳନ ଉନ୍ମୋଚିତ

**ବାଲେଶ୍ୱର ଅଫିସ, ୧୯।୫**

ଓଡ଼ିଆ ଭାଷା ସାହିତ୍ୟରେ ଆରମ୍ଭରୁ ଏଯାଏ ଅନେକ ପରୀକ୍ଷା ନିରୀକ୍ଷା ହୋଇଆସିଛି। ସୃଜନଶୀଳ ସ୍ରଷ୍ଟାମାନେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନି ଚାଳନାକରି ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ଆଗରୁ ଭାଷାଭିତ୍ତିକ କବିତା ‘ଏକପଦୀ’ ରଚିତ ହେଉଥିଲା। ବର୍ତ୍ତମାନ ଏଭଳି ରଚନା ବିରଳ ହୋଇପଡ଼ିଛି। ତେବେ ଏକପଦୀ କବିତା ଅଭାବକୁ ଦୂର କରିବା ଲାଗି ବହୁ କବିଙ୍କ ଉଦ୍ୟମରେ ‘ଶହେ ଏକ ଏକପଦୀ’ ନାମରେ ଏକ ନୂତନ ସଂକଳନ ପ୍ରକାଶ ପାଇଛି। ଶନିବାର ବାଲେଶ୍ୱର ଶାନ୍ତିକାନନ ପରିସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଏକାଦଶ ବାର୍ଷିକ ଉତ୍ସବରେ ବରିଷ୍ଠ ସାହିତ୍ୟିକ ଡ. ରମାକାନ୍ତ ବେହେରା ଏହି ସଂକଳନକୁ ଲୋକାର୍ପିତ କରି ଓଡ଼ିଆ ଭାଷା ସାହିତ୍ୟର ପରମ୍ପରା ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ଜିଲାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତି ସାରସ୍ୱତ ସାଧକମାନଙ୍କ ପାଇଁ ସୁରକ୍ଷିତ ହୋଇ ରହିପାରିଛି ବୋଲି ସେ କହିଥିଲେ।

ଉତ୍ସବରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରି ଭାଷା ସାହିତ୍ୟର ସୁରକ୍ଷା ଓ ବିକାଶ ଦିଗରେ ଅନୁଷ୍ଠାନ କରିଆସୁଥିବା କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ପଣ୍ଡିତ ସୁରେନ୍ଦ୍ରନାଥ କର ଆସରକୁ ଉଦ୍‌ଘାଟନ କରି ଉପାନ୍ତ ଅଞ୍ଚଳରେ ଭାଷା ସାହିତ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଥୁରା ନାଥ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟରେ ଅଳଙ୍କାର ପ୍ରୟୋଗ ଅତୁଳନୀୟ ବୋଲି ଏକ ପ୍ରବନ୍ଧ ଉପସ୍ଥାପନା କରି ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ନିବାରଣ ଜେନା ଓ ସଙ୍ଗଠନ ସମ୍ପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ। ଦୀପକ ବୋଷ୍ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ଶେଷରେ ସୁବ୍ରତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ଚାଟାର୍ଜୀ, ଡ. ସାରଙ୍ଗଧର ତ୍ରିପାଠୀ, ମହେନ୍ଦ୍ର ପ୍ରସାଦ ଧଳ, ଚତୁର୍ଭୁଜ ଜେନା, ନୃସିଂହ ଚରଣ ନାୟକ, ଶିତିକଣ୍ଠ ଦୀକ୍ଷିତ, ଅରୁଣା ରାୟ, ସ୍ମୃତି ଦାସ, କଲ୍ୟାଣୀ ନନ୍ଦ, ଜ୍ୟୋତ୍ସ୍ନା ରାୟ, ମମତା ଦାସ, ବିଶ୍ୱନାଥ ରଣା, ଡ. କରୁଣାକର ରାଉଳ, ରମାକାନ୍ତ ମହାନ୍ତି, ଡ. ଅଭିମନ୍ୟୁ କାନୁନ୍‌ଗୋ, ଜଳଧର ପଣ୍ଡା, ଡା. ସନାତନ ଦାସ, ଡ. ରତ୍ନାକର ସିଂହ, ଡ. ସଞ୍ଜୟ କୁମାର ପଣ୍ଡା, ନିରଞ୍ଜନ ରାଉତ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ରାଜେନ୍ଦ୍ର କୁମାର ରାଉତ, ବିଦ୍ୟାଧର ସାହୁ, ପୁରୁଷୋତ୍ତମ ବେହେରା, ଅମରେନ୍ଦ୍ର ସିଂ ପ୍ରମୁଖ ଏହି ସାରସ୍ୱତ ସମାରୋହରେ ଉପସ୍ଥିତ ଥିଲେ।

# ଅଂଶୁଘାତ ଶିକାର ମହିଳା ଡାକ୍ତରଖାନାରେ ଭର୍ତ୍ତି

**ବାଲେଶ୍ୱର ଅଫିସ, ୧୯।୫:** ବାଲେଶ୍ୱର ସହରରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ହେତୁ ରବିବାର ମଧ୍ୟାହ୍ନ ସମୟରେ ଟାଉନହଲ୍ ସମ୍ମୁଖରେ ଚୁନି (୩୫) ନାମ୍ନୀ ଜଣେ ମହିଳା ଅଂଶୁଘାତର ଶିକାର ହୋଇ ତଳେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର କର୍ମକର୍ତ୍ତା ଉକ୍ତ ମହିଳାଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚୁନିଙ୍କ ଘର ଟାଉନ ଥାନା ଅଧୀନ ପୁଲବଜାରସ୍ଥିତ ନରପୁରରୋଡ୍‌ରେ। ସେ ସହରର ଏକ ହୋଟେଲ୍‌ରେ କାର୍ଯ୍ୟ କରନ୍ତି। କାର୍ଯ୍ୟ ଶେଷ କରି ସେ ସାଇକେଲ ଯୋଗେ ମଧ୍ୟାହ୍ନ ସମୟରେ ଘରକୁ ଫେରୁଥିବା ବେଳେ ଅଂଶୁଘାତର ଶିକାର ହୋଇଥିଲେ।

# କଳା ଓ ସଂସ୍କୃତି ସଂଘର ବନ୍ଧୁମିଳନ

**ବାହାନଗା, ୧୯।୫(ଡି.ଏନ.ଏ.)**

ବାହାନଗା ବ୍ଲକ ପଣପଣା ଗ୍ରାମ ନିକଟସ୍ଥ ମେଳନ ପଡିଆ ପରିସରରେ ରବିବାର ବ୍ଲକର କଳା ଓ ସଂସ୍କୃତି ସଂଘର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଳାକାରମାନଙ୍କର ଦୁଃଖ ଓ ଦୁର୍ଦ୍ଦଶା ସମ୍ପର୍କରେ ଆଲୋଚନା କରାଯିବା ସହିତ ଯେଉଁମାନେ କଳାକାର ଭତ୍ତା ପାଇନାହାନ୍ତି ବା ସେ ବାବଦରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଅଛନ୍ତି ସେମାନେ କିପରି ସରକାରଙ୍କ କଳାକାର ଭତ୍ତା ପାଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ବ୍ଲକର ୨୪ଟି ପଞ୍ଚାୟତର କଳାକାରମାନେ ଯୋଗଦେଇ ପରସ୍ପର ଭିତରେ ଭାବ ଆଦାନପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କଳାକାର ସଂଘର ଉପସଭାପତି ତଥା ବ୍ଲକ କଳା ଓ ସଂସ୍କୃତି ସଂଘର ସମ୍ପାଦକ ଗଜେନ୍ଦ୍ର ଯେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକ ସଂଘର ସଭାପତି ରବୀନ୍ଦ୍ର କୁମାର ଧାମୁଡିଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସୁଧାକର ନାୟକ, ବୈରାଗୀ ବେହେରା, ଘନଶ୍ୟାମ ମହାଳିକ, ଲୋକନାଥ ମଲ୍ଲିକ ପ୍ରମୁଖ ଯୋଗଦେଇ କଳାକାରମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସୁଦର୍ଶନ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ସନାତନ ନାୟକ, ସଙ୍କର୍ଷଣ ସେଠୀ, ପରମାନନ୍ଦ ମଣ୍ଡଳ, ଗୋପାଳ ଯେନା, ସୁକଦେବ ମଳିକ, ସୁକାନ୍ତି ବାରିକ, ଭାସ୍କର ପ୍ରଧାନ, ଜଗବନ୍ଧୁ ମହାଳିକ ପ୍ରମୁଖ ୮୦ରୁ ଊର୍ଦ୍ଧ୍ୱ କଳାକାରମାନେ ଯୋଗ ଦେଇଥିଲେ।



ବନ୍ଧୁମିଳନ ଅବସରରେ ଉପସ୍ଥିତ କଳା ଓ ସଂସ୍କୃତି ସଂଘର କର୍ମକର୍ତ୍ତା।

# ବାଲିଆପାଳରେ ପରିମଳ ବିପର୍ଯ୍ୟସ୍ତ

## ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା, ଲୋକଙ୍କୁ ମିଳୁନି ପିଇବା ପାଣି

**ବାଲିଆପାଳ, ୧୯।୫(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ପରିମଳମୁକ୍ତ ବ୍ଲକ ଭାବେ ସରକାରଙ୍କଠାରୁ ପୁରସ୍କୃତ ହୋଇଥିଲେ ମଧ ଏହାର ମୁଖଶାଳା ବ୍ଲକ ଛକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଯେଉଁଠି ଦେଖିବ ରାସ୍ତାକଡରେ ଜମା ହୋଇଛି କୁଢ କୁଢ ଆବର୍ଜନା। ଏହା କେବଳ କାଗଜକଲମରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାବ୍ୟତୀତ ଏଠାରେ ପିଇବା ପାଇଁ ପାଣି ଟୋପାଏ ମିଳୁନି। ବିଭିନ୍ନ କାମରେ ଏଠାକୁ ଆସୁଥିବା ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାଲିଆପାଳ ବସ୍‌ଷ୍ଟାଣ୍ଡ, ଜାମକୁଣ୍ଡା ଛକ ଓ ବ୍ଲକ ଛକରେ ପିଇବା ପାଣି କି ଶୌଚାଳୟର ବ୍ୟବସ୍ଥା ନାହିଁ। ବ୍ଲକ ଛକରେ ଦୀର୍ଘଦିନ ଧରି ଦାବି ପରେ ଏକ ନଳକୂପ ବସାଯାଇଥିଲା, ହେଲେ ସେଥିରୁ ଗୋଳିଆ ପାଣି ବାହାରୁଛି। ଏଠାରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ ଦୀର୍ଘ ଦିନ ଧରି ପାଇପ ଫାଟି ଯାଇ ସେଥିରେ ଦୂଷିତ ପାଣି ପଶୁଛି। ଅନ୍ୟ ଉପାୟ ନ ପାଇ ସେହି ପାଣିକୁ ଲୋକମାନେ ବାଧ୍ୟ ହୋଇ ପିଉଛନ୍ତି। ଏଠାରେ ଏକ ଭଙ୍ଗା ଟ୍ୟାପ ରହିଛି। ସେଥିରୁ ବେଳେ ବେଳେ ପାଣି ବାହାରୁଛି। ଯେତେ ଅଭିଯୋଗ କଲେ ବି ଫଳ କିଛି ନାହିଁ। ସେହିପରି ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ବହୁ ଦୂରଦୂରାନ୍ତରୁ ଆସୁଥିବା ବସ୍ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପରିସ୍ରାଗାର ନ ଥିବାରୁ ମହିଳା ଯାତ୍ରୀମାନେ ବେଶି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାଲିଆପାଳ ବସ୍‌ଷ୍ଟାଣ୍ଡର ଅବସ୍ଥା ଅନୁରୂପ। ଏଠାରେ ମଧ ପିଇବା ପାଣି କି ଶୌଚାଳୟର ବ୍ୟବସ୍ଥା ନାହିଁ। ଖାଲି ବ୍ଲକ ଛକ କାହିଁକି ମୁଖ୍ୟବଜାର କାଳିପଦା, ରତାଇ, ନୂଆଗାଁ, ମାନ୍ଧାତା, ଲଙ୍ଗଳେଶ୍ୱର ଓ ଖପରାପଦା ଆଦି ବଜାରରେ ଶୌଚାଳୟର ବ୍ୟବସ୍ଥା ନାହିଁ। ବାଲିଆପାଳ ବ୍ଲକ ସମସ୍ତ ପଞ୍ଚାୟତରେ ଶତପ୍ରତିଶତ ପାଇଖାନା ହୋଇଥିବା ଦର୍ଶାଇ ବ୍ଲକ କର୍ତ୍ତୃପକ୍ଷ ନିର୍ମଳ ଗ୍ରାମ ପୁରସ୍କାର ପାଇସାରିଛନ୍ତି। ମାତ୍ର ବହୁ ପଞ୍ଚାୟତର ଅନେକ ଘରକୁ ପାଇଖାନା ଦିଆଯାଇ ନ ଥିବାବେଳେ କେବଳ କାଗଜକଲମରେ ସବୁ ଘରକୁ ଘରୋଇ ପାଇଖାନା ଦିଆଯାଇଥିବା ଦର୍ଶାଯାଇଛି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ବହୁ ହିତାଧିକାରୀ ପାଇଖାନା କରି ବିଲ୍ ପାଇଁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ ଅର୍ଥ ମିଳୁନି। ସେହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବହୁ ପରିଶ୍ରମ କରି ଖର୍ଚ୍ଚାନ୍ତ ହୋଇ ପାଇଖାନା ତିଆରି କରି ମଧ ବିଲ୍ ପାଉ ନ ଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କେବଳ ବାହାବା ମାରୁଥିବା ବେଳେ ବାସ୍ତବ କଥା ଚିନ୍ତା କରୁନାହାନ୍ତି। ସେହିପରି ବାଲିଆପାଳ ମୁଖ୍ୟ ବଜାରରେ ଡ୍ରେନଗୁଡିକ ସଫା ନ ହୋଇ ଅଳିଆ ଆବର୍ଜନାରେ ପୋତି ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ପରିସ୍ଥିତି ଭୟଙ୍କର ହେବ ବୋଲି ଲୋକମାନେ ଚିନ୍ତାରେ ଅଛନ୍ତି।



ଡ୍ରେନ୍ ଭିତରେ ଅଳିଆ ଆବର୍ଜନା ଜମା ହୋଇ ରହିଛି।

## ସଂକ୍ଷେପରେ

### ପାଇକାସ୍ତା ଓ ଅଭଣାରେ ଚନ୍ଦନ ଯାତ୍ରା



ବାହାନଗା,୧୯।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ଗ୍ରାମ ହାଟପଡିଆ ନିକଟ ବିସିରା ପୋଖରୀରେ ସାମରାଇ ଠାକୁର ଏବଂ ଗୋପାଳପୁର ପଞ୍ଚାୟତର ପାଇକାସ୍ତା ଗ୍ରାମ ଦେଉଳା ପୋଖରରେ ବାବା ଜଳହରୀଙ୍କ ୩୦ ତମ ସାର୍ବଜନୀ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ଲାଗି ପରିବେଶ ଉତ୍ସବମୁଖର ହୋଇପଡିଥିଲା। ଏହି ଯାତ୍ରା ପୂର୍ଣ୍ଣମୀ ୨ ଦିନ ଆଗରୁ ଆରମ୍ଭ ହୋଇ ପୂର୍ଣ୍ଣମୀରେ ସରିଥାଏ। ବାବା ସାମରାଇଙ୍କ ଚନ୍ଦନ ଯାତ୍ରା ଲାଗି ହାଟପଡିଆ ବିସିରା ପୋଖରୀ ଚାରିକଡକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ବହୁ ଭକ୍ତ ଠାକୁରଙ୍କ ନାବକେଳି ସନ୍ଦର୍ଶନ କରିଥିଲେ। ରାତିସାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ସାଙ୍ଗକୁ ଅପେରା ପରିବେଷଣ ହୋଇଥିଲା। ପାଇକାସ୍ତା ଦେଉଳା ପୋଖରୀରେ ବାବା ଜଳହରୀଙ୍କ ଚନ୍ଦନ ଯାତ୍ରା ମଧ ଆଡମ୍ବର ସହିତ ପାଳିତ ହୋଇଥିଲା। ବାଲେଶ୍ୱର ଜିଲାର ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଯଜ୍ଞ ଓ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ସଭା ହୋଇ ଥିଲା। ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାସ ନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସୁମନ୍ତ ନାୟକ, ବିଦ୍ୟାଧର ପାଣିଗ୍ରାହୀ , ଅଶ୍ୱନୀ ମହାପାତ୍ର. ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଦେବାଶିଷ, ପୂଜା ,ବାପି ପଣ୍ଡା, ଆୟୁଷ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଅନୁରୂପ ତାଳକୁରୁଣିଆ ଗ୍ରାମରେ ଚନ୍ଦନ ଯାତ୍ରା ଶନିବାର ରାତିରେ ଅନୁଷ୍ଠିତ ହୋଇଥିଲା।

### ସମସ୍ୟା ଘେରରେ କେନ୍ଦୁଝର ସମବାୟନଗର

କେନ୍ଦୁଝର, ୧୯।୫(ଡି.ଏନ.ଏ.): କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ୧ ନମ୍ବର ୱାର୍ଡରେ ଥିବା ସମବାୟ ନଗରର ଦୂରାବସ୍ଥା କହିଲେ ନସରେ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ହୁଡକୋ କଲୋନୀ ନିକଟରେ ତଥା ପୁରୁଣସହରଠାରୁ ରାଙ୍କି ଯିବା ରାସ୍ତାରେ ଡାହାଣକୁ ଗଲେ ଏହି ସମବାୟ ନଗର ଆରମ୍ଭ ହୋଇଥିବାବେଳେ ଅନ୍ୟପଟରେ ହାଡବନ୍ଧ ପୋଖରୀ ଦେଇ ଏକ ରାସ୍ତା ମଧ ହୁଡ୍‌କୋ ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତା ପାଇଁ ଲୋକମାନେ ନାକେଦମ୍ ହେଉଥିବାବେଳେ ବର୍ଷା ଦିନେ ଏହି ରାସ୍ତାରେ ଯିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇ ପଡିଥାଏ। ଅନେକ ସମୟରେ ଏହି ରାସ୍ତା ସମ୍ପର୍କରେ ମ୍ୟୁନିସିପାଲିଟି ଅଫିସରେ ଅଭିଯୋଗ କଲେ ମଧ ଏହାର କୌଣସି ସୁଫଳ ମିଳି ପାରୁନାହିଁ। ସମ୍ପ୍ରତି କେନ୍ଦୁଝରଗଡ ପୌରପାଳିକାର ପ୍ରଶାସକ ତଥା ଜିଲାପାଳ ଓ ପୌର ନିର୍ବାହୀ ଅଧିକାରୀ ଏହି ସମବାୟ ନଗର ପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହେଉଛି।

### ବୃଦ୍ଧଙ୍କ ମୃତ୍ୟୁ ଘଟଣା, ବାଇକ୍ ଚାଳକ ଗିରଫ

ବୁଗୁଡ଼ା,୧୯।୫(ଡି.ଏନ.ଏ.): ବୁଗୁଡ଼ା ସହର ଉପକଣ୍ଠ ବଡ଼ଶଙ୍ଖଠାରେ ଶନିବାର ପୂର୍ବାହ୍ନରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବୁଗୁଡ଼ା ପୋଲିସ ରବିବାର ସମ୍ପୃକ୍ତ ବାଇକ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡ଼ାର ସାଗର ସାହୁ। ଥାନା ମାମଲା ନଂ. ୩୪/୧୯ ପ୍ରକାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ରାମଣ୍ଡା ଗ୍ରାମର ବାସୁଦେବ ଗୌଡ଼ (୭୫) ଶନିବାର ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରୁଥିବା ବେଳେ ବଡ଼ଶଙ୍ଖ ଠାରେ ସମ୍ମୁଖ ପଟୁ ବାଇକ୍‌ରେ ଆସୁଥିବା ସାଗର ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ବାସୁଦେବ ସେଠାରେ ଅଚେତ ହୋଇ ପଡ଼ିଯାଇଥିଲେ। ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

# ହାତୀକୁ ଖୋଜି ବନ ବିଭାଗ ନାକେଦମ

**ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା**

- ହାତୀ ଘଉଡ଼ା କାର୍ଯ୍ୟରେ ବାରିପଦାର ୮ ଜଣିଆ ଟିମ୍ ସାମିଲ
- କ୍ଷତିପୂରଣ ମିଳୁ ନ ଥିବାରୁ ଏନ୍‌ଏଚ୍‌ଆରସିରେ ଅଭିଯୋଗ

ହାଟଡିହୀ, ୧୯।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ହାତୀ ଉପଦ୍ରବ ଜନିତ ଆତଙ୍କ ଲାଗିରହିଛି। ଗତ ୧୩ ଦିନରେ ୩ ଜଣଙ୍କର ଜୀବନ ଗଲାଣି। ଗତ ୧୭ ତାରିଖରେ ନୂଆଗୁଡ଼ି ଗ୍ରାମର ଜଗନ୍ନାଥ ମଲ୍ଲିକ(୫୩) ଓ ୧୮ ତାରିଖରେ ମରଚାଇପଦା ଗ୍ରାମର ସଞ୍ଜୁଲତା ରାଉତ(୫୨) ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ଗତ ୭ ତାରିଖରେ କୁଶଟିକିରି ଗ୍ରାମର ଖୋକା ଖଣ୍ଡେଇ(୫୪)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା । ଜଙ୍ଗଲତଳି ଇଲାକାକୁ ଆସି ଉପଦ୍ରବ କରୁଥିବା ହାତୀପଲକୁ ଘଉଡ଼ାଇବା ଏବଂ ନରହନ୍ତା ସାଜିଥିବା ହାତୀକୁ ଠାବ କରିବା ଲାଗି ବାରିପଦାରୁ ଆସିଥିବା ୮ ଜଣିଆ ଟିମ୍ ସହ ବନ ବିଭାଗ କର୍ମଚାରୀ ଉଦ୍ୟମ ଚଳାଇଛନ୍ତି। ସେମାନେ ଏଯାଏ ଉପଦ୍ରବକାରୀ ହାତୀକୁ ଠାବ କରିପାରି ନାହାନ୍ତି। ଏହାମଧରେ ହାତୀପଲ ଜଙ୍ଗଲକୁ ପଳାଇ ଯାଇଥିବା କୁହାଯାଉଛି, ଯାହାକୁ ନେଇ ପ୍ରଶାସନ ଓ ବନ ବିଭାଗ ଚିନ୍ତାରେ ପଡ଼ିଛି। ସ୍ଥାନୀୟ ଲୋକେ ହାତୀ ଦାଉରୁ ରକ୍ଷା ପାଇବା ଓ ମୃତକଙ୍କ ପରିବାରକୁ ଚାକିରି ଦେବା ସହ କ୍ଷତିପୂରଣ ପାଇଁ ଦାବିକରି ହଦଗଡ଼ ରେଞ୍ଜ୍ ଅଫିସ ଘେରାଉ କରିଛନ୍ତି। ସ୍ଥାନୀୟ ଲୋକଙ୍କ ବିରୋଧ ଓ ଉତ୍ତେଜନାକୁ ଦୃଷ୍ଟିରେ ରଖି ବନ ବିଭାଗ ମୃତକଙ୍କ ପରିବାରକୁ ତରବରିଆ ଭାବେ ୪୦ ହଜାର ଟଙ୍କା ପ୍ରଦାନ କରିଛି। ହାତୀ ଉପଦ୍ରବଜନିତ ଉପଯୁକ୍ତ କ୍ଷତିପୂରଣ ଲୋକଙ୍କୁ ମିଳୁ ନ ଥିବା ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରାଯାଇଛି।

୨୦୧୭ ହାତୀଗଣନା ରିପୋର୍ଟ ଅନୁସାରେ, ହଦଗଡ଼ ହସ୍ତୀ ଅଭୟାରଣ୍ୟରେ ୨୯ ହାତୀ ରହିଥିଲେ। ଉକ୍ତ ହାତୀପଲ ଧାନଫସଲ ଅମଳ ସମେତ ଅନ୍ୟ ସମୟରେ ଜଙ୍ଗଲତଳି ଇଲାକାରେ ଉପଦ୍ରବ କରିଆସୁଛନ୍ତି। ଅଭୟାରଣ୍ୟ ପରିଧି ମଧ୍ୟରେ ପ୍ରାୟ ୧୩ ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଗୋଟିଏପଟେ ଜଙ୍ଗଲ କ୍ଷୟ ଏବଂ ଅନ୍ୟ ଦିଗରେ ଚୋରାକାଠ, ପଥର ବେପାରୀ ଓ ଶିକାରୀଙ୍କ ପ୍ରାଦୁର୍ଭାବ ମଧ ବଢ଼ିଛି। ହାତୀପଲ ଭୟଭୀତ ହୋଇ ଏବଂ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ଚାଲିଆସୁଥିବା ପରିବେଶବିତ୍‌ମାନେ କହୁଛନ୍ତି। ବିଭିନ୍ନ ସମୟରେ ହାତୀ-ମଣିଷ ମୁହାଁମୁହିଁ ହେବା ଲକ୍ଷ୍ୟ କରାଯାଉଛି। ହାତୀ ଉପଦ୍ରବ ରୋକିବାରେ ବନ ବିଭାଗ ଫେଲ୍ ମାରୁଥିବାରୁ ଅଞ୍ଚଳବାସୀ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ହାତୀ ଉପଦ୍ରବଜନିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ହିମାଂଶୁ ଶେଖର ନାୟକ ନାମକ ଜଣେ ବ୍ୟକ୍ତି ଏ ନେଇ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ଦାଏର କରିଛନ୍ତି। ଅଭିଯୋଗ ନମ୍ବର ୫୭୪୧/ଆଇଏନ୍/୨୦୧୯। ହାତୀ ଉପଦ୍ରବରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୧୫ ଲକ୍ଷ କ୍ଷତିପୂରଣ ଏବଂ କାର୍ଯ୍ୟରେ ଅବହେଳା କରିଥିବା ବନ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ରେଞ୍ଜର ସୁରେନ୍ଦ୍ର ହେମ୍ବ୍ରମ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ହାତୀ ଘଉଡ଼ାଇବା କାର୍ଯ୍ୟ ଚାଲୁରହିଛି। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁସାରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଳଗ୍ରାମ;**
**ବସିବା ଶୋଇବା ଏକ ସମାନ ।**

ଶାଳଗ୍ରାମ ଖଣ୍ଡେ ଶିଳା ବା ପଥର। ସେଥିରେ ଜୀବନ ନାହିଁ। ଶାଳଗ୍ରାମକୁ ଯେମିତି ବା ଯେପରି ରଖିଲେ ଚଳିବ। ସେ ଶୋଇଛି କି ବସିଛି ସେଥିରେ କିଛି ତଫାତ୍ ନ ଥାଏ। ପରୋକ୍ଷରେ ନିର୍ବିକାର ଲୋକର ମାନସିକ ଅବସ୍ଥା। କିଛି ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସହଜରେ ଚିହ୍ନି ହୁଏ ନାହିଁ। ତାଙ୍କ କଥାବାର୍ତ୍ତାରୁ ଭଲମନ୍ଦ ବାରି ହୁଏ ନାହିଁ। ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବପ୍ରକାଶ ନ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଞ୍ଜୀରୁ ନ ଥାଏ ସକାଳକୁ,**
**ଟାକି ବସିଥାଏ ପଖାଳକୁ ।**

ଗରିବ ଘର ଅଭାବ ଚିର ସହଚର। ଯେତେ ରୋଜଗାର କଲେ ବି ଅଣ୍ଟି ନ ଥାଏ। ପାଖରେ ପଇସାପତ୍ର ନ ଥିବାରୁ ଭଲରେ ଗଣ୍ଡେ ଖାଇବା ତଥା ଭଲରେ ଖଣ୍ଡେ ପିନ୍ଧିବା ତାଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଥାଏ। ଦାଣ୍ଡରୁ ଆସିଲେ ହାଣ୍ଡିରେ ପଶିବା ଭଳି କିଏ ମୁଦାଏ ତୋରାଣି ଦେଲେ ସେଥିରେ ପେଟ ପୂରାଇବା କଥା। ଦୀନହୀନ ଦରିଦ୍ର ବ୍ୟକ୍ତି ପରର ହାତଟେକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଖରିଫ ଧାନ ବିହନର ମୂଲ୍ୟ ବଢ଼ିଲା

- ବିହନ ନିଗମ ଓ ଜିଲା କୃଷି ବିଭାଗ କଥାରେ ରହୁନି ତାଳମେଳ

ଭୋଗରାଇ, ୧୯।୫(ଡି.ଏନ.ଏ.)

ବାଲେଶ୍ୱରସ୍ଥିତ ଓଡ଼ିଶା ବିହନ ନିଗମ ପକ୍ଷରୁ ଏଥର ୨ଶହ ଟଙ୍କା ଦର ବଢ଼ାଇ ବିହନ ବିକ୍ରି କରାଯାଉଛି। ରବିବାର କେତେକ ଡିଲର ନିଗମ ଡିପୋରୁ ପୂର୍ବ ନିର୍ଦ୍ଧାରିତ ଦର ୧୮ଶହ ପରିବର୍ତ୍ତେ ୨ହଜାର ଟଙ୍କା ଦେଇ ବିହନ କିଣିଥିବା ପ୍ରକାଶ କରିଛନ୍ତି। ଏହି ଜିଲାରେ ନିଗମ ପକ୍ଷରୁ ନିଯୁକ୍ତ ଡିଲରମାନେ ଡିପୋରୁ ବିହନ କିଣି ଚାଷୀଙ୍କୁ ଯୋଗାଇଥାନ୍ତି। ଭୋଗରାଇ ଅଞ୍ଚଳର ଡିଲର ନୀଳକଣ୍ଠ ଘୋଷ ଏବଂ ଜଳେଶ୍ୱର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପାତ୍ର ରବିବାର ୨ଶହ ଟଙ୍କା ଅଧିକ ଦେଇ ବିହନ କିଣିଥିବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଛନ୍ତି।

ସମ୍ପ୍ରତି 'ଫନୀ' ବାତ୍ୟାରେ ଡାଲୁଅ ଚାଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ଖରିଫ ଋତୁ ପାଇଁ ଧାନ ବିହନ ଚଢ଼ାଦରରେ ବିକ୍ରି ହେବା ଘଟଣା ଚାଷୀକୁଳକୁ ଆଲୋଡ଼ିତ କରିଛି। ତେବେ ବିହନ ନିଗମ ଓ ଜିଲା କୃଷି ବିଭାଗ ମଧ୍ୟରେ ବିହନ ଦରବୃଦ୍ଧିକୁ ନେଇ ଟଣାଓଟରା ଚାଲିଥିବା ଜଣାପଡିଛି। ବିହନ ନିଗମ ଅଧିକାରୀ ଚନ୍ଦ୍ରଶେଖର ପାଢ଼ୀଙ୍କୁ ପଚାରିବାରୁ କହିଛନ୍ତି, ଏଥର କଳାଚମ୍ପା ଓ ସିଆର୍-୫୦୦ ଧାନର ଦର ବଢିନାହିଁ। କିନ୍ତୁ ଅନ୍ୟ ବିହନର ଦର ବୃଦ୍ଧି ହୋଇଛି। ଗତ ରବିଋତୁରେ ୧୮ଶହ ଟଙ୍କାରେ ଧାନ ବିହନ ବିକ୍ରି ହୋଇଥିଲା। ଏଥର ମୂଲ୍ୟ ୨ହଜାର ରଖାଯାଇଛି। ଏ ସମ୍ପର୍କରେ ଜଳେଶ୍ୱର କୃଷି ଅଧିକାରୀ ସୁରେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତ ଖରିଫ ଋତୁ ପାଇଁ ବିହନ ଧାନର ମୂଲ୍ୟ ୧୮ଶହ ରହିବ ବୋଲି ପୂର୍ବରୁ ସରକାରୀ ସର୍କୁଲାର ସମସ୍ତ ବ୍ଲକ କୃଷି ବିଭାଗକୁ ଦିଆଯାଇଥିଲା। ଦର ବୃଦ୍ଧି ସମ୍ପର୍କରେ ତାଙ୍କ ନିକଟରେ ଅଧିକ ତଥ୍ୟ ନାହିଁ। ଉଭୟ ବିଭାଗୀୟ ଅଧିକାରୀଙ୍କ କଥାରେ ଏଭଳି ତାଳମେଳ ନ ଥିବା ଚର୍ଚ୍ଚାକୁ ଆସିଛି। ବାତ୍ୟା 'ଫନୀ' ପରେ ଚାଷୀଙ୍କୁ ଫସଲ କ୍ଷତିଜନିତ ସହାୟତା ମିଳି ନ ଥିବା ବେଳେ ଧାନ ବିହନର ଦରବୃଦ୍ଧି ବେଢ଼ି ଉପରେ କୋରଡ଼ା ମାଡ଼ ଭଳି ହୋଇଛି। ଗତ କିଛିଦିନ ଧରି ଧାନ ବିହନର ଦର ବୃଦ୍ଧି ଘଟିବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏ ନେଇ ଗତ ୧୭ ତାରିଖରେ ଧରିତ୍ରୀରେ ଏକ ଅଭିଯୋଗମୂଳକ ଖବର ପ୍ରକାଶ ପାଇଥିଲା।

# ଫାଙ୍କା ଗୁଳି ଚାଳନା ଘଟଣା: ମିଟୁଙ୍କ ନାଁରେ ପୁଣି ଥାନାରେ ଏତଲା

ଗଞ୍ଜାମ,୧୯।୫(ଡି.ଏନ.ଏ.)

ଗଞ୍ଜାମ ବଡ଼ବଜାରସ୍ଥିତ ବିଦେଶୀ ମଦ ଦୋକାନ ସମ୍ମୁଖରେ ଗତ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ କେତେକ ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରିଥିଲେ। ଏ ନେଇ ରବିବାର ସନ୍ଧ୍ୟା ୭ଟାରେ ମଦ ଦୋକାନ ପକ୍ଷରୁ ମିଟୁ ପ୍ରଧାନ ଓ ତାଙ୍କ ସହଯୋଗୀଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ଏତଲାକୁ ଭିତ୍ତିକରି ନଂ. ୩୭/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଫିସର ଏସ୍‌ଆଇ ହୃଷୀକେଶ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତିରେ ସୂର୍ଯ୍ୟ ନାରାୟଣପୁର ଗ୍ରାମର ମିଟୁ ଓ ତାଙ୍କ ସହଯୋଗୀମାନେ ମଦ ଦୋକାନକୁ ଆସି ମଦ ନେଇଥିଲେ। ସେଲ୍ସମ୍ୟାନ ଟଙ୍କା ମାଗିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ମିଟୁ ଧମକ ଦେଇ ଦୋକାନ ସମ୍ମୁଖରେ ଫାଙ୍କା ଗୁଳିଚାଳନା କରି ସେଠାରୁ ଫେରାର୍ ହୋଇଯାଇଥିଲେ। ଗତ ୩ଦିନ ତଳେ ମିଟୁ ଜେଲରୁ ଫେରିଥିବାବେଳେ କିଛିମାସ ପୂର୍ବେ ଗଞ୍ଜାମ ଜିଲା ପୋଲିସ ପକ୍ଷରୁ ତାଙ୍କୁ ଏନ୍‌କାଉଣ୍ଟର ହୋଇଥିଲା। ସେ ଏକାଧିକ ମାମଲାରେ ଜଡ଼ିତ ଥିବା ଗଞ୍ଜାମ ଥାନା ପୋଲିସ ପକ୍ଷରୁ କୁହାଯାଇଛି।

# ଶିକ୍ଷା ସଂସ୍କାରକ ପ୍ରଫେସର ବ୍ରଜବନ୍ଧୁ ମିଶ୍ର

**ଏକଶତତମ ଜନ୍ମଦିବସରେ**



ପ୍ରଫେସର ବ୍ରଜବନ୍ଧୁ ମିଶ୍ର ଓଡ଼ିଶାର ଶିକ୍ଷା,ଶିକ୍ଷକ ଓ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଏକ ସୁପରିଚିତ ନାମ। ଜଣେ ମେଧାବୀ ଛାତ୍ର ଉଚ୍ଚକୋଟିର ଶିକ୍ଷାବିତ୍ ତଥା ଶିକ୍ଷା ପ୍ରଶାସକ ଭାବେ ବହୁ ସଂସ୍କାରମୂଳକ କାର୍ଯ୍ୟ କରି ସେ ଖ୍ୟାତି ଅର୍ଜନ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ବିଦ୍ୟାଳୟ ଶିକ୍ଷାର ଡିପିଆଇ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଥିଲେ। ଶିକ୍ଷା ଛାତ୍ରୀଛାତ୍ରଙ୍କ ଉପରେ ଯେଭଳି ବୋଝ ନ ହୁଏ, ଶିକ୍ଷାକୁ କିଭଳି ଲୋକାଭିମୁଖୀ କରାଯାଇ ପାରିବ ଏବଂ ଜ୍ଞାନ ବିକାଶରେ ଶିକ୍ଷା କିଭଳି ସହାୟକ ହେବ ସେ ଦିଗରେ ମିଶ୍ର ଉଦ୍ୟମରତ ଥିଲେ। ଓଡ଼ିଶା ରାଜ୍ୟ ଶିକ୍ଷା ପଦ୍ଧତିରେ ମାଟ୍ରିକ ପରୀକ୍ଷା ଢାଞ୍ଚା ପ୍ରଥମଥର ପାଇଁ ସେ ଆରମ୍ଭ କରିଥିଲେ ଯାହା ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। ସ୍କୁଲ ପିଲାଙ୍କ ଲାଗି ସେ ଲେଖିଥିବା ଗଣିତ ବହି ରାଜ୍ୟ ସରକାରଙ୍କ ଦ୍ୱାରା ସ୍କୁଲ ପାଠ୍ୟକ୍ରମରେ ଲାଗୁହୋଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହୁଳ ଭାବେ ଆଦୃତ ହୋଇଥିଲା। ୧୯୨୦ ମସିହା ମେ ମାସ ୨୦ରେ ତାଳଚେରଠାରେ ଜନ୍ମ ଗ୍ରହଣ କରି ୧୯୩୬ରେ ସ୍ଥାନୀୟ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିଲେ। ତତ୍କାଳୀନ ବ୍ରିଟିଶ ଶାସନ ସମୟରେ ଜଣେ ମେଧାବୀ ଛାତ୍ର ଭାବେ ସେ ବହୁ ପ୍ରଶଂସିତ ହୋଇଥିଲେ। ପାଟଣା ବିଶ୍ୱ ବିଦ୍ୟାଳୟରୁ ଇଣ୍ଟରମିଡିଏଟ ସାଇନ୍ସ ଓ ୧୯୪୦ରେ ବିଏସ୍‌ସି(ଗଣିତ) ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୯୪୨ରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଗଣିତରେ ମଧ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ରେକର୍ଡ ଏବଂ ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିଥିଲେ। ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟରୁ ଏମ୍.ଏସ୍ ଓ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏ.ଏମ୍ ଡିଗ୍ରୀ ହାସଲ କରିଥିଲେ।

ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ ଭାବେ ପରିଚିତ ବ୍ରଜବନ୍ଧୁ ମିଶ୍ର ରେଭେନ୍ସା କଲେଜର ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ଭାବେ କାର୍ଯ୍ୟ କରି ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ବଲାଙ୍ଗୀର ରାଜେନ୍ଦ୍ର କଲେଜର ଅଧକ୍ଷ, ସମ୍ବଲପୁର ଗଙ୍ଗାଧର ମେହେର କଲେଜର ଦୁଇଥର ଅଧକ୍ଷ ଏବଂ ଖଲିକୋଟ କଲେଜର ଅଧକ୍ଷ ଦାୟିତ୍ୱ ତୁଲାଇ ଜଣେ ସୁ-ଶିକ୍ଷା ପ୍ରଶାସକ ଭାବେ ଦକ୍ଷତା ପ୍ରତିପାଦନ କରିଥିଲେ। ୧୯୬୭ରେ ନବଗଠିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ରେଜିଷ୍ଟ୍ରାର ଏବଂ ଓୟୁଏଟି ରେଜିଷ୍ଟ୍ରାର ଭାବେ ମଧ କାର୍ଯ୍ୟ କରିଥିଲେ। ସମ୍ବଲପୁର ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଓଡ଼ିଶା ସରକାର ହାତକୁ ନେଲା ପରେ ତାଙ୍କୁ ଆଡମିନିଷ୍ଟ୍ରେଟର ଭାବେ ନିଯୁକ୍ତ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନର ଅଧକ୍ଷ, ସ୍କୁଲ ଡିପିଆଇ ଓ ଶିକ୍ଷା ସିଲେକ୍ସନ ବୋର୍ଡର ଅଧକ୍ଷ ଭାବେ ସେ କାର୍ଯ୍ୟ କରିଥିଲେ। ଭାରତ ସରକାରଙ୍କ ଅଧୀନରେ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଜୁକେଶନାଲ ଆଡମିନିଷ୍ଟ୍ରେଶନର ପରାମର୍ଶଦାତା ଭାବେ ମିଶ୍ର ଯୋଗ ଦେଇଥିଲେ। ସେ ସିକିମ୍ ରାଜ୍ୟ ଶିକ୍ଷା ବିଭାଗର ସଚିବ ତଥା ନିର୍ଦ୍ଦେଶକ ଭାବେ ଗ୍ୟାଙ୍ଗଟକଠାରେ ଅବସ୍ଥାପିତ ହୋଇଥିଲେ। ଜଣେ ମହାନ୍ ଶିକ୍ଷାବିତ୍ ଭାବେ ଦେଶ ବିଦେଶର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ୧୯୯୯ ମସିହା ଡିସେମ୍ବର ୧୪ରେ ତାଙ୍କର ପରଲୋକ ହୋଇଥିଲା। ଜଣେ ଉଚ୍ଚ ନୀତି, ନୈତିକତା ଓ ଆଦର୍ଶ ଶିକ୍ଷକ ଓ ପ୍ରଶାସକ ଭାବେ ମିଶ୍ର ନିଜର କର୍ମ ସମ୍ପାଦନ କରୁଥିଲେ ଯାହା ତାଙ୍କୁ ଏବେବି ସମସ୍ତଙ୍କ ମଧ୍ୟରେ ମହାନ୍ ଓ ଅମର କରି ରଖିଛି ।

-ନରେନ୍ଦ୍ର କୁମାର ମିଶ୍ର


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡ଼ା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ସଂକ୍ଷେପରେ

### 'ଅମୃତବିନ୍ଦୁ'ରେ ୪୦ ୟୁନିଟ ରକ୍ତ ସଂଗୃହୀତ



ତିହିଡ଼ି, ୧୯ା୫ (ଡି.ଏନ.ଏ.): ତିହିଡ଼ି ବ୍ଲକ ବାହାବଲପୁର ପଞ୍ଚାୟତ ଦୋହରାସାହି ବାତ୍ୟା ଆଶ୍ରୟସ୍ଥଳୀରେ ରବିବାର ରକ୍ତଦାନ ଶିବିର 'ଅମୃତବିନ୍ଦୁ' ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ସତ୍ୟସାଇ ସେବା ସମିତି ପକ୍ଷରୁ ଆୟୋଜିତ ଏହି ଶିବିରରେ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଡା. ଶରତ ଆଚାର୍ଯ୍ୟ, ଟେକ୍ନିସିଆନ ସାଧୁଚରଣ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଏସ୍.କେ ବୁଢ଼ିଆ ରକ୍ତ ସଂଗ୍ରହ କରିଥିଲେ। ସେବା ସମିତିର ଆବାହକ ପାର୍ଥସାରଥୀ ନାୟକଙ୍କ ତତ୍ତ୍ୱାବଧାନରେ ଜିଲା ସଂଯୋଜକ କ୍ଷୀରୋଦ ନାୟକ, ସଞ୍ଜୟ ମହାପାତ୍ର, ରାଜେଶ ନାୟକ, ଜଗବନ୍ଧୁ ମାଝି, ରାଧାଶ୍ୟାମ ବାରିକ, ପ୍ରଦୀପ କୁମାର ବାରିକ, ଶଶିକାନ୍ତ ବେହେରା, ବନିତା ନାୟକ, ସନ୍ତୋଷିନୀ ମଲିକ ଓ ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ

ତିହିଡ଼ି, ୧୯ା୫ (ଡି.ଏନ.ଏ.) - ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିରରେ ୧୪ତମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଉତ୍ସବରେ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବୁଧବାର ଅଙ୍କୁରାରୋପଣ, ଗୁରୁବାର ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଜଳାଭିଷେକ ପରେ ଯଜ୍ଞସ୍ଥଳରେ ଘଟ ସ୍ଥାପନ କରାଯାଇଥିଲା। ଶୁକ୍ରବାର ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଲକ୍ଷ୍ମୀନାରାୟଣଙ୍କ ୧୦୦୮ ଆହୁତି ଓ ଗୀତାଯଜ୍ଞ ପରେ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ପ୍ରଦୀପ ଦାସ ସସ୍ତ୍ରୀକ ଆହୁତି ପ୍ରଦାନ କରିଥିବା ବେଳେ ମୁଖ୍ୟ ପୂଜକ ଭାବେ ସଦାନନ୍ଦ ପାଣି, ମନ୍ଦିର ପୂଜକ ରଘୁନାଥ ପାଣି ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ। ବେଦ ପଣ୍ଡିତ କାର୍ତ୍ତିକ ମିଶ୍ର, ଦୁଷ୍ମନ୍ତ ପଣ୍ଡା, ନିରଞ୍ଜନ ପାଣି ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ପରେ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ପ୍ରତ୍ୟହ ରାତିରେ ପାଲା ପରିବେଷଣ ହୋଇଥିବା ବେଳେ ରବିବାର ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ତିହିଡ଼ି ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଭଜନ ସମାରୋହରେ ମୁଖ୍ୟଅତିଥି ଭାବେ ଗୀତିକାର ପଞ୍ଚାନନ ନାୟକ ଯୋଗଦେଇ ସ୍ୱରଚିତ କେତେକ ଭଜନ ପରିବେଷଣ କରିଥିଲେ। ଲକ୍ଷ୍ମୀନାରାୟଣ ମନ୍ଦିର କମିଟି ସଭାପତି କାଳନ୍ଦୀ ଦାସ, ସମ୍ପାଦକ କପିଳେନ୍ଦ୍ର ବାରିକ, ଭ୍ରମରବର ଦାସ, ନନ୍ଦକିଶୋର ବାରିକ, ଘନଶ୍ୟାମ ପରିଡ଼ା, ଜଗବନ୍ଧୁ ବାରିକ, ପ୍ରତାପ ଲେଙ୍କା କପିଳେନ୍ଦ୍ର ପରିଡ଼ା, ଲକ୍ଷ୍ମୀଧର ଜେନା, ରଘୁନାଥ ବାରିକ ପ୍ରମୁଖଙ୍କ ସହ ନୂଆପାଟଣା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୋଜିଲେ ମିଳିବ ବାଟ

ପଦ୍ମପୁର, ୧୯ା୫(ଡି.ଏନ.ଏ.)

- ଗୃହିଣୀରୁ ସଫଳ ଉଦ୍ୟୋଗୀ ସାବିତ୍ରୀ
- ଇଚ୍ଛାଶକ୍ତି କରିଛି ତାଙ୍କୁ ସ୍ୱାବଲମ୍ବୀ
- ଅନ୍ୟଙ୍କୁ ଦେଖାଇଛନ୍ତି ରୋଜଗାର ପନ୍ଥା

ଜଣେ ଗୃହିଣୀ ହୋଇଥିଲେ ବି ତାଙ୍କ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ଆଗରେ ହାର୍ ମାନିଛି ଦାରିଦ୍ର୍ୟ। ପରିଶ୍ରମ ଓ ଚେଷ୍ଟା ତାଙ୍କୁ କରିଛି ସ୍ୱାବଲମ୍ବୀ। ଧୂପକାଠି ପ୍ରସ୍ତୁତ କରି ସେ ଜଣେ ଗୃହିଣୀରୁ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ଅନ୍ୟ ଅଭାବୀ ମହିଳାଙ୍କୁ ରୋଜଗାର ପନ୍ଥା ଯୋଗାଇ ସେ ସମସ୍ତଙ୍କ ପାଇଁ ପାଲଟିଯାଇଛନ୍ତି ଏକ ଉଦାହରଣ।

ଏହି ମହିଳା ହେଲେ ସାବିତ୍ରୀ ବେହେରା(୪୦)। ଘର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁନଗର ପଞ୍ଚାୟତ ଗଦି ଗ୍ରାମରେ। ସ୍ୱାମୀ ଓ ଏକମାତ୍ର ପୁଅଙ୍କୁ ନେଇ ତାଙ୍କ ପରିବାର। ଜମିବାଡ଼ି ବିଶେଷ ନ ଥିବାରୁ ନିଜେ ସ୍ୱାବଲମ୍ବୀ ହେବା ପାଇଁ ସାବିତ୍ରୀ ୨୦୧୩ରେ ପ୍ରଥମେ ପ୍ରୟାସ ଆରମ୍ଭ କରିଥିଲେ। ଧୂପକାଠି ବ୍ୟବସାୟ କରିବାକୁ ସ୍ଥିର କରି ଅଳ୍ପ ପୁଞ୍ଜିରେ ସେ କାମ ଆରମ୍ଭ କରିଥିଲେ।

ସେବେଠାରୁ ନିଜ ଘରେ ସେ ଧୂପକାଠି ତିଆରି କରିଆସୁଛନ୍ତି। ଏଥିପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲ ଅଙ୍ଗାର, ଜିନ୍‌କେଡ୍, କାଠି ବାଲେଶ୍ୱର ଜିଲାର ସୋର ଅଞ୍ଚଳରୁ ସଂଗ୍ରହ କରିଥାନ୍ତି। ଗ୍ରାମର ଆଉ ଦୁଇ ମହିଳାଙ୍କ ସହଯୋଗରେ ସେ ଦୈନିକ ପ୍ରାୟ ୧୦୦ ପ୍ୟାକେଟ୍ ଧୂପକାଠି ତିଆରି କରିପାରୁଛନ୍ତି। ସ୍ଥାନୀୟ ବଜାରରେ ଧୂପ ପ୍ୟାକେଟର ମୂଲ୍ୟ ୮୫ରୁ ୯୦ ଟଙ୍କା। ସାବିତ୍ରୀ ତିଆରି କରୁଥିବା ଧୂପ ପ୍ୟାକେଟ୍‌ଗୁଡ଼ିକୁ ଅଣ୍ଡରାଇ, ସାବରଙ୍ଗ, ବାସୁଦେବପୁର, ଚାନ୍ଦବାଲି ଅଞ୍ଚଳକୁ ପଠାଇ ବିକ୍ରି କରିଥାନ୍ତି। ତାଙ୍କ ହାତ ତିଆରି ଧୂପର ଚାହିଦା ବଢ଼ିବା ଦେଖି କେତେକ ବେପାରୀ ଗଦିସ୍ଥିତ ତାଙ୍କ ଘରକୁ ଆସି ଏହାକୁ କିଣି ନେଇଯାଉଛନ୍ତି। କଞ୍ଚାମାଲ୍‌ର ମୂଲ୍ୟ ଓ ଦୁଇ ମହିଳା କର୍ମଚାରୀଙ୍କୁ ପ୍ରାପ୍ୟ ପ୍ରଦାନ ପରେ ମାସିକ ୮ରୁ ୧୦ ହଜାର ଟଙ୍କା ରୋଜଗାର ହେଉଛି। ଏଥିରେ ପରିବାର ପ୍ରତିପୋଷଣ କରି ନିଜ ପୁଅକୁ ପାଠ ପଢ଼ାଇ ମଣିଷ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଧୂପ ପ୍ରସ୍ତୁତି ବ୍ୟବସାୟ ବଢ଼ାଇବା ଲାଗି 'ସାବିତ୍ରୀ ଟ୍ରେଡର୍ସ' ନାମରେ ଏକ ସଂସ୍ଥା ଖୋଲି ଏହାକୁ ପଞ୍ଜୀକରଣ କରାଇଛନ୍ତି। ନିଜେ ରୋଜଗାର କରିବା ସହ ଅନ୍ୟକୁ ରୋଜଗାର ଦେବାରେ ଆନନ୍ଦ ନିଆରା ବୋଲି ସାବିତ୍ରୀ କହିଛନ୍ତି। ବର୍ତ୍ତମାନ ସମାଜରେ ବେକାରି ସମସ୍ୟା ବୃଦ୍ଧି ପାଉଛି। ଚାକିରି ପ୍ରତି ନିର୍ଭରଶୀଳ ନ ହୋଇ ଆତ୍ମନିର୍ଭରଶୀଳ ହେବା ସକାଶେ ବାଟ ଖୋଜିଲେ ଅବଶ୍ୟ ଏହା ମିଳିଯିବ। ଗ୍ରାମାଞ୍ଚଳ ହେଉ କି ସହର ଉଦ୍ୟମ କଲେ ସମସ୍ତେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସାବିତ୍ରୀ କହିଛନ୍ତି।




ସାବିତ୍ରୀ ବେହେରା।

## ଇଟାଗଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା

ତିହିଡ଼ି, ୧୯ା୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ତହସିଲ ଅନ୍ତର୍ଗତ କୁବେରା ପଞ୍ଚାୟତର ଇଟାଗଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଛି। ରାଜସ୍ୱ ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ଚିଠି ନମ୍ବର ୨୦୩୬ରେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଇଟାଗଡ଼ି ପୂର୍ବରୁ କୁବେରା ରାଜସ୍ୱ ଗ୍ରାମର ହାମଲେଟ ଥିଲା। ଏହାକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ସରପଞ୍ଚ ରୀନାରାଣୀ ବେହେରା, ଡା. ଦୁର୍ଯ୍ୟୋଧନ ଦାସ, ରବୀନ୍ଦ୍ରନାଥ ଖଟୁଆ, ରବୀନ୍ଦ୍ର ବେହେରା, ଯତୀନ୍ଦ୍ର ବେହେରା, ସୁଶୀଲ ଖଟୁଆ ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଥିଲେ। ପରେ ଜିଲାପାଳ ତା୬।୧୧।୨୦୧୮ ରିଖରେ ଚିଠି ନମ୍ବର ୭୩୫ରେ ଏ ସମ୍ପର୍କରେ ରାଜସ୍ୱ ବିଭାଗକୁ ଅବଗତ କରାଇଥିଲେ। ଜିଲାପାଳଙ୍କ ଏହି ଚିଠି ଅନୁଯାୟୀ ୧୯୬୨ର ଓଏସ୍ ଆଣ୍ଡ ଏସ୍ ନିୟମ ୬୧ ଅନୁଯାୟୀ ଇଟାଗଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଛି।

# ୧୯ ଦିନ ବିତିଲା, ମଦମୃତ୍ୟୁ ସଂଖ୍ୟା ଅସ୍ପଷ୍ଟ

ଭଦ୍ରକ ଅଫିସ, ୧୯ା୫

- ଜିଲାପାଳ ଏବଂ ସିଡିଏମ୍‌ଓ ଦେଉଛନ୍ତି ଭିନ୍ନ ତଥ୍ୟ
- ମୃତ୍ୟୁ ସଂଖ୍ୟା ୫, ନା ୮, ନା ୧୦
- କାହାକୁ ଏଯାଏ ମିଳିନି ଅନୁକମ୍ପା ରାଶି

ଭଦ୍ରକ ଜିଲାରେ ମଦମୃତ୍ୟୁ ଘଟଣାକୁ ୧୯ ଦିନ ବିତିଲାଣି। ନିର୍ବାଚନ ସମୟରେ ଭୋଟରଙ୍କୁ ହାତେଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ବଣ୍ଟାଯାଇଥିବା ନକଲି ମଦ ପିଇ ୧୦ ଜଣ ମୃତ୍ୟୁବରଣ କରିଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଥିଲେ। ସେତେବେଳେ ଉତ୍ୟକ୍ତ ଲୋକେ ରାସ୍ତାକୁ ଓହ୍ଲାଇ ବିରୋଧ ପ୍ରଦର୍ଶନ କରିଥିବା ବେଳେ ବିରୋଧୀମାନେ ମଧ୍ୟ ଏହାକୁ ଇସ୍ୟୁ କରି ତୁମ୍ବିତୋଫାନ କରିଥିଲେ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେତେବେଳେ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଏବେ ମଦମୃତ୍ୟୁ ସଂଖ୍ୟାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କ କଥାରେ ତାଳମେଳ ନ ଥିବା ଚର୍ଚ୍ଚାକୁ ଆସିଛି। ଜିଲା ପ୍ରଶାସନ ୫ ଜଣଙ୍କର ମୃତ୍ୟୁ ଘଟିଥିବା କହୁଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମୃତ୍ୟୁ ସଂଖ୍ୟା ୮ ଦର୍ଶାଉଛନ୍ତି। ଭଦ୍ରକ ଓ କଟକରେ ମୃତ୍ୟୁବରଣ କରିଥିବା ଲୋକଙ୍କ ତାଲିକା ଅନୁଯାୟୀ ମୃତ୍ୟୁ ସଂଖ୍ୟା ୧୦ ବୋଲି କୁହାଯାଉଛି। ଏହାମଧ୍ୟରେ ତିହିଡି ଥାନା ପୋଲିସ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ ମଦ ବ୍ୟବସାୟୀ ଓ ସହଯୋଗୀଙ୍କୁ ଗିରଫ କରିଛି। କିନ୍ତୁ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଏକ ନିର୍ଦ୍ଦିଷ୍ଟ ଦଳର ସହଯୋଗୀଙ୍କୁ ଏଯାଏ ଧରାଯାଇ ନାହିଁ। ମଦମୃତ୍ୟୁ ଘଟଣା ପରେ ଫନୀ ବାତ୍ୟା ହେବାର ସୁଯୋଗ ନେଇ ପୋଲିସ ପ୍ରକୃତ ଅପରାଧୀଙ୍କୁ ଘଷ୍ଟ ଘୋଡ଼ାଉଥିବା ଅଭିଯୋଗ ହେଉଛି।

ମଦମୃତ୍ୟୁ ଘଟଣା ପଦାକୁ ଆସିବା ପରେ ବିରୋଧୀ ଭାଜପାର ନେତାମାନେ ଭଦ୍ରକ ଜିଲା ଗସ୍ତରେ ଆସି ଶାସକ ଦଳକୁ ଟାର୍ଗେଟ୍ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ସେତେବେଳେ ଅବକାରୀ କମିଶନଙ୍କ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏହାମଧ୍ୟରେ ୧୯ ଦିନ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ଅବକାରୀ ବିଭାଗ ବିଷାକ୍ତ ମଦ ପିଇ କେତେଜଣ ମୃତ୍ୟୁବରଣ କରିଛନ୍ତି ତାହା ସ୍ପଷ୍ଟ କରିନାହାନ୍ତି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏବଂ ଜିଲା ଚିକିତ୍ସାଧିକାରୀ(ସିଡିଏମ୍‌ଓ) ବାରିଶ ଦାସ ଦେଉଥିବା ତଥ୍ୟ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ମୃତ ଓ ଆକ୍ରାନ୍ତଙ୍କ ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖି ନ ଥିବାବେଳେ ସେମାନଙ୍କ ପାଖରେ କୌଣସି ସହାୟତା ପହଞ୍ଚିପାରି ନାହିଁ। ଗତ ୧୪ ତାରିଖରେ ଭାଜପା ପକ୍ଷରୁ ମଦମୃତ୍ୟୁ ତଦନ୍ତ କାର୍ଯ୍ୟରେ ଅବହେଳା କରାଯାଉଥିବା ଦର୍ଶାଇ ପୀରହାଟଠାରେ ଗଣଧାରଣା, ପ୍ରତିବାଦ ସଭା କରାଯାଇଥିଲା। ପୀରହାଟ ଅଞ୍ଚଳରେ ମଦବେପାରୀଙ୍କ ସହ ପୋଲିସ ଓ ଅବକାରୀ ବିଭାଗ କର୍ମକର୍ତ୍ତା ହାତ ମିଳାଇଥିବାରୁ ଏହି ଅଞ୍ଚଳରେ ଖୋଲାଖୋଲି ମଦ ବ୍ୟବସାୟ ଚାଲିଥିବା ଉକ୍ତ ସଭାରେ ଅଭିଯୋଗ କରାଯାଇଥିଲା। ୨୦୧୭ରେ ଏହି ଅଞ୍ଚଳରେ ବିଷାକ୍ତ ମଦ ଯୋଗୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦ରୁ ଅଧିକ ଅସୁସ୍ଥ ହୋଇଥିଲେ। ଏହାସତ୍ତ୍ୱେ ପ୍ରଶାସନ ଚେତି ନ ଥିଲା। ଏହାର ଫଳସ୍ୱରୂପ ଗତ ଏପ୍ରିଲ ୩୦ ତାରିଖରେ ତିହିଡ଼ି ଓ ଚାନ୍ଦବାଲିରେ ମଦମୃତ୍ୟୁର ବିଭୀଷିକା ଘଟିଲା ବୋଲି ଅଞ୍ଚଳବାସୀ ମଧ୍ୟ ଅଭିଯୋଗ କରିଛନ୍ତି। ଉଭୟ ପ୍ରଶାସନ ଓ ଅବକାରୀ ବିଭାଗ ମୃତକଙ୍କ ପରିବାରକୁ ଅନୁକମ୍ପା ମୂଳକ ରାଶି ପ୍ରଦାନ ନ କରିବା ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ ଜିଲାପାଳ ଦାସଙ୍କୁ ପଚାରିବାରୁ କହିଛନ୍ତି, ମଦର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ମୃତ ବ୍ୟକ୍ତିଙ୍କ ଭିଶାରା ରିପୋର୍ଟ ଆସିବା ପରେ ପ୍ରକୃତ ମଦମୃତ୍ୟୁ ସଂଖ୍ୟା ସ୍ପଷ୍ଟ ହେଲେ ଏ ଦିଗରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଇଫ୍‌ତାର୍ ପାର୍ଟିରେ ଭିଡ଼



ଅନୁଷ୍ଠିତ ଇଫ୍‌ତାର୍ ପାର୍ଟି।

ଭଦ୍ରକ ଅଫିସ, ୧୯ା୫

ଇଫ୍‌ତାର୍ ପାର୍ଟି ପାଇଁ ଭଦ୍ରକ ପୁରୁଣାବଜାର ଅଞ୍ଚଳର ବିଭିନ୍ନ ସାହିବସ୍ତି ରବିବାର ଚଳଚଞ୍ଚଳ ହୋଇଉଠିଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଏହି ଇଫ୍‌ତାର୍ ପାର୍ଟିରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସମେତ ବହୁ ପୁରୁଖା ଲୋକେ ଯୋଗ ଦେଇଥିଲେ। ଅଲାଲପୁର ଛକସ୍ଥିତ ସିଏସ୍ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଟ୍ରିଗର୍ ଗ୍ରୁପ୍ ପକ୍ଷରୁ ରବିବାର ସନ୍ଧ୍ୟାରେ ଇଫ୍‌ତାର୍ ପାର୍ଟି ଆୟୋଜନ କରାଯାଇଥିଲା। ନୱେଦ୍ ଅକତର, ସାହିଲ୍ କାଦରୀ, ଜାହିଦ୍ ଖାଁ, ୱାସିମ୍ ଅକତର୍ ଖାନ୍, ଆସିଫ୍ ହବିବ୍, ମିହିରି ବଣ୍ଟି, ଶେଖ୍ ଜକି, ଶେଖ୍ ଅନୀଲ, ପିଣ୍ଟୁ ୱାର୍ସି, ଶେଖ୍ କାଦରୀ, ମୁଲ୍ଲା ସରଫ୍‌ରାଜ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଚରମ୍ପାରେ ହେବ ଫ୍ଲାଏଓଭର ବ୍ରିଜ୍

ଭଦ୍ରକ ଅଫିସ, ୧୯ା୫

ଭଦ୍ରକ ଚରମ୍ପାରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ହେବ। ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷ ନିକଟରେ ଏନେଇ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ରାଜପଥ ସମ୍ପ୍ରସାରଣ ପ୍ରକଳ୍ପରେ ଚରମ୍ପାଠାରେ ଏହି ପୋଲ ନିର୍ମାଣ ସ୍ଥାନ ଦିଆଯାଇଛି। ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓ ଚରମ୍ପାରେ ପହଞ୍ଚି ଚରମ୍ପା ରାଜପଥ ସମ୍ପ୍ରସାରଣ କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଫେରିଛନ୍ତି। କମିଟି ସଭାପତି ନାରାୟଣ ବିଶ୍ୱାଳ ଓ ସଂଯୋଜକ ଅବିନାଶ ଜେନାଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ ରାଓ ପ୍ରସ୍ତାବିତ ପୋଲ ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ଚରମ୍ପାରେ ପୂର୍ବରୁ ଥିବା ଗଳାପୋଲ ଆଉ ଭଙ୍ଗାଯିବ ନାହିଁ। ଗଳାପୋଲ ପାଖାପାଖି ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ହେବ ବୋଲି କୁହାଯାଇଛି। ତେବେ ଆଲୋଚନା ବେଳେ କମିଟିର ସଂଯୋଜକ ଜେନା ରାଜପଥ ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରସ୍ତାବିତ ପ୍ରକଳ୍ପରେ ଏହାକୁ ସୁଧାରିବାକୁ ସେ ଦାବି କରିଥିଲେ। ସୂଚନାଥାଉ କି, ୧୬ ନମ୍ବର ଜାତୀୟ ରାଜପଥର ଚରମ୍ପାଠାରେ ଥିବା ସଂକୀର୍ଣ୍ଣ ଗଳାପୋଲକୁ ପ୍ରଶସ୍ତ କରିବା ନିମନ୍ତେ ଚରମ୍ପା ଅଞ୍ଚଳବାସୀ ବହୁବାର ଜାତୀୟ ରାଜପଥ ଉଚ୍ଚପଦସ୍ଥ ଅଧିକାରୀ ଓ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଆସୁଥିଲେ। ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଚରମ୍ପାବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲେ। ଗତ ଫେବୃୟାରୀରେ ଚରମ୍ପାରେ ଏକ ଖୋଲାମଞ୍ଚ ବୈଠକ ହୋଇଥିଲା। ସେହିମାସ ୧୯ ତାରିଖରେ ଜାତୀୟ ରାଜପଥ ଅବରୋଧ ପାଇଁ ଚେତାବନୀ ଦିଆଯାଇଥିଲା। ତେବେ ଫେବୃୟାରୀ ୧୮ ରେ ଜିଲା ପ୍ରଶାସନର ମଧ୍ୟସ୍ଥତାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଚରମ୍ପା ରାଜପଥ ସମ୍ପ୍ରସାରଣ କମିଟି ମଧ୍ୟରେ ଆଲୋଚନା କରାଯାଇଥିଲା। ସେତେବେଳେ ଚରମ୍ପାବାସୀଙ୍କ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା।

## ଭାଗବତ ପାରାୟଣ

ଭଣ୍ଡାରିପୋଖରୀ, ୧୯ା୫ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଉତ୍ତରବାଡ଼ ଗ୍ରାମର ଜୟ ଜଗନ୍ନାଥ ଯୁବକ ସଂଘ ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ଭାଗବତ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ବୈତରଣୀ ନଦୀରୁ ଜଳଘଟ ଉତ୍ତୋଳନ ହୋଇ କଳସ ସ୍ଥାପନା କରାଯାଇଥିଲା। ଶାନ୍ତିଲତା ସାହୁ ଓ ସୁଧାକର ସାହୁ ସଂକଳ୍ପ କରିଥିଲେ। ଷୋଡ଼ଶ ଉପଚାର, ପୂଜା, ଯଜ୍ଞକର୍ମ ସହ ପ୍ରତ୍ୟହ ପୀଠ ପୂଜା ପରେ ଶ୍ରୀମଦ୍‌ଭାଗବତ ପଠନ କରାଯାଇଥିଲା। ପୁରୋହିତ ନାରାୟଣ ଚନ୍ଦ୍ର ପଣ୍ଡା, ଅମୂଲ୍ୟ ପଣ୍ଡା ଓ ସହଯୋଗୀ ଭାଗବତ ପଠନ କରିଥିଲେ। ସତ୍ୟାନନ୍ଦ ସାହୁ, ପ୍ରଭୁପାଦ ସାହୁ, ଅବନୀ ସାହୁ, ଶାନ୍ତନୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଜମିଜମାକୁ ନେଇ ଗଣ୍ଡଗୋଳ

ଭଣ୍ଡାରିପୋଖରୀ, ୧୯ା୫ (ଡି.ଏନ.ଏ.)

### ଥାନାରେ ୨ ମାମଲା

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ରାମଚନ୍ଦ୍ରପୁର ପଞ୍ଚାୟତର ସଂପୋଇ ଗ୍ରାମରେ ଜମିଜମା ଦଖଲକୁ ନେଇ ଦୁଇ ପରିବାର ମଧ୍ୟରେ ଗତ ୯ ତାରିଖରେ ଗଣ୍ଡଗୋଳ ଘଟିଥିଲା। ଉଭୟ ପକ୍ଷରୁ ଶନିବାର ଏନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ କରାଯାଇଛି। ଏକ ପରିବାରର ସାବିତ୍ରୀ ବାରିକଙ୍କ ଅଭିଯୋଗ କ୍ରମେ ପୋଲିସ ଗ୍ରାମର ରାଜେନ୍ଦ୍ର ବାରିକ ଓ ଛବି ବାରିକଙ୍କ ନାମରେ ଏକ ମାମଲା(ନଂ.୭୭/୧୯) ରୁଜୁ କରିଛି। ଅନ୍ୟପକ୍ଷର ଛବିରାଣୀ ବାରିକଙ୍କ ଅଭିଯୋଗ କ୍ରମେ ଦୀନବନ୍ଧୁ ବାରିକଙ୍କ ସମେତ ୬ଜଣଙ୍କ ନାମରେ ଏକ ମାମଲା(ନଂ. ୭୮/୧୯) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସର

ଭଦ୍ରକ ଅଫିସ, ୧୯ା୫

ଭଗବାନ ବୁଦ୍ଧ କେବଳ ଧର୍ମ ସଂସ୍ଥାପକ ନୁହଁନ୍ତି, ଜଣେ ଦାର୍ଶନିକ ଓ ସମାଜ ସଂସ୍କାରକ। ବୌଦ୍ଧ ଦର୍ଶନ ଓ ସାହିତ୍ୟ ଏବଂ ଅର୍ଥନୀତି ଆମ ପ୍ରଚଳିତ ସାମାଜିକ ବ୍ୟବସ୍ଥାର ଗୋଟିଏ ଗୋଟିଏ ବଳିଷ୍ଠ ଅଙ୍ଗ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସରରେ ବିଶିଷ୍ଟ ଗବେଷକମାନେ ମତବ୍ୟକ୍ତ କରିଥିଲେ। ସାଲନ୍ଦୀ ସମାଚାର କାର୍ଯ୍ୟାଳୟରେ ଆୟୋଜିତ ପୂର୍ଣ୍ଣିମା ଆସରରେ ଅନାଦି ଚରଣ ଦାସ ସଭାପତିତ୍ୱ କରିଥିଲେ। ସ୍ତମ୍ଭକାର ଅଭୟ ଦ୍ୱିବେଦୀ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି କରୁଣାକର ବେହୁରିଆ ପ୍ରାକ୍ ସୂଚନା ପ୍ରଦାନ ଓ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ବରିଷ୍ଠ ସଦସ୍ୟ ଆଲୋକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାମଚନ୍ଦ୍ର ପଣ୍ଡା, ଅବନୀ ପ୍ରଧାନ, ବାସୁଦେବ ବାରିକ, ହରିଶ୍ଚନ୍ଦ୍ର ଦାସ, ବିଜୟ କୁମାର ବହଳି, ପ୍ରୀତିଲତା ପଣ୍ଡା, ଅରୂପାନନ୍ଦ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମୀକ୍ଷକ ଭାବେ କବୟିତ୍ରୀ ଗୀତାରାଣୀ ଆଇଚ ଯୋଗଦେଇ ପଠିତ କବିତାଗୁଡ଼ିକର ସମୀକ୍ଷା କରିଥିଲେ। ନାଟ୍ୟକାର ନିର୍ମଳ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ଅଜୟ ନାୟକ, ପଦ୍ମକାନ୍ତ ଧଳ, ବୃନ୍ଦାବନ ରାଉଳ, ନୀହାର ରଞ୍ଜନ କର, ଦୁଃଶାସନ ମହାନ୍ତି, ଜଗବନ୍ଧୁ ନାୟକ, ବୈକୁଣ୍ଠ ବିଶ୍ୱାଳ ଓ ରୂପକ ବିହାରୀ ରାୟ ପ୍ରମୁଖ ଆସରରେ ଯୋଗ ଦେଇଥିଲେ।



ପୂର୍ଣ୍ଣିମା ଆସରରେ ଉପସ୍ଥିତ ଅତିଥି।

# ବନ୍ତ ଚାଉଳ ଡିପୋରେ ଝୁଲୁଛି ତାଲା

ବନ୍ତ, ୧୯ା୫(ଡି.ଏନ୍.ଏ.)

ଭଦ୍ରକ ଜିଲା ଯୋଗାଣ ବିଭାଗ ଅଧୀନ ବନ୍ତ ଚାଉଳ ଡିପୋର ଭିତିରି ଗୁମର ଏବେ ପଦାକୁ ଆସିଛି। ଗତ ଡିସେମ୍ବର ମାସରେ ଉକ୍ତ ଡିପୋରେ ୧୪ଶହ ବସ୍ତା ଚାଉଳ ହେର୍‌ଫେର ଘଟଣାରେ ଜିଲା ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ରାଜ୍ୟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେତେବେଳେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଲମ୍ବନ କରାଯାଇଥିଲା। ସେବେଠାରୁ ଏହି ଡିପୋରେ ତାଲା ଝୁଲୁଛି। ଧାମନଗର ଡିପୋରୁ ବନ୍ତ ବ୍ଲକକୁ ଚାଉଳ ଯୋଗାଣ ହୋଇଆସୁଛି। ଏହି ଡିପୋରେ ତାଲା ପଡ଼ିଥିବା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି, ସରକାର କ୍ଷୁଦ୍ର ଡିପୋଗୁଡ଼ିକୁ ବନ୍ଦ କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ବନ୍ତ ଡିପୋ ବନ୍ଦ ହୋଇନାହିଁ।

ଏହି ଡିପୋରେ ବିଭିନ୍ନ ଅନିୟମିତତା ଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ବର୍ତ୍ତମାନ ସୁଦ୍ଧା ଏଠାରେ ବିଭାଗ ପକ୍ଷରୁ ଚାଉଳ ଟ୍ରାଞ୍ଜାକ୍‌ଶନ ଷ୍ଟକ୍ କରାଯାଉଛି। ଡିପୋର ଚାର୍ଜ ଅନ୍ୟ ଜଣେ କର୍ମଚାରୀଙ୍କୁ ଦିଆଯାଇଥିଲେ ମଧ୍ୟ ନିଲମ୍ବିତ କର୍ମଚାରୀ ଜଣଙ୍କ ଗତ ୬ ମାସ ହେବ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ନୂତନ କର୍ମଚାରୀ ଜଣଙ୍କ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଜିରୋ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଉକ୍ତ ଡିପୋ ବନ୍ଦ ହେବା ନ ହେବା ନେଇ ଅନିଶ୍ଚିତତା ଲାଗିରହିଛି। ଗତ ୩ରୁ ୪ ବର୍ଷ ଧରି ଡିପୋରେ କାଗଜପତ୍ର ଠିକ୍ ନ ଥିବାରୁ ନୂତନ କର୍ମଚାରୀଙ୍କୁ ଦାୟିତ୍ୱ ଦେବାରେ ସମସ୍ୟା ଦେଖାଯାଇଛି। ବର୍ତ୍ତମାନ ଉକ୍ତ ଡିପୋ ବନ୍ଦ ରହୁଥିଲେ ମଧ୍ୟ ଭିତରେ ଇସ୍ୟୁ, କ୍ଲୋଜ୍ ଓ ଆଡ୍‌ଜଷ୍ଟମେଣ୍ଟ ଚାଲିଥିବା ଜଣାଯାଇଛି । ୬ ମାସ ତଳେ ହେର୍‌ଫେର୍ ହୋଇଥିବା ଚାଉଳକୁ କିପରି ଭରଣା କରାଯାଇ ପାରିବ ସେଥିନେଇ ପ୍ରଶାସନିକସ୍ତରରେ ଭିତିରି ଚେଷ୍ଟା ଚାଲିଛି। ପ୍ରଶାସନ ଜାଣିଶୁଣି ଏଭଳି ଘଟଣାକୁ ଘଷ୍ଟ ଘୋଡ଼ାଉଥିବା ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାଜ ଅଲ୍ଲୀ ଖାଁଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଭୋଟ ଗଣତି ସରିଲେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି।



ବନ୍ତ ତହସିଲ ରୋଡ୍‌ରେ ଥିବା ସରକାରୀ ଚାଉଳ ଡିପୋ।

- ହେର୍‌ଫେର୍ ଘଟଣା ପରଠାରୁ ଖୋଲାଯାଉନି
- ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ନିଲମ୍ବିତ କର୍ମଚାରୀ

# ସରିଲା ସାନି ଭୋଟ୍‌: ୮୩% ମତଦାନ

**ଆନନ୍ଦପୁର,୧୯।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସମ୍ବେଦନଶୀଳ ଘସିପୁରା ନିର୍ବାଚନମଣ୍ଡଳିର ୧୭୧-ଭୋଳନୁଆଗାଁ ବୁଥ୍‌ରେ କଡା ସୁରକ୍ଷା ବଳୟରେ ପୁନଃ ମତଦାନ ଅନୁଷ୍ଠିତ ହୋଇଛି। ୭୪୨ ଭୋଟର ବିଶିଷ୍ଟ ଏହି ମତଦାନ କେନ୍ଦ୍ରରେ ଗତ ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇଥିଲା। ସମ୍ପୃକ୍ତ ବୁଥ୍‌ରେ ଅନିୟମିତତା ହୋଇଥିବା ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଠାରେ ଅଭିଯୋଗ ହୋଇଥିଲା। ଏନେଇ ମେ ୧୯ ତାରିଖ ରବିବାର ଶେଷ ପର୍ଯ୍ୟାୟରେ ପୁନଃ ମତଦାନ ଅନୁଷ୍ଠିତ ହୋଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।




ଧାଡ଼ିରେ ଆସି ମତାଧିକାର ସାବ୍ୟସ୍ତ କରୁଛନ୍ତି ଭୋଟର।

ଭୋଟରମାନେ ଶାନ୍ତିଶୃଙ୍ଖଳାର ସହିତ ମତଦାନ କରିଥିବା ଦେଖାଯାଇଛି। ସମ୍ପୃକ୍ତ ବୁଥରେ ୭୪୨ ରୁ ୫୬୬ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ତେବେ ପୁନଃ ମତଦାନରେ ଲୋକମାନେ ଅଧିକ ଉତ୍ସାହିତ ହୋଇ ମତଦାନ ସାବ୍ୟସ୍ତ କରିଥିବା ଦେଖାଯାଇଥିବାବେଳେ ମତଦାନ ହାର ବୃଦ୍ଧି ପାଇଛି। ରବିବାର ଅନୁଷ୍ଠିତ ମତଦାନରେ ୬୨୧ ଜଣ ଭୋଟର ମତ ଦେଇଥିଲେ। ପୂର୍ବ ମତଦାନ ଅପେକ୍ଷା ୫୬ ଜଣ ଅଧିକ ଭୋଟର ମତଦାନ କରିଥିବାବେଳେ ଏହାର ହାର ୮୩ ପ୍ରତିଶତ ରହିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଆନନ୍ଦପୁର ଏସଡିପିଓ ବିଦ୍ୟୁତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଘସିପୁରା ଆଇଆଇସି ବିରଞ୍ଚି ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ, ସିଆରପିଏଫ ଜବାନ୍ ମହଜୁଦ୍ ରହିଛନ୍ତି। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବାବେଳେ ସହକାରୀ ଅବଜରଭର, ମାଇକ୍ରୋ ଅବଜରଭର୍ ନିୟୋଜିତ ରହିଛନ୍ତି। ମତଦାନର ନିରପେକ୍ଷତା ଦୃଷ୍ଟିରୁ ସିସିଟିଭି ଏବଂ ଭିଡିଓ ଗ୍ରାଫିର ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟମାନେ ଉପସ୍ଥିତିରେ ମତଦାନ ଚାଲୁରହିଥିବା ଦେଖାଯାଇଛି।

## ସଂକ୍ଷେପରେ



### ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ବାର୍ଷିକୀ

**ଝୁମ୍ପୁରା, ୧୯।୫ (ଡି.ଏନ୍.ଏ.)-** ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଗୁରୁ ତଥା ଦିଗଦର୍ଶକ ପଣ୍ଡି ରଘୁନାଥ ମୁର୍ମୁଙ୍କ ୧୧୫ତମ ଜନ୍ମବାର୍ଷିକୀ ଶନିବାର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ଗ୍ରାମର ପଣ୍ଡିତ ଛକରେ ପାଳିତ ହୋଇଯାଇଛି। ଛକରେ ସ୍ଥାପିତ ହୋଇଥିବା ପଣ୍ଡିତଙ୍କ ପ୍ରତିମୂର୍ତ୍ତି ନିକଟରେ ସକାଳ ପ୍ରାୟ ୯ଟା ବେଳେ ସାନ୍ତାଳୀ ସମାଜର ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ସେମାନଙ୍କ ପାରମ୍ପାରିକ ପୋଷାକ ପିନ୍ଧି ସମବେତ ହୋଇଥିଲେ। ପାରମ୍ପରିକ ବାଦ୍ୟ, ମାଦଳ, ନାଗରା, ଗୟଳ ଶିଙ୍ଗର କାହାଳୀ, ଘଣ୍ଟା ବଜାଇ ଗ୍ରାମ ପରିକ୍ରମା କରିଥିଲେ। ସାନ୍ତାଳୀ ସମାଜର ପୂଜକ (ନାଇକେ)ଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା, ସମବେତ ପ୍ରାର୍ଥନା ପରେ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପଣ୍ଡିତଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ମାଦଳର ତାଳେ ତାଳେ ଗୀତ ଗାଇ ନାଚିଥିଲେ। ସଦର ଓ ଝୁମ୍ପୁରା ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶହ ଶହ ମହିଳା ପୁରୁଷ ଏଥିରେ ଯୋଗ ଦେଇଥିଲେ। ଏହି ଜନ୍ମ ଦିବସରେ ପଣ୍ଡିତଙ୍କ ସହିତ ସାନ୍ତାଳୀ ଧର୍ମଗୁରୁ ବନାଉ ମୁର୍ମୁଙ୍କର ମଧ ପୂଜାର୍ଚ୍ଚନା କରାଯାଇଥାଏ। ସାର୍ଣ୍ଣା ଧର୍ମ କାର୍ଯ୍ୟାଳୟ ଓ କୁନାମୀ କ୍ଲବର ସଦସ୍ୟ ସୁନାରାମ ମାଝୀ, ଇଶ୍ୱର ଟୁଡୁ, ଲକ୍ଷ୍ମୀଧର ଟୁଡୁ, କହ୍ନେଇ ମାଝୀ ପ୍ରମୁଖଙ୍କ ଉଦ୍ୟମରେ ୨୯ବର୍ଷ ହେଲା ପଣ୍ଡିତ ଛକରେ ଏହି ଜନ୍ମ ବାର୍ଷିକୀ ପାଳିତ ହେଉଛି।

### ଗ୍ରାମ୍ୟ ପାନୀୟ ଜଳଯୋଗାଣ ଯୋଜନା ଦିଗହରା

**ହାଟଡିହୀ, ୧୯। ୫(ଡି.ଏନ୍.ଏ.)-** ଦିନକୁ ଦିନ ଖରା ତାତି ବଢୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ଏପରିସ୍ଥଳେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ଅଧିକାଂଶ ଅଞ୍ଚଳରେ ପାନୀୟ ଜଳାଭାବ କଦେଖାଦେଇଛି। ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଥାଇ ନ ଥିଲା ପରି ରହିଛି। ଜଳକ୍ଲିଷ୍ଟ ଅଞ୍ଚଳର ଅଚଳ ପ୍ରକଳ୍ପ ମରାମତି କରି ପାନୀୟଜଳ ଯୋଗାଣ ସକାଶେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ପରିବର୍ତ୍ତେ ପଞ୍ଚାୟତ ଉପରେ ଦୋଷ ଲଦି ଦାୟିତ୍ୱ ଖସାଉଥିବାରୁ ଏ ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।
ହାଟଡିହୀ ବ୍ଲକର ୩୧ ପଞ୍ଚାୟତରେ ୨୯ଟି ଗ୍ରାମ୍ୟ ଜଳଯୋଗାଣ ଗୃହ ନିର୍ମାଣ ହୋଇ ୨୭ଟି ପଞ୍ଚାୟତକୁ ଜଳ ଯୋଗାଣ ହେଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ୨ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ ।
କିନ୍ତୁ ଏସବୁ ଅଞ୍ଚଳର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଅଲଗା ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଉପଯୁକ୍ତ ତଦାରଖ ଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଥାନରେ ପାଇପ୍ ଓ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିରୁଜି ଗଲାଣି। କେତେକ ସ୍ଥାନରେ ତଳମୁଣ୍ଡରେ ପାଣି ପହଞ୍ଚୁନାହିଁ । ଅଥଚ ସରକାରୀ ସ୍ତରରେ ପ୍ରକଳ୍ପ ଠିକ୍‌ଠାକ୍ ଚାଲିଥିବା ସଫେଇ ଦିଆଯାଉଛି। ସ୍ଥାନୀୟ ଡଅଁର ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ଯେ,ଏଠାରେ ଲକ୍ଷାଧିକ ଟଙ୍କାରେ ପ୍ରକଳ୍ପ ନିର୍ମାଣ କରି ଗ୍ରାମର ପ୍ରତି ଘରକୁ ପାଇପ୍ ଜଳଯୋଗାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହାମଧରେ ଦୀର୍ଘବର୍ଷ ବିତିଯାଇଥିଲେ ମଧ ଲୋକଙ୍କୁ ପାଇପ୍ ପାଣି ମିଳିପାରୁନାହିଁ। ପ୍ରକଳ୍ପ ଲାଗି ତିଆରି ହୋଇଥିବା ଘର ଗୁହାଳଠାରୁ ହୀନହୋଇ ପଡିଛି। ଓରାଳିରେ ଥିବା ଜଳଯୋଗାଣ ପ୍ରକଳ୍ପରେ ନାନା ଅବ୍ୟବସ୍ଥା ଲାଗି ରହିଥିବାରୁ ଜଳଯୋଗାଣ ହୋଇପାରୁନାହିଁ।
ଏହି ପ୍ରକଳ୍ପ ତିଆରି ବେଳେ ନିମ୍ନମାନର କାମକରି କାଗଜ କଲମରେ ଅନୁଦାନ ହଡ଼ପ କରାଯାଇଥିବାରୁ ଏଭଳି ସମସ୍ୟା ମୁଣ୍ଡ ଟେକିଛି। ଜିଲା ପ୍ରଶାସନ ଏ ସବୁର ଉଚ୍ଚସ୍ତରୀୟ ତଦନ୍ତ କରି ପାଇପ ଜଳଯୋଗାଣକୁ ସୁବ୍ୟବସ୍ଥିତ କରିବା ଲାଗି ଲୋକେ ଦାବି କରିଛନ୍ତି।
ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଉତ୍ସବ ଜେନାଙ୍କୁ ପଚାରିବାରୁ କହିଛନ୍ତି, ଜଳ ଯୋଗାଣ କ୍ଷେତ୍ରରେ କୌଣସି ଅସୁବିଧା ଦେଖାଦେଲେ ତାହାର ମରାମତି ଦାୟିତ୍ୱ ସଂପୃକ୍ତ ପଞ୍ଚାୟତକୁ ଦିଆଯାଇଛି। ଏଥିଲାଗି ପଞ୍ଚାୟତକୁ ଅନୁଦାନ ମଧ ମିଳିଛି। ତେବେ ପ୍ରଶାସନ ସମସ୍ୟାକୁ ଅନୁଧ୍ୟାନ କରି ଦେଖିବ ବୋଲି ସେ କହିଛନ୍ତି।

■ ଚୋର ଗ୍ୟାଙ୍ଗକୁ ଧରିଲା ଚମ୍ପୁଆ ପୋଲିସ

# ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର



ଖବରଦାତା ସମ୍ମିଳନୀରେ ଉଦ୍ଧାର ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

**ଚମ୍ପୁଆ /କେନ୍ଦୁଝର, ୧୯।୫ (ଡି.ଏନ.ଏ./ସ୍ୱ.ପ୍ର.)**

ଚମ୍ପୁଆ ଥାନା ଅନ୍ତର୍ଗତ ପର୍ଶଲା, ଜଡିପଦା ଆଦି ଅଞ୍ଚଳରେ ତାଲା ଭାଙ୍ଗି ଘରେ ପଶି ଲୁଟ୍ କରୁଥିବା ଚୋର ଗ୍ୟାଙ୍ଗକୁ ଧରିବାରେ ଚମ୍ପୁଆ ପୋଲିସକୁ ବଡ ସଫଳତା ମିଳିଛି । କେନ୍ଦୁଝର ବଣିଆପାଟରୁ ଏହି ଗ୍ୟାଙ୍ଗକୁ ଧରା ଯିବା ସହିତ ମାଟି ତଳୁ ସୁନା ଗହଣା ଓ ଟଙ୍କା ଉଦ୍ଧାର କରାଯାଇଛି ବୋଲି ଚମ୍ପୁଆ ଏସଡିପିଓ ହରିହର ପାଣି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏତଦ୍‌ବ୍ୟତୀତ ଏହି ଗ୍ୟାଙ୍ଗ ଭଦ୍ରକ ଜିଲା ଭଣ୍ଡାରି ପୋଖରୀ ଓ କେନ୍ଦୁଝର ଟାଉନର ୨ଗୋଟି ଜାଗାରେ ସମରୂପ ଭାବେ ଚୋରି କରିଥିବା ପ୍ରକାଶ କରିଛନ୍ତି।
ସୂଚନା ଅନୁସାରେ ୨୦୧୯ ମସିହାରେ ଚମ୍ପୁଆ ଥାନା ଅଧୀନରେ ୫ ଗୋଟି ଜାଗାରୁ ଦିନ ଓ ରାତି ସମୟରେ ଘରେ କେହି ନଥିବାର ସୁଯୋଗ ଦେଖି ତାଲା ଭାଙ୍ଗି ସୁନା ଗହଣା ଓ ପଇସା ଚୋରି ହୋଇଥିଲା। ଏହି ଚୋରିକୁ ରୋକିବା ଓ ଗ୍ୟାଙ୍ଗକୁ ଧରିବା ନିମନ୍ତେ ଏସଡିପିଓ ପାଣିଙ୍କ ନିର୍ଦ୍ଦେଶରେ ଆଇଆଇସି ମନୋରଞ୍ଜନ ପ୍ରଧାନ ସଦଳବଳେ ବିଭିନ୍ନ ସ୍ଥାନରେ ଚଢାଉ କରିବା ସହିତ ଅଜଣା ଲୋକ ଓ ବୁଲା ବିକାଳିଙ୍କ ଉପରେ ନଜର ରଖିଥିଲେ। ବିଶେଷସୂତ୍ରରୁ ଖବର ପାଇ ବଣିଆପାଟଠାରେ ଏକ ଗଛମୂଳେ ରହୁଥିବା ଯାଯାବରଙ୍କୁ ଧରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ପରିଶେଷରେ ଏହି ଚୋରି ଗ୍ୟାଙ୍ଗର ଏହିମାନେ ସମ୍ପୃକ୍ତ ଥିବା ଜାଣିବା ପରେ ଭଣ୍ଡାରିପୋଖରୀ ନିବାସୀ କ୍ରିଷ୍ଣା ଦାସ ଓ ତାଙ୍କ ପୁଅ ଅଶୋକ ଦାସକୁ ଗିରଫ କରିବା ସହିତ ଉକ୍ତ ଗଛମୂଳରୁ ପୋତା ହୋଇଥିବା ଅବସ୍ଥାରେ ୬୧୭୦୦ ନଗଦ ଅର୍ଥ, ୭୫ ଗ୍ରାମ ସୁନା ଓ ୩୦୦ ଗ୍ରାମ ରୁପା ସହିତ ୨ ଗୋଟି ସୁନା ଓଜନ ମେଶିନ ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କ୍ରିଷ୍ଣା ଦାସଙ୍କ ଆଉ ୨ ପୁଅ ଡିସ୍କ ଓ ଗୋପି ଏବେ ବି ଫେରାର ଅଛନ୍ତି। ବିଭିନ୍ନ ଥାନା ଅଞ୍ଚଳରେ ଏମାନେ ଚୋରି କରୁଥିବା ବେଳେ ଯେଉଁ ଲୋକମାନଙ୍କର ସୁନା ଓ ରୁପା ଅଳଙ୍କାର ହଜିଛି ସେମାନେ ଉପଯୁକ୍ତ ପ୍ରମାଣ ଦେଇ ଜିନିଷ ନେଇ ପାରନ୍ତି ବୋଲି ଚମ୍ପୁଆ ଏସଡିପିଓ ସୂଚନା ଦେଇଥିଲେ।

## ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ

**ଝୁମ୍ପୁରା, ୧୯।୫ (ଡି.ଏନ.ଏ.)**

ଝୁମ୍ପୁରା ଥାନା ଅନ୍ତର୍ଗତ ଝୁମ୍ପୁରା ସମେତ ଗ୍ରାମାଞ୍ଚଳରେ ଚୋରି, ଡକାୟତି, ରାସ୍ତା ଲୁଟ ବଢି ଚାଲିଛି। ଅସାମାଜିକ କାର୍ଯ୍ୟକଳାପ ସୀମା ଟପିଲାଣି। ବାଇକ ଚୋରୀ, ପାର୍କିଙ୍ଗ ହୋଇଥିବା ଗାଡି ଗୁଡିକରୁ ଟାୟାର ଚୋରି, ଡିଜେଲ ଚୋରି ଆଦି ଘଟଣା ନିତି ଦିନିଆରେ ପରିଣତ ହେଲାଣି। ମେ ୧୫ ତାରିଖରେ ଝୁମ୍ପୁରା କେନାଲ ହୁଡା ଛକ ନିକଟରୁ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତ ଲୁଟି ନେବା ପରେ ୧୭ ତାରିଖରେ ଝୁମ୍ପୁରା ଆରଏମସି ମାର୍କେଟରେ ଥିବା ସୁନା ଦୋକାନରୁ ସୁନା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏତେ ସବୁ ଘଟଣା ଘଟୁ ଥିଲେ ହେଁ, ପୋଲିସ ଚୋରକୁ ଧରିବା ପାଇଁ ପ୍ରୟାସ କରିବା ବଦଳରେ ଚୁପ ବସିଛି। ଅନ୍ୟପକ୍ଷେ ତହସିଲ କାର୍ଯ୍ୟାଳୟର କାର୍ଯ୍ୟ ପ୍ରଣାଳୀରେ ଝୁମ୍ପୁରା ଥାନା ପୋଲିସ ଅଯଥା ହସ୍ତକ୍ଷେପ କରି ଚାଲିଛି। ସେହିପରି ଜମି ମାପଚୁପ ପ୍ରସଙ୍ଗରେ ଝୁମ୍ପୁରା ଥାନାରେ ଦିର୍ଘବର୍ଷ ଧରି ନିଜ ଆସନ ଜମାଇ ରଖିଥିବା ଜଣେ ପୋଲିସ ଅଧିକାରୀ ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତି ବିଶେଷଙ୍କ ଜମି ମାପଚୁପ କରାଇବା ପାଇଁ ବିଶେଷ ଉତ୍ସାହ ସହିତ ସମୟ ଦେଉଥିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

■ ଅନ୍ୟ ଜାତିରେ ବିବାହ ନେଇ ସାମାଜିକ ବାସନ୍ଦ ଘଟଣା

# ମେଡିକାଲରେ ବାପାଙ୍କୁ ଜଗିଛି ଝିଅ

**କେନ୍ଦୁଝର, ୧୯।୫(ସ୍ୱ.ପ୍ର.)**

ଅନ୍ୟ ଜାତିରେ ବିବାହ କରିଥିବାରୁ ବାଇଧର ନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ସାମଜିକ ବାସନ୍ଦ କରାଯାଇଥିଲା। ଏନେଇ ବାପ, ଝିଅ ଗଛ ତଳେ ଆଶ୍ରୟ ନେଇଥିଲେ। ସ୍ଥାନୀୟ ସାମାଜିକ କର୍ମୀ ପୋଲିସକୁ ସୂଚନା ଦେବା ପରେ ପୋଲିସ ସ୍ଥାନୀୟ ଆଶାଦିଦି ସହାୟତାରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଏକୁଟିଆ ଝିଅ ମଧ ତାଙ୍କ ବାପା ବାଇଧରଙ୍କ ସହିତ ମେଡିକାଲ ଆସିଥିଲେ । ତେବେ ଡାକ୍ତରଖାନାରେ ଆଶା ଦିଦିମାନେ ଛାଡି ଚାଲିଯାଇଥିଲେ ହେଁ ଛୋଟ ଝିଅ କିପରି ଏକୁଟିଆ ବାପାକୁ ସହାୟତା କରିବ ସେ ନେଇ ଚର୍ଚ୍ଚା ହେଉଛି। ଝିଅଟି ତା’ ବାପାଙ୍କ ସହିତ ଓାର୍ଡରେ ରହୁଥିବାରୁ ତାର ସାହସିକତାକୁ ଅନେକ ପ୍ରଶଂସା କରୁଥିଲେ ହେଁ ତାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଡାକ୍ତରଖାନାରେ ଅସୁସ୍ଥ ବାପାଙ୍କ ଦେଖାଶୁଣା କରୁଥିବା ଝିଅ।

## ବୋଲେରୋ ଓଲଟି ୩ ଆହତ

**କୋଲିମାଟି, ୧୯।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ୨୦ନଂ ଜାତୀୟ ରାଜପଥ ଘସିପୁରା ଥାନା ଅଧୀନରେ ଥିବା ଗୋହିରା ଛକ ଓଭର ବ୍ରିଜ ପଛକୁ ରବିବାର ପ୍ରାୟ ୧୧ଟାରେ ଏକ ବୋଲେରୋ ଗାଡି ଭାରସ୍ୟାମ ହରାଇ ବିଲ ଭିତରେ ଓଲଟି ପଡିଛି । ଏଥିରେ ୩ ଆହତ ହୋଇଛନ୍ତି। ଗାଡିରେ ତିନି ଜଣ ଯାତ୍ରୀ ରହିଥିଲେ ସେଥି ମଧ୍ୟରୁ ଡ୍ରାଇଭରଙ୍କ ମୁଣ୍ଡ ଫାଟି ଯାଇଛି ଓ ଅନ୍ୟ ଦୁଇ ଜଣଙ୍କ ବିଶେଷ କିଛି ହୋଇନାହିଁ। ଦୁର୍ଘଟଣା ଘଟିବା ସମୟରେ ଛକ ପାଖରେ ରହିଥିବା କିଛି ସ୍ୱେଚ୍ଛାସେବୀ ଯୁବକମାନେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ।

## ସେଲ୍ଫି କର୍ଣ୍ଣର



@ ଅଂଶୁମାନ



@ ମାନସ



@ ସମୀର



@ ବବୁଲୁ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ପୂର୍ବତନ ବିଧାୟକ ରାମରାୟ ଅସୁସ୍ଥ

**ପାଟଣା, ୧୯।୫(ସ୍ୱ.ପ୍ର.)**

ପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମରାୟ ମୁଣ୍ଡା ବାର୍ଦ୍ଧକ୍ୟ ଜନିତ ରୋଗର ଶିକାର ହୋଇ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଶୁକ୍ରବାର କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ରାମରାୟଙ୍କ ଘର ପାଟଣା ବ୍ଲକ ଚାକୁଣ୍ଡାପାଳ ଗ୍ରାମରେ। ସେ ୧୯୬୭ ମସିହାରୁ ୧୯୭୧ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଜିତି ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ହୋଇଥିଲେ।

## ଖଣ୍ଡା ନୃତ୍ୟ କର୍ମଶାଳା ଉଦ୍‌ଯାପିତ

**କେନ୍ଦୁଝର, ୧୯।୫(ଡି.ଏନ୍.ଏ.)**

କେନ୍ଦୁଝରଠାରେ ଆୟୋଜିତ ଗୌଣ୍ଡ ସମାଜ ପକ୍ଷରୁ ଖଣ୍ଡା ନୃତ୍ୟ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। କେନ୍ଦୁଝର ବଡଘାଗରାଠାରେ କର୍ମଶାଳା ଉଦ୍‌ଯାପିତ ହୋଇଥିବାବେଳେ ଗୌଣ୍ଡୱାନା ଗୌଣ୍ଡ ଖଣ୍ଡା ନୃତ୍ୟ କର୍ମଶାଳାରେ ୩୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଗଦେଇ ପାରମ୍ପରିକ କଳାକୌଶଳ ଶିକ୍ଷା ଗ୍ରହଣ କରିଥିଲେ। ଏହି କର୍ମଶାଳା କେନ୍ଦୁଝର ଷ୍ଟାଡିୟମଠାରେ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିଲା। କର୍ମଶାଳାରେ ପାରମ୍ପରିକ ଖଣ୍ଡା ନୃତ୍ୟର କୌଶଳ, ଖଣ୍ଡା ଚାଳନା, ପାରମ୍ପରିକ ଅସ୍ତ୍ରଶସ୍ତ୍ର ବ୍ୟବହାର,ଖଣ୍ଡା ନୃତ୍ୟର ପ୍ରଚାର ପ୍ରସାର ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ନାୟକ ତାଲିମ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।



ସାମରିକ କଳା କୌଶଳ ପ୍ରଦର୍ଶନ କରାଯାଉଛି।

## ବୈତରଣୀରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ପାଟଣା,୧୯।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଅଙ୍କୁରା ଗ୍ରାମ ଉପର ସାହିର ଜଣେ ବିବାହିତ ବ୍ୟକ୍ତି ଶନିବାର ପୂର୍ବାହ୍ନରେ ଘର ନିକଟ ବୈତରଣୀ ନଦୀ ଘାଟକୁ ମାଛ ଧରିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ନିଖୋଜ ବ୍ୟକ୍ତି ହେଉଛନ୍ତି ମୋହନ ନାଏକ(୫୫)। ନିଖୋଜ ହେବାର ୨୪ଘଣ୍ଟା ପରେ ରବିବାର କେନ୍ଦୁଝର ଓ ପାଟଣା ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ଉଦ୍ଧାର କରାଗଲା। ମୋହନ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଥିଲେ। ପାଟଣା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୯) ରୁଜୁ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅସୁରକ୍ଷିତ ଖଣି ଅଞ୍ଚଳ

**କେନ୍ଦୁଝର, ୧୯।୫ (ସ୍ୱ.ପ୍ର.)**

ସରକାରଙ୍କ ଓଡ଼ିଶା ଖଣି ନିଗମ ଅଧୀନ ଶୁଆକାଠି ଗନ୍ଧମାର୍ଦ୍ଦନ ଖଣିରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହା ଅସୁରକ୍ଷିତ ହୋଇପଡ଼ିଛି। ଉପଯୁକ୍ତ ତଦାରଖର ଅଭାବରୁ ଖଣି ଅଞ୍ଚଳର ରାସ୍ତାଘାଟ ଅସୁରକ୍ଷିତ ହୋଇଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ ବିଷୟ ହେଲା ଏହି ଖଣି ଅଞ୍ଚଳ ଦେଇ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ରାସ୍ତା ଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ମଧ ଧ୍ୟାନ ଦେଇ ରାସ୍ତା ମରାମତି କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ସେହିପରି ଏହି ରାସ୍ତାରେ ଖଣିଜପଥର ପରିବହନ ଯୋଗୁ ସାଧାରଣ ଲୋକ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଖଣି କର୍ତ୍ତୃପକ୍ଷ ଓ ଖଣିକାର୍ଯ୍ୟ କରୁଥିବା ଠିକା ସଂସ୍ଥାମାନେ ନିଜର ଲାଭକୁ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ ପାରିପାର୍ଶ୍ୱିକ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁବିଧା, ଶ୍ରମିକଙ୍କ ସୁରକ୍ଷା ଏବଂ ପରିବେଶର ରକ୍ଷଣାବେକ୍ଷଣକୁ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ।
ପ୍ରକାଶ ଯେ, ଦୈନିକ ଏହି ଖଣିରେ ଶହ ଶହ ସଂଖ୍ୟାରେ ଲୁହାପଥର ଟ୍ରକ ପରିବହନ କରିଥାଏ। ରାସ୍ତା ଭଲ ନ ଥିବାରୁ ଟ୍ରକଗୁଡିକ ଖଣିକୁ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଛି। ଏପରିକି ରାସ୍ତାରେ ବହଳ ପରିମାଣର ଧୂଳି ଯୋଗୁ ଅନେକ ସମୟରେ ସ୍ଲିପ କରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପ୍ରଦୂଷଣ ଲାଗି ଟ୍ରକ ଚାଳକ, ଶ୍ରମିକ ତଥା କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ରାସ୍ତାରେ ପାଣି ସିଞ୍ଚନ କରିବା ବ୍ୟବସ୍ଥା ଥିଲେ ହେଁ ନିୟମିତ କରାଯାଉ ନ ଥିବାରୁ ଧୂଳି ଉଡି ଆଖପାଖ ଅଞ୍ଚଳର ଜନବସତି, ଜଳାଶୟ, ଜଙ୍ଗଲରେ ପଡୁଥିବାରୁ ଜଳ ଓ ବାୟୁ ପ୍ରଦୂଷଣ ହେଉଛି।
ଖଣି ତଦାରଖ କରିବାକୁ ଆସୁଥିବା ଆଇବିଏମ, ଡିଜିଏମଏସ ତଥା ଓଏମସି ଅଧିକାରୀମାନେ ଏସବୁ ପ୍ରତି ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି। ଖଣି ଦ୍ୱାରା ବହୁ ମୂଲ୍ୟବାନ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବହୁ ଜଳସ୍ରୋତ ଲୁପ୍ତ ହୋଇଯାଇଥିଲେ ହେଁ ସେସବୁର ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପରିଣାମ ସ୍ଥାନୀୟ ଲୋକଙ୍କୁ ଭୋଗିବାକୁ ପଡୁଛି । ଜଳ ସମସ୍ୟା ସାଙ୍ଗକୁ ଜଙ୍ଗଲରୁ ମିଳୁଥିବା ବନଜାତ ଦ୍ରବ୍ୟର ଅଭାବ ଦେଖାଦେଉଛି। ଏ ନେଇ ଓଏମସି ସାଧାରଣ ପ୍ରବନ୍ଧକ ପ୍ରଶାନ୍ତ ସାହୁଙ୍କୁ ପଚରାଯିବାରୁ ଖଣି ଅଞ୍ଚଳରେ ଖଣି ନିୟମାନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପରିବେଶର ସୁରକ୍ଷା ଏବଂ ପାରିପାର୍ଶ୍ୱିକ ଉନ୍ନୟନ କାମ ନୀତି ନିୟମ ଅନୁସାରେ କରାଯାଉଛି ବୋଲି ସେ କହିଛନ୍ତି।

# ୫ ବୁଥ୍‌ରେ ସାନି ମତଦାନ

## ଶାନ୍ତିଶୃଙ୍ଖଳାରେ ସରିଲା

ବାରିପଦା ଅଫିସ,୧୯।୫

ମୟୂରଭଞ୍ଜ ଜିଲାର ୫ଟି ବୁଥରେ ରବିବାର ଶାନ୍ତିଶୃଙ୍ଖଳାର ସହ ସାନି ମତଦାନ ଅନୁଷ୍ଠିତ ହୋଇଛି। ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର ୪ଟି ଓ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀର ଗୋଟିଏ ବୁଥରେ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ମତଦାନ ହୋଇଥିଲା। ସକାଳ ୭ ରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରବଳ ଖରା ଓ ତାତି ସତ୍ତ୍ୱେ ଲୋକେ ଧାଡି ବାନ୍ଧି ଭୋଟ ଦେଇଥିଲେ। ଶାନ୍ତିଶୃଙ୍ଖଳାର ସହିତ ଭୋଟ ପ୍ରକ୍ରିୟା ଶେଷ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଗତ ୨୯ ତାରିଖରେ ନିର୍ବାଚନ ବେଳେ ଇଭିଏମରେ ତ୍ରୁଟି ହୋଇଥିବାରୁ ଏହି ୫ ବୁଥରେ ସାନି ମତଦାନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ବାରିପଦା ନିର୍ବାଚନମଣ୍ଡଳୀ ଅଧୀନ ଭୁଗୁଡାକଟା ସ୍ଥିତ ୧୬ ନମ୍ବର ବୁଥ, ପୂର୍ଣ୍ଣଚନ୍ଦ୍ରପୁର ୧୯ନଂ. ବୁଥ, ଖୁଣ୍ଟା ବ୍ଲକ ଅଠାପଡାର ୨୪୮ନଂ. ବୁଥ,ବଡସାହି ବ୍ଲକର ଖାନୁଆ-୨ ସ୍ଥିତ ୧୬୬ନଂ. ବୁଥ ଏବଂ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀର କଖାରୁଶୋଳ ୧୦୪ ନମ୍ବର ବୁଥରେ ମତଦାନ ହୋଇଥିଲା। ୧୬ ନମ୍ବର ବୁଥରେ ୧୩୫୪ ଭୋଟରଙ୍କ ମଧ୍ୟରୁ ୮୪୨ ଜଣ, ୧୯ ନମ୍ବର ବୁଥରେ ୧୧୭୯ ଭୋଟରଙ୍କ ମଧ୍ୟରୁ ୭୪୩, ୧୬୬ ନମ୍ବର ବୁଥରେ ୬୦୦ ଭୋଟରଙ୍କ ମଧ୍ୟରୁ ୪୩୬ ଜଣ, ୨୪୮ ନମ୍ବର ବୁଥରେ ୯୪୫ ଭୋଟରଙ୍କ ମଧ୍ୟରୁ ୭୭୪ ଏବଂ ୧୦୪ ନମ୍ବର ବୁଥରେ ୮୬୬ ଜଣ ଭୋଟରଙ୍କ ମଧ୍ୟରୁ ୬୯୯ ଜଣ ଭୋଟର ଭୋଟ ଦେଇଥିବା ଜଣାପଡିଛି। ସୁରକ୍ଷା ଦୃଷ୍ଟିରୁ ବୁଥ ଗୁଡିକରେ ସିସିଟିଭି କ୍ୟାମେରା ଲାଗାଯାଇଥିଲା।


ଖାନୁଆ-୨ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବାଧାଡ଼ି।


ବାରିପଦାର ଏକ ବୁଥରେ ବରିଷ୍ଠ ନାଗରିକମାନେ ଭୋଟ ଦେବାକୁ ଆସିଛନ୍ତି।

### ୯୪୫ରୁ ଭୋଟଦେଲେ ୭୭୪

ଆମ ଖୁଣ୍ଟା ପ୍ରତିନିଧି ଜଣାଇଛନ୍ତି ଯେ, ଏହି ବ୍ଲକ ଅଧୀନ ବିସିପୁର ପଞ୍ଚାୟତ ଆଠପଡ଼ାସ୍ଥିତ ୨୪୮ ନଂ ବୁଥରେ ସାନି ମତଦାନ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ଆଠପଡ଼ା ଉନିତ ମଧ ଇଂରାଜୀ ବିଦ୍ୟାଳୟରେ ହୋଇଥିବା ବୁଥରେ ୪୫୫ ପୁରୁଷ ଓ ୪୯୦ ମହିଳାଙ୍କୁ ମିଶାଇ ମୋଟ ୯୪୫ ଜଣ ମତଦାନ କରିବାକୁ ଥିବାବେଳେ ୭୭୪ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ଖୁଣ୍ଟା ବ୍ଲକ ଏବିଡିଓ ବସନ୍ତ କୁମାର ପୃଷ୍ଟି ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଉଦଳା ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

### କମିଲା ଭୋଟ ହାର

ଆମ ବଡ଼ସାହିର ସ୍ୱତନ୍ତ୍ର ପ୍ରତିନିଧି ଜଣାଇଛନ୍ତି ଯେ, ଖାନୁଆ-୨ ବୁଥରେ ସାନି ମତଦାନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । ବାରିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏହି ୧୬୬ନଂ ବୁଥରେ ୬ଶହ ଭୋଟରଙ୍କ ମଧ୍ୟରୁ ୪୩୨ଜଣ ମତଦାନ କରିଛନ୍ତି। ୭୨ପ୍ରତିଶତ ମତଦାନ ହାର ରହିଛି। ଗତ ୨୯ତାରିଖ ମତଦାନ ସମୟରେ ୬ଶହ ଭୋଟରଙ୍କ ମଧ୍ୟରୁ ୪୭୫ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ । ଫଳରେ ପୁନଃ ମତଦାନରେ ୪୩ଜଣ କମ ଭୋଟ ଦେଇଛନ୍ତି । ଖାନୁଆ ପଞ୍ଚାୟତରେ ଥିବା ୧ନଂ ୱାର୍ଡ ହାତୀବନ୍ଧା, ୨ନଂ ୱାର୍ଡ ଧାନଶୋଳ, ନିଶ୍ଚିନ୍ତପୁର ଓ ୩ନଂ ୱାର୍ଡ ଭାଲୁକଡୁବି ଗ୍ରାମର ଭୋଟର ଏହି ବୁଥରେ ଭୋଟ ଦେଇଛନ୍ତି । ଭାଜପାର ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ, ବିଜେଡିର ସରୋଜିନୀ ହେମ୍ବ୍ରମ ଓ କଂଗ୍ରେସର ଦଶରଥ ସିଂ ଏବଂ ଲୋକ ସଭା ଆସନ ପାଇଁ ଭାଜପାର ଇଂ ବିଶେଶ୍ୱର ଟୁଡୁ, ବିଜେଡ଼ିର ଡ଼. ଦେବାଶିଷ ମାରାଣ୍ଡି ଓ ଜେଏମଏମର ଅଞ୍ଜନୀ ସୋରେନ ଏଠାରେ ପ୍ରାର୍ଥୀ ରହିଛନ୍ତି।

## ସଂକ୍ଷେପରେ

### ଭୋଟରଙ୍କୁ ପ୍ରଭାବିତ କରିବା ଭିଡିଓ ଭାଇରାଲ

ବାରିପଦା ଅଫିସ,୧୯।୫- ବାରିପଦା ସହରର ୨ ଟି ବୁଥରେ ସାନି ମତଦାନ ଅନୁଷ୍ଠିତ ହୋଇଛି। ଏହି ଦୁଇ ବୁଥ ମଧ୍ୟରୁ ଗୋଟିଏ ବୁଥରେ ଜଣେ ପୌର କର୍ମଚାରୀ ପଶି ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ଭାଜପା ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସମ୍ପ୍ରତି ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି କର୍ମଚାରୀ କିଭଳି ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି, ତାହାର ଝଲକ ରହିଛି। ଏନେଇ ତେବେ ସମ୍ପୃକ୍ତ କର୍ମଚାରୀ ପୋଲିଂ କର୍ମଚାରୀଙ୍କ ପାଇଁ ପାନୀୟ ଜଳ ଯୋଗଣ କରିବା ଦାୟିତ୍ୱ ତାଙ୍କୁ ଦିଆଯାଇଥିବାରୁ ସେ ବୁଥକୁ ଆସିଥିଲେ ବୋଲି ସଫେଇ ଦେଇ କହିଛନ୍ତି । ଏହାର ସତ୍ୟାସତ୍ୟ ତଦନ୍ତ ସାପେକ୍ଷ ବୋଲି ଆଲୋଚନା ହେଉଛି।

### ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ



କପ୍ତିପଦା,୧୯।୫(ଡ଼ି.ଏନ୍.ଏ)- କପ୍ତିପଦା ବ୍ଲକ୍ ଅଧୀନ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର କ୍ଷୀରୋଦ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ରୌପ୍ୟ ଜୟନ୍ତୀ ୨୦୨୦ ଜାନୁୟାରୀ ୩୦ ଓ ୩୧ ତାରିଖ ଅନୁଷ୍ଠିତ ହେବାକୁ ଦିନ ଧାର୍ଯ୍ୟ ହୋଇଛି । ଏହି ଉତ୍ସବକୁ କିପରି ସରସ ସୁନ୍ଦର କରାଯାଇ ପାରିବ ସେଥିପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ସଭାପତି ଭାବେ କ୍ଷୀରୋଦ ଚନ୍ଦ୍ର ପାତ୍ର, ଉପ ସଭାପତି କେଦାର କାଲୁଣ୍ଡିଆ ଓ ବାସନ୍ତୀ ପରିଜା, ସଂପାଦକ ମନୋଜ କୁମାର ସିଂ, ସହ ସଂପାଦକ ନିରାକର ବାରିକ ଓ ପଦ୍ମାବତୀ ସିଂ ଓ କୋଷାଧ୍ୟକ୍ଷ ଖଗେଶ୍ୱର ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଉତ୍ସବର ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ସାଧୁବାଦ ଅର୍ପଣ କରିବା ସହିତ ମହାବିଦ୍ୟାଳୟ ସବୁ ପ୍ରକାର ସହଯୋଗ କରିବ ବୋଲି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଅଧାପକ ଅଶୋକ କୁମାର ସାହୁ, ଶରତ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ମହାବିଦ୍ୟାଳୟ ଆଜକୁ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଉଚ୍ଚ ଶିକ୍ଷାର ପ୍ରସାରରେ ସହଯୋଗ କରି ଆସିଛି ବୋଲି ମତପ୍ରଦାନ କରିଥିଲେ । ପ୍ରଦୀପ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ଘରେ ପଶିବାକୁ ଉଦ୍ୟମ ଅଭିଯୋଗରେ ଜଣେ ଗିରଫ

ତିହିଡ଼ି, ୧୯।୫ (ଡି.ଏନ.ଏ.) - ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ପାଲିଆବିନ୍ଧା ପଞ୍ଚାୟତ ଜିଝାରପୁର ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପ୍ରଶାନ୍ତ ମଲିକ ନାମକ ଜଣେ ବ୍ୟକ୍ତିଙ୍କ ଘରେ ପଶିବା ପାଇଁ କବାଟ ଭାଙ୍ଗିବା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା(ନଂ.୨୧୪/୧୯) ରୁଜୁ କରି ଗ୍ରାମର ସନ୍ତୋଷ ମଲିକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଉଲ୍ଲେଖନୀୟ ଯେ, ଗତ ୧୬ ତାରିଖରେ ଗ୍ରାମର ଦୁଇ ରାଜନୈତିକ ଦଳର କର୍ମୀଙ୍କ ମଧରେ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ତିହିଡ଼ି ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏହାକୁ ନେଇ ଶନିବାର ବିଳମ୍ବିତ ରାତିରେ ସନ୍ତୋଷ ଏବଂ ତାଙ୍କର କେତେକ ସହଯୋଗୀ ପ୍ରଶାନ୍ତଙ୍କ ଘର ପାଖରେ ପହଞ୍ଚିଥିଲେ। ସେମାନେ ବିଭିନ୍ନ ଧମକ ଦେବା ସହ ପ୍ରଶାନ୍ତଙ୍କ ଘର କବାଟ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପ୍ରଶାନ୍ତଙ୍କ ସ୍ତ୍ରୀ ରୀନାରାଣୀ ଏ ସମ୍ପର୍କରେ ପୋଲିସକୁ ଜଣାଇବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଥାନାକୁ ନେଇଥିଲା। ପରେ ରୀନାରାଣୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ପଣ୍ଡିତ ରଘୁନାଥଙ୍କୁ ଶ୍ରଦ୍ଧାଞ୍ଜଳି

ଖୁଣ୍ଟା,୧୯।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଗୁଲୁଖଡୁବା ଗ୍ରାମରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୫ତମ ଜୟନ୍ତୀ ଖେରୱାଳ ଜାରପା ସମିତି ପକ୍ଷରୁ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଅମର ସିଂ ସରେନ, ସମ୍ମାନିତ ଅତିଥି ଭାବେ ଅସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଲକ୍ଷ୍ମଣ ଟୁଡୁ, ୟୁନାଇଟେଡ଼ ଇନ୍ସୁରାନ୍ସ କମ୍ପାନୀ କୋଲକତା ଶାଖାର ପରିଚାଳକ ପ୍ରଫୁଲ୍ଲ ଚନ୍ଦ୍ର ମାଝୀ ଓ ଖୁଣ୍ଟା ମାଧମିକ ବିଦ୍ୟାଳୟର ଅଧାପିକା ସରଜୀନି ବାସ୍କେ ପ୍ରମୁଖ ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସ୍ମୃତି ଚାରଣ କରିଥିଲେ। ଗୁଲୁଖଡୁବା, କିରକିଛିଆ ଓ ପୁରୁଣାପାଣି ଗ୍ରାମର ତିନି ଜଣ ମାଝୀ ହାଡାମ ନିକଟସ୍ଥ ପୋଖରୀରୁ ବିଧିମତେ ଘଟ ଉତ୍ତୋଳନ କରିବା ସହିତ ରଘୁନାଥ ମୁର୍ମୁଙ୍କ ଫଟୋ ଚିତ୍ରକୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଯୁବତୀ ଯୁବକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତିର ସଭାପତି ନିମାଇ ଚରଣ ମୁର୍ମୁ, ସମ୍ପାଦକ ଯୋଗେଶ୍ୱର ମାଝୀ, ଉପସଭାପତି ସାଲଖାନ ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ ।ସେହିପରି ଖୁଣ୍ଟା ବ୍ଲକ ଅଧିନ ଦୁକୁରା ପଞ୍ଚାୟତର ନୂଆଗାଁ ଠାରେ ଶିକ୍ଷାବିତ ଭାଗମାତ ମାର୍ଣ୍ଡିଙ୍କ ଆୟୋଜନରେ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ କରାଯାଇଛି । ଏଥିରେ ସନାତନ ମୁର୍ମୁ,ପୂର୍ଣଚନ୍ଦ୍ର ହାଁସଦା, ସୁଦାମ ମାଝୀ ଓ ସୁନୀଲ ଟୁଡୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଗଣତି ସାରିବାକୁ ଲାଗିପାରେ ୨୪ ଘଣ୍ଟା

- ଭୋଟ ଗଣତି କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା
- ସବୁ ମହଲରେ ଉତ୍କଣ୍ଠା, ବଢ଼ିଛି ରାଜନୈତିକ ଉଷ୍ମତା

ବାରିପଦା ଅଫିସ,୧୯।୫

ଆସନ୍ତା ୨୩ ତାରିଖ ଭୋଟ ଗଣତି ଦିନ ପାଖେଇ ଆସୁଥିବାର ସବୁ ସ୍ତରରେ ଉତ୍କଣ୍ଠା ପ୍ରକାଶ ପାଇଛି। ଜିଲାର ୪ ଟି ଭୋଟ ଗଣତି କେନ୍ଦ୍ରରେ ୯ ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନ ପାଇଁ ଭୋଟ ଗଣତି କରାଯିବ। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସକାଳ ୮ ଟା ବେଳୁ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲଟ ଗଣତି ହେବା ପରେ ଇଭିଏମରେ ଥିବା ଭୋଟ ଗଣତି କରାଯିବ। ଭୋଟ ଗଣତି ସରିବା ପାଇଁ ୨୪ ଘଣ୍ଟା ସମୟ ଲାଗିପାରେ ବୋଲି ଜିଲାପାଳ ଭରଦ୍ୱାଜ କହିଛନ୍ତି। ଏଥର ସମସ୍ତ ଭୋଟ ଗଣତି କେନ୍ଦ୍ରକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ ନିର୍ବାଚନ ଫଳାଫଳ ସମ୍ପର୍କିତ ଖବର ସଂଗ୍ରହ କରିବା ପାଇଁ ଏକ ପ୍ରକୋଷ୍ଠ ବ୍ୟବସ୍ଥା କରାଯାଇଛି। ପ୍ରତି ରାଉଣ୍ଡର ଫଳାଫଳ ଗଣମାଧ୍ୟମ ପ୍ରତିନିଧୀମାନଙ୍କୁ ଜଣାଇ ଦିଆଯିବ।

ସୂଚନା ମୁତାବକ ବାରିପଦା ଏମପିସି ଅଟୋନମସ କଲେଜ ଭୋଟ ଗଣତି କେନ୍ଦ୍ରରେ ବାରିପଦା, ବାଙ୍ଗିରିପୋଷି, ବଡସାହି ଓ ମୋରଡା ବିଧାନସଭା ଆସନର ଭୋଟ ଗଣତି କରାଯିବ। ସେହିପରି ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଭୋଟ ଗଣତି କେନ୍ଦ୍ରରେ ରାଇରଙ୍ଗପୁର ଓ ସାରସକଣା ବିଧାନସଭା ଆସନ, ଉଦଳା ମହାବିଦ୍ୟାଳୟ ଭୋଟ ଗଣତି କେନ୍ଦ୍ରରେ ଉଦଳା ବିଧାନସଭା ଆସନ ଏବଂ କରଞ୍ଜିଆ ଉଚ୍ଚ ବାଳକ ବିଦ୍ୟାଳୟ ଭୋଟ ଗଣତି କେନ୍ଦ୍ରରେ କରଞ୍ଜିଆ ଓ ଯଶିପୁର ବିଧାନସଭା ଆସନର ଭୋଟ ଗଣତି କରାଯିବ।

### ଖଟିରେ ଜମୁଛି ଚର୍ଚ୍ଚା

ଏଥର ନିର୍ବାଚନରେ କେଉଁ ଦଳ କେତେ ଆସନ ପାଇବ ସେ ନେଇ ବିଭିନ୍ନ ଚା' ଓ ପାନ ଦୋକାନ ସମେତ ଖଟିରେ ନାନା ଆଲୋଚନା ଜମୁଛି। ଏନେଇ ସାରା ଜିଲାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବିଜେଡି ଜିଲା ସଭାପତି ଦେବାଶିଷ ମହାନ୍ତି, ଭାଜପା ପକ୍ଷରୁ ରାଜ୍ୟ ମୁଖପାତ୍ର ଜୀବନ କୁମାର ସାହୁ ସେମାନଙ୍କ ଦଳ ସପକ୍ଷରେ ଫଳାଫଳ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟ ପ୍ରାର୍ଥୀମାନେ ମଧ ଅନୁରୂପ ବିଜୟ ଆଶା ରଖିଛନ୍ତି। ତେବେ ଅନ୍ୟ ନିର୍ବାଚନ ତୁଳନାରେ ଏଥର ଫଳାଫଳ କିଛିଟା ଭିନ୍ନ ଓ ନିଆରା ହେବ ବୋଲି ଚର୍ଚ୍ଚା କରୁଛନ୍ତି।

■ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

# ଯୁକ୍ତ ୩ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶିତ

## କଲେଜରେ ଫଳାଫଳ ଉପଲବ୍ଧ ହେଉନି

ବାରିପଦା ଅଫିସ,୧୯।୫

ମୟୂରଭଞ୍ଜ ଜିଲା ବାରିପଦାର ତକତପୁର ସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ଏବଂ ଚତୁର୍ଥ ସେମିଷ୍ଟର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଜୀବେନ୍ଦୁ କୁମାର ମନ୍ତ୍ରୀ ଏନେଇ ସୂଚନା ଦେଇଥିବା ବେଳେ କଲେଜ ଗୁଡିକରେ ଏହି ଫଳାଫଳ ଉପଲବ୍ଧ ହୋଇ ନାହିଁ। ଏହି ବିଶ୍ୱ ବିଦ୍ୟାଳୟ ଅଧୀନରେ ପ୍ରାୟ ୮୦ ଟି ଡିଗ୍ରୀ କଲେଜ ରହିଛି। ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପରୀକ୍ଷା ଫଳ ପ୍ରକାଶ ପାଇଥିବା ସୂଚନା ଦିଆଯାଇଥିବାରୁ ଛାତ୍ରୀଛାତ୍ରମାନେ ଫଳାଫଳ ଜାଣିବାକୁ ସେମାନେ ପଢୁଥିବା କଲେଜ ସହ ଯୋଗାଯୋଗ କରି କିଛି ଜାଣି ପାରୁ ନାହାନ୍ତି। ସେହିପରି ଅନ୍‌ଲାଇନ ଯୋଗେ ଏହି ପରୀକ୍ଷା ଫଳ ପ୍ରକାଶ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ଆଶା ଆଶଙ୍କାରେ ରହିଛନ୍ତି। ଏନେଇ ପରୀକ୍ଷା ନିୟନ୍ତ୍ରକ ଡ. ମନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ କଲେଜଗୁଡିକୁ ଫଳାଫଳ ସମ୍ପର୍କରେ ସୋମବାର ଚିଠି କରିବେ ଏବଂ ଖୁବ ଶୀଘ୍ର କଲେଜରେ ଫଳାଫଳ ଉବଲବ୍ଧ ହେବ ବୋଲି ସେ କହିଛନ୍ତି। ସୂଚନା ମୁତାବକ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ପଢୁଥିବା ଯୁକ୍ତ ୩ ର ଦ୍ୱିତୀୟ ସେମିଷ୍ଟାର କଳା,ବାଣିଜ୍ୟ ଏବଂ ବିଜ୍ଞାନରେ ମୋଟ ୧୭ହଜାର୧୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲା ବେଳେ ୧୬ ହଜାର ୭୭୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୧ ହଜାର ୬୯୮ ଜଣ ଛାତ୍ରୀଛାତ୍ର ଅର୍ଥାତ ୭୦.୨୬ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଚତୁର୍ଥ ସେମିଷ୍ଟାରରେ ମୋଟ ୧୩ହଜାର୮୨ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୨ହଜାର୮୧୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୦ ହଜାର ୫୮୭ଜଣ ଅର୍ଥାତ ୮୩.୩୦ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି । ତେବେ ଯେଉଁ ଛାତ୍ରଛାତ୍ରୀମାନେ ଦ୍ୱିତୀୟ ଏବଂ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଫର୍ମ ପୂରଣ ସତ୍ତ୍ୱେ ପରୀକ୍ଷା ଦେଇ ପାରିନାହାନ୍ତି ବା ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି ସେମାନେ ବ୍ୟାକ ପରୀକ୍ଷା ପାଇଁ ଫର୍ମ ପୂରଣ କରିବାକୁ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି।

# ଏଯାଏ ମିଳିନି ସବୁ ପାଠ୍ୟପୁସ୍ତକ

ତିହିଡ଼ି, ୧୯।୫(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ସ୍କୁଲର ୧ମରୁ ୮ମ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି। ତେବେ ୫ଟି ଶ୍ରେଣୀର ୬ଟି ବିଷୟରେ ଆଦୌ ପାଠ୍ୟପୁସ୍ତକ ଆସିପାରିନାହିଁ। ସେହିପରି ଉଜ୍ଜ୍ୱଳ-ଉତ୍ଥାନ ଯୋଜନାରେ ବହି ଯୋଗାଇ ଦିଆଯାଇଥିଲେ ମଧ ୧୫,୩୮୩ ଖଣ୍ଡ ଅଧିକ ପାଠ୍ୟପୁସ୍ତକର ଆବଶ୍ୟକତା ରହିଛି।

ଉକ୍ତ ବ୍ଲକରେ ଥିବା ମୋଟ୍ ୨୪୫ ସ୍କୁଲରେ ୨୪,୮୦୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ପିଲାଙ୍କ ପାଇଁ ୧ ଲକ୍ଷ ୩୫ ହଜାର ୧୩୫ ଖଣ୍ଡ ପାଠ୍ୟପୁସ୍ତକ ଆବଶ୍ୟକ ଥିବାବେଳେ ଯୋଗାଇ ଦିଆଯାଇଛି ମାତ୍ର ୧ ଲକ୍ଷ ୯ ହଜାର ୭୦୫ ଖଣ୍ଡ। ଆଉ ୨୬ ହଜାର ପୁସ୍ତକର ଆବଶ୍ୟକତା ରହିଛି। ୪ର୍ଥ ଶ୍ରେଣୀର ଇଂଲିଶ, ୫ମ ଶ୍ରେଣୀର ଗଣିତ, ୬ଷ୍ଠ ଶ୍ରେଣୀର ମାଇଁ ଇଂଲିଶ ବୁକ୍, ୭ମ ଶ୍ରେଣୀର ଭାଷା କଳିକା-୨ ଏବଂ ୮ମ ଶ୍ରେଣୀର ବିଜ୍ଞାନ ଓ ସଂସ୍କୃତ ବହି ମିଳିପାରିନାହିଁ। ସେହିପରି ୭ମ ଶ୍ରେଣୀ ପାଇଁ ଆବଶ୍ୟକତାର ଅଧା ଇଂଲିଶ ପୁସ୍ତକ ଆସିଥିବା ଜଣାଯାଇଛି। ଉଜ୍ଜ୍ୱଳ-ଉତ୍ଥାନ ଯୋଜନାରେ ୨୧ ହଜାର ପିଲାଙ୍କ ପାଇଁ ମୋଟ ୭୧,୮୯୬ ଖଣ୍ଡ ପୁସ୍ତକ ଆବଶ୍ୟକ ଥିବାବେଳେ ୬୩,୦୨୦ଟି ଯୋଗାଇ ଦିଆଯାଇଛି। ଶିକ୍ଷା ବିଭାଗକୁ ମିଳିଥିବା ଏହିସବୁ ପାଠ୍ୟପୁସ୍ତକ ସ୍କୁଲଗୁଡ଼ିକରେ ବଣ୍ଟନ ସରିଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଗ୍ରୀଷ୍ମଛୁଟି ଶେଷ ହେବା ପୂର୍ବରୁ ସମସ୍ତ ପୁସ୍ତକ ମିଳିଯିବ ବୋଲି ବ୍ଲକ ସହକାରୀ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ତ୍ରିପାଠୀ କହିଛନ୍ତି।

# ଯଶିପୁର ଚନ୍ଦନ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ଯଶିପୁର,୧୯।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଯଶିପୁରର ପ୍ରସିଦ୍ଧ ଚନ୍ଦନଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପରମ୍ପରା ଅନୁଯାୟୀ ଯଶିପୁର ରଘୁନାଥ ଜୀଉଙ୍କ ମଠ ଠାକୁରଙ୍କ ପ୍ରତିନିଧି ବେଣୁଗୋପାଳ ଅକ୍ଷୟ ତୃତୀୟାଠାରୁ ୭ ଦିନ ମଠ ପୋଖରୀରେ ଚାପ ଖେଳିବା ପରେ ବୁଦ୍ଧ ପୂର୍ଣ୍ଣିମା ଓ ପର ଦିନ ଭଣ୍ଡନ ନଦୀରେ ଚାପ ଖେଳିଥାନ୍ତି। ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ଠାକୁର ବେଣୁଗୋପାଳ, ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଓ ପାର୍ଶ୍ୱ ଦେବାଦେବୀ ସୁସଜ୍ଜିତ ବିମାନରେ ବିରାଜିତ ହୋଇ ନଗର ପରିକ୍ରମା କରି ନଦୀରେ ଦିନ ତମାମ ରହିବା ପରେ ଅପରାହ୍ନରେ ମଠ ମଣ୍ଡପକୁ ଫେରିଥିଲେ। ଠାକୁରଙ୍କ ଏହି ପରିକ୍ରମା ସମୟରେ ମୁଖ୍ୟ ଆକର୍ଷଣ ଥିଲା କାଠ, ବାଉଁଶ ଓ କପଡାରେ ନିର୍ମିତ ଷଣ୍ଢ ନୃତ୍ୟ। ଗଡତଳସାହି ଚନ୍ଦନମେଳା କମିଟି ଶାନ୍ତି ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସହଯୋଗ କରିଥିଲେ।


ଚନ୍ଦନଯାତ୍ରାରେ ଚାପ ଖେଳ ହେଉଛି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ବାଙ୍ଗିରିପୋଷି,୧୯।୫(ଡି.ଏନ.ଏ)

ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଧୋବଣିଶୋଳ, ଦଶିଶୋଳ, ଭୁଆଶୁଣି, ଗୋହିରାପାଳ, ଭୋଳାଗଡିଆ, ନିଶ୍ଚିନ୍ତା, ଜଳଡିହା ଅଞ୍ଚଳବାସୀ ଜୟନ୍ତୀ ଉତ୍ସବ ପାଳନ କରିଥିଲେ । ସାନ୍ତାଳ ସଂପ୍ରଦାୟର ସାରନା ଧର୍ମ ରୀତିନୀତି ଅନୁସାରେ ପୂଜା ଅନୁଷ୍ଠିତ ହୋଇଥିଲା । ପରେ ସାରନା ଧର୍ମର ମହାଗ୍ରନ୍ଥ ହିତାଲକୁ ସାମୁହିକ ଭାବରେ ଗାନ କରାଯାଇଥିଲା। ସେହିପରି ଶାଶଡାଘାଟ ନିକଟରେ ମାସା ଆର୍ମୀ କାର୍ଯ୍ୟକାରୀ ସଭାପତି ମହେଶ ମାର୍ଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ବହୁ ଛାତ୍ର ଗୋଷ୍ଠୀଙ୍କ ସମେତ ରାଜ୍ୟ ସଂପାଦକ ଆଇଁଠୁ ଟୁଡୁ ଏବଂ ଜିଲା ଉପସଭାପତି ଦୀନେଶ କୁମାର ମୁର୍ମୁ, ବ୍ଲକ ଉପସଭାପତି ହେମନ୍ତ ହେମ୍ବ୍ରମ, ବ୍ଲକ ସାଧାରଣ ସଂପାଦକ ଇଶ୍ୱର ସୋରେନ, ଲକ୍ଷ୍ମଣ ମୁର୍ମୁ, ଜାନୁ ସୋରେନ, ଚାମ୍ପାଇ ହାଁସଦାଃ, ରାଜେଶ ମାର୍ଣ୍ଡି, ବାଇଧର ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ ।


ଉତ୍ସବରେ ଉପସ୍ଥିତ ଯୁବକମାନେ।

■ ୨ ମାସରୁ ଊର୍ଦ୍ଧ୍ୱ ହେବ ସେବା ବନ୍ଦ

# ଭଙ୍ଗା ଘରେ ଚାଲିଛି ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ

- ଉପଭୋକ୍ତା ହୀନସ୍ତା
- ଅଫିସ କାର୍ଯ୍ୟ ବାଧାପ୍ରାପ୍ତ

ତେଲକୋଇ,୧୯।୫(ଡି.ଏନ.ଏ.)

ତେଲକୋଇ ବ୍ଲକ ମୁଖ୍ୟାଳୟ ଠାରେ ଥିବା ବିଏସଏନଏଲ ସେବା ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ହେଲାଣି ବନ୍ଦ ଅବସ୍ଥାରେ ରହିଛି। ଏଥିଯୋଗୁଁ ବିଭିନ୍ନ କାର୍ଯ୍ୟାଳୟରେ ଥିବା ବ୍ରଡବ୍ୟାଣ୍ଡ ସେବା ଅଚଳ ହେବା ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏପରିକି ତହସିଲ କାର୍ଯ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଜରୁରୀ କାଗଜ ପତ୍ର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ସ୍କୁଲ ଛାତ୍ରୀଛାତ୍ର ଅତ୍ୟାବଶକ ସାର୍ଟିଫିକେଟ ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକ କାର୍ଯ୍ୟାଳୟରେ ଏଥିପାଇଁ ଉନ୍ନୟନ କାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି ହୋଇଛି। ରେଞ୍ଜ ଅଫିସ ବ୍ୟାଙ୍କ ଓ ପୋଲିସଷ୍ଟେଶନର ଅବସ୍ଥା ମଧ ଏଥିରେ ପ୍ରଭାବିତ ହୋଇଛି। ବିଏସଏନଏଲ ସେବା ଦୀର୍ଘ ୨୦ବର୍ଷ ହେବ ତେଲକୋଇ ମୁଖ୍ୟାଳୟର ଏକ ଭଡା ଘରେ ଭଗ୍ନ ଅବସ୍ଥାରେ ଥିବା ବେଳେ ମୁଖ୍ୟ ଏସି ରୁମ ମଧ ଅଚଳ ଅବସ୍ଥା ଯୋଗୁଁ ଯୋଗୁଁ ଦୀର୍ଘ ଦିନ ହେବ ଏହି ସେବାରୁ ବଞ୍ଚିତ ହେବାକୁ ପଡୁଥିବା କୁହାଯାଉଛି। କେବଳ ଜଣେ କର୍ମଚାରୀ ରହୁଥିବା ବେଳେ ଏଥିପ୍ରତି ଜିଲା ବିଏସଏନଏଲ କର୍ତ୍ତୃପକ୍ଷ ଏଥିପତ୍ର ଦୃଷ୍ଟି ଦେଇନାହାନ୍ତି । ଏସମ୍ପର୍କରେ ବିଭାଗୀୟ ଏସଡିଓ ବି.ସାହୁଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟ ହେଉଥିବା ଯୋଗୁ ଘାଟି ଅଞ୍ଚଳରେ କେବୁଲ କଟିବା ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ନିଜସ୍ୱ ଗୃହନିର୍ମାଣ ଯୋଜନା ହେଲା ପରେ ଏହାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।




ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ।

## ସ୍ମାର୍ଟ ୱିଣ୍ଡୋ




ଘର ଭିତରକୁ ପବନ ଯାତାୟାତ ପାଇଁ ଘରେ ଝରକା ଲଗାଯାଇଥାଏ। ହେଲେ ଖରାଦିନେ ଉତପ୍ତ ବାୟୁ ଏହା ଭିତର ଦେଇ ଘରକୁ ଆସିଥାଏ। ନିକଟରେ ୟୁନିଭର୍ସିଟି ଅଫ ୱାଶିଂଟନର ବୈଜ୍ଞାନିକମାନେ ଏପରି ଏକ ଝରକା ପ୍ରସ୍ତୁତ କରିଛନ୍ତି ଯାହାକୁ ଆପଣ ଖରାଦିନେ ଖୋଲା ରଖିପାରିବେ। କେବଳ ସେତିକି ନୁହେଁ, ସାଧାରଣ ଝରକା ଦେଇ ଗରମ ପବନ ଆସୁଥିବା ହେଲେ ଏହି ଝରକା ତାହାକୁ ପ୍ରତିହତ କରିବାର କ୍ଷମତା ରଖିଛି। ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ଏହି ସ୍ମାର୍ଟ ୱିଣ୍ଡୋ ଦେଇ ଆଲୋକ ଘର ଭିତରକୁ ଆସିପାରିବ। ହେଲେ ସୂର୍ଯ୍ୟଙ୍କର ତତଲା ପବନ ପ୍ରବେଶ କରିପାରିବ ନାହିଁ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହାକୁ ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରିବାକୁ ଉଦ୍ୟମ କରଯାଉଛି ବୋଲି ସେଥିରେ ଉଲ୍ଲେଖ ରହିଛି।

## ରିଲାକ୍ସ ଥେରାପି



ସୁସ୍ଥ ତଥା ନୀରୋଗ ଜୀବନ ଯାପନ ପଛରେ ବ୍ୟାୟାମର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ଜଣେ ନିଜ ଦୈନନ୍ଦିତ ଜୀବନ ତାଲିକାରେ ଏହାକୁ ସାମିଲ କରେ ତେବେ ତା'ଦ୍ୱାରା କେତେ ଉପକାର ମିଳେ ତାହା ଅନୁଭବୀ ହିଁ ଜାଣେ। କେତେକ ବ୍ୟାୟାମ କରିବା ସମୟରେ ଗୀତ ଶୁଣିବାକୁ ଭଲ ପାଆନ୍ତି। କାନରେ ଇୟର ଫୋନ୍ ଦେଇ ୱାକିଂ, ଜଗିଂ କରୁଥିବାର ଅନେକଙ୍କୁ ଦେଖିବାକୁ ମିଳୁଛି। ହେଲେ ବ୍ୟାୟାମ ସମୟରେ ଗୀତ ଶୁଣିବା ଏକ ଭଲ ଅଭ୍ୟାସ ଏବଂ ତାହାର ସୁପ୍ରଭାବ ଶରୀର ଉପରେ ପଡିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି। ବ୍ୟାୟାମ ସମୟରେ ଗୀତ ଶୁଣିବାକୁ ସେମାନେ 'ରିଲାକ୍ସ ଥେରାପି' ନାମରେ ନାମିତ କରିଛନ୍ତି। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିବା ସହ ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ରହିଥାଏ। ଯଦି ଅଧିକ ସମୟ ବ୍ୟାୟାମ କରୁଛନ୍ତି ତେବେ ଥକା ଲାଗିବା ସ୍ୱାଭାବିକ। ଏହି ସମୟରେ ମନରେ ପ୍ରଫୁଲ୍ଲତା ଭରିଦିଏ ଗୀତ ଶୁଣିବା। ବ୍ୟାୟାମ ସମୟରେ ଗୀତ ଶୁଣୁଥିବା କେତେକ ବ୍ୟକ୍ତିଙ୍କ ଉପରେ ଗବେଷଣା କରି ସେମାନେ ଏପରି ମତବ୍ୟକ୍ତ କରିଛନ୍ତି।

# କାଚ ଓ ବାତ୍ୟା ପରବର୍ତ୍ତୀ ବିଭୀଷିକା

"ଭଂଗା କାଚକୁ ସଂଗ୍ରହ କରିବା, ସଫା କରିବା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ନେଇ କେଉଁଠାରେ ପକାଇବା କାଠିକର ପାଠ। ଏହି ଆବର୍ଜନାଟି ସହଜରେ ବର୍ଷ ବର୍ଷ ଧରି ମାଟିରେ ମିଶେନାହିଁ କିମ୍ବା ବିଘଟିତ ହୁଏନାହିଁ। ଫଳରେ ପରେ ଗୁରୁତର ପରିବେଶଜନିତ ପ୍ରଦୂଷଣର ମୁଖ୍ୟାଂଶ ହୋଇଥାଏ। ଗାଡ଼ିଟିଏ ରାସ୍ତାରେ ଧକ୍କା ହେବା ଦ୍ୱାରା ଗାଡ଼ିର କାଚ ଗୁଣ୍ଡ ହୋଇ ରାସ୍ତାସାରା ମୋତି ଗୁଣ୍ଡ ପରି ଚିକ୍ ଚିକ୍ ଦେଖାଯାଏ। ଅନ୍ୟ ଛୋଟମୋଟ ଗାଡ଼ି ଚକରେ ପଶି କଣା କରାଏ। ସାଇକେଲ ଲିକ୍ ହୁଏ, ପାଦରେ ପଶିଥାଏ। ଏପରି କି ଚପଲ ଓ ଜୋତା ଫୁଟାଇବା ଫଳରେ ଅନ୍ୟ ଆଘାତ ଅପେକ୍ଷା କାଚଜନିତ କ୍ଷତ ଅଧିକ ସଂକ୍ରମଣ ଘଟାଇଥାଏ।"



ଡ. ରାମଚନ୍ଦ୍ର ରାଉତ


କାଚର ଆବିଷ୍କାର ଚାଇନା ଦେଶରେ ହୋଇଥିଲା। କାଚର ଗୋଟିଏପଟେ ପ୍ରଲେପ ଲଗାଇ ମଣିଷ ନିଜର ପ୍ରତିଛବି ଏଥିରେ ଦେଖିପାରିଲା 'କାଚ' ଆଲୋକ ପାଇଁ ପ୍ରତିବନ୍ଧକ ନ ଥିବାରୁ ଏହା ମଧ୍ୟଦେଇ ଆଲୋକ ଯାଇପାରେ। କାଚକୁ ବିଭିନ୍ନ ପ୍ରକାରର ରାସାୟନିକ ଓ ପ୍ରଲେପ ମାଧ୍ୟମରେ ଗୋଟିଏପଟେ ଆଲୋକ ପ୍ରତିରୋଧ ଓ ଅନ୍ୟ ଗୋଟିଏ ପଟେ ଆଲୋକାଭିମୁଖୀ କରାଯାଇପାରୁଛି ଓ ବିଭିନ୍ନ ରଙ୍ଗର ସୁଦୃଶ୍ୟ କାଚମାନ ଗଢ଼ା ଯାଇପାରୁଛି।

ଏବେ ଘର ତିଆରି ଓ ପରବର୍ତ୍ତୀ ଘରମୁଦା ପାଇଁ କାଚ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ଘରକୁ ସୁଦୃଶ୍ୟମାନ କରିବା ସହିତ ଆଲୋକ ସଞ୍ଚାଳନ ପାଇଁ ବ୍ୟବହାର କରାଯାଇଥାଏ। ଅନେକ ଥାକ, ଆଲମାରୀ ଓ ର୍ୟାକ୍‌ମାନଙ୍କରେ ବିଭିନ୍ନ କାଚ ଲଗାଯାଇଥାଏ।

ମାତ୍ର ଏବେ ଘଟିଯାଇଥିବା "ଅତ୍ୟନ୍ତ ମହାବାତ୍ୟା ଫନୀ"ର ତାଣ୍ଡବଲୀଳା ଓ ପ୍ରଳୟ ପରେ ଜଣାପଡ଼ିଛି ଯେ 'କାଚ' କେତେ କ୍ଷତିକାରକ ଓ ଅସ୍ୱାସ୍ଥ୍ୟକର। ପ୍ରଚଣ୍ଡ ପବନ ମାଡ଼ରେ ତାହାସବୁ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇଛି। ଘର ଦ୍ୱାର, ବାହାର, ଗାଡ଼ି, ଝରକା, କବାଟ, ପାର୍ଟିସନ୍ ଓ ପ୍ରବେଶକକ୍ଷ ସବୁ କାଚ ଭାଙ୍ଗି ଗୁଣ୍ଡହୋଇ ପାହାଡ଼ ପରି ଜମା ହୋଇଛି। ଏହା ବହୁତଳ ପ୍ରାସାଦ ପାଇଁ ଅନେକ କ୍ଷତିସାଧନ କରିଛି। ଯଦିଓ କାଚ ପାଇଁ କୌଣସି ବ୍ୟକ୍ତି ମରିନାହାନ୍ତି ତଥାପି ମରିଯିବା ମଧ୍ୟ ଅସମ୍ଭବ ନୁହେଁ। ତା'ର ତୀକ୍ଷ୍ଣ ଧାର ଅତି ସହଜରେ ଖଣ୍ଡା ଓ ଛୁରି ପରି କ୍ଷତ କରିପାରେ, ଫୁଟାଇ ଦେଇପାରେ।ସେହିସବୁ ଭଂଗା କାଚକୁ ସଂଗ୍ରହ କରିବା, ସଫା କରିବା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ନେଇ କେଉଁଠାରେ ପକାଇବା କାଠିକର ପାଠ। ଏହି ଆବର୍ଜନାଟି ସହଜରେ ବର୍ଷ ବର୍ଷ ଧରି ମାଟିରେ ମିଶେନାହିଁ କିମ୍ବା ବିଘଟିତ ହୁଏନାହିଁ। ଫଳରେ ପରେ ଗୁରୁତର ପରିବେଶଜନିତ ପ୍ରଦୂଷଣର ମୁଖ୍ୟାଂଶ ହୋଇଥାଏ। ଗାଡ଼ିଟିଏ ରାସ୍ତାରେ ଧକ୍କା ହେବା ଦ୍ୱାରା ଗାଡ଼ିର କାଚ ଗୁଣ୍ଡ ହୋଇ ରାସ୍ତାସାରା ମୋତି ଗୁଣ୍ଡ ପରି ଚିକ୍ ଚିକ୍ ଦେଖାଯାଏ। ଅନ୍ୟ ଛୋଟମୋଟ ଗାଡ଼ି ଚକରେ ପଶି କଣା କରାଏ। ସାଇକେଲ ଲିକ୍ ହୁଏ, ପାଦରେ ପଶିଥାଏ। ଏପରି କି ଚପଲ ଓ ଜୋତା ଫୁଟାଇବା ଫଳରେ ଅନ୍ୟ ଆଘାତ ଅପେକ୍ଷା କାଚଜନିତ କ୍ଷତ ଅଧିକ ସଂକ୍ରମଣ ଘଟାଇଥାଏ। ଏଥିଲାଗି ଆମକୁ ଅଧିକ ସତର୍କତା ଗ୍ରହଣ କରିବାକୁ ପଡ଼ିବ। ଘରେ, କବାଟରେ, ଝରକାରେ, ର୍ୟାକ୍, ଶୋ'କେସ୍‌ରେ ଯଥାସମ୍ଭବ କମ୍ କାଚ ଲଗାଇବା। ନଚେତ ଫାଇବର ଲଗାଇବା। ପ୍ରବେଶ ପଥରେ ମଧ୍ୟ ସେହିପରି କାଚ ଲଗାଇବା ଉଚିତ। ବହୁତଳ ପ୍ରାସାଦର ଝରକାକୁ ଷ୍ଟିଲ୍ ଜାଲି ଲଗାଇଯାଇପାରେ, ଫାଇବର ଉଡ ମଧ୍ୟ ଲଗାଯାଇପାରେ।

ପବନର ସାଧାରଣ ଗତିପଥ ଓ ବାତ୍ୟାର ଗତିପଥ ଜାଣିପାରିଲେ ସେଥିପାଇଁ କାଚ ଘର ଓ କବାଟର ଠିକ୍ ନିର୍ଦ୍ଧାରଣ କରିବା ଯଥାର୍ଥ ଅଟେ। କାଚର ପୃଷ୍ଠକୁ ସଫା କରିବାବେଳେ ସତର୍କତା ଅବଲମ୍ବନ କରିବା ମଧ୍ୟ ଦରକାର। ଅଧା ଭଙ୍ଗା କାଚର ଚିଜ ଘରେ ନ ରଖି ପକେଇଦେବା ଉଚିତ ଓ ଟେବୁଲର ଧାର ନ ରଖି ୱାଲ୍ କଡକୁ ରଖାଯିବା ଠିକ୍। ତୈଳାକ୍ତ ହାତରେ, ଲାଜୁଆପଦାର୍ଥ ଲାଗିଥିଲେ ଓ ସର୍ଫ କିମ୍ବା ଡିଟରଜେଣ୍ଟ ବା ଡିସ୍‌ଇନ୍‌ଫେକ୍ଟାଣ୍ଟରେ ଧୋଇବାବେଳେ ମଧ୍ୟ ଏହାସବୁ ଖସୁଡ଼ିଯାଇ ଭାଙ୍ଗିଯାଇଥାଏ। ସେଥିଲାଗି ସତର୍କତା ଜରୁରୀ।

କ୍ଷତ ହେଲେ ପ୍ରଥମେ ପରିଷ୍କାର କରି ରକ୍ତକ୍ଷରଣ ବନ୍ଦ କରିବା ଦରକାର। କ୍ଷତ ଅଳ୍ପ ହୋଇଥିଲେ ପ୍ରେସର ବ୍ୟାଣ୍ଡେଜ୍‌ରେ ବନ୍ଦ ହୁଏ। ବଡ଼ ଓ ଦୀର୍ଘ ହୋଇଥିଲେ ଷ୍ଟିଚ୍ ପଡ଼େ, ଟି.ଟି. ଦିଆଯାଏ, କ୍ଷତମଲମ ଓ ଆଣ୍ଟିବାୟୋଟିକ୍ ମଧ୍ୟ ସାତଦିନ ଯାଏ ନେବାକୁ ପଡ଼େ। ଏହାସହିତ ସର୍ତକତାର ସହିତ ମଧ୍ୟ ଚଳିବାକୁ ପଡ଼େ।





ପ୍ରବାଦ ଅଛି "କାଚଘରେ ରହୁଥିବା ଲୋକେ ପର ଘରକୁ ଟେକା ପକେଇବା ଅନୁଚିତ"। ମାତ୍ର କାଚ ଘର ଯେ ବାତ୍ୟା ସମୟରେ ଏକ ପ୍ରାଣଘାତକ ବିପଦ ତାକୁ ସମସ୍ତଙ୍କୁ ମନେରଖି କାର୍ଯ୍ୟ କରିବାକୁ ପଡ଼ିବ।

*-ଗୋପାଳପୁର, ହରିହର ଭେଟ, ବାଙ୍କୀ, କଟକ*



ଡା. ନିତ୍ୟାନନ୍ଦ ସ୍ୱାଇଁ

ଚଳିତ ମାସ ୨୨ ତାରିଖ ହେଉଛି 'ଆନ୍ତର୍ଜାତିକ ଜୈବ ବିବିଧତା ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..







# ଜୀବନ ଜୀବିକା ଓ ଜୈବ ବିବିଧତା

"ମଣିଷ ଏବେ ଉଭା ହୋଇପଡ଼ିଛି ପ୍ରକୃତିର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ରୂପେ। ସଂପ୍ରତି ମଣିଷ ସଂଘର୍ଷରତ ଉଦ୍ଭିଦଜଗତ ସହ, ସଂଘର୍ଷରତ ପ୍ରାଣିଜଗତ ସହ ଏବଂ ଏପରି କି ସଂଘର୍ଷରତ ଜଳ, ବାୟୁ, ମୃତ୍ତିକା, ପ୍ରସ୍ତର ଆଦି ନିର୍ଜୀବ ଜଗତ ସହ ମଧ୍ୟ। ଏହାର ଫଳସ୍ୱରୂପ ଏବେ ଲୋପ ପାଇଚାଲିଛି ଜଙ୍ଗଲ। ଶୁଖିଗଲାଣି ସୁନାବ୍ୟା ନଦୀ। ବିଲୁପ୍ତ ହୋଇ ଚାଲିଛନ୍ତି ଜୀବଜନ୍ତୁ, ମୃତ୍ତିକା ହରେଇ ବସିଛି ତା'ର ଉତ୍ପାଦିକା ଶକ୍ତି ଏବଂ ଜଳବାୟୁ ହୋଇପଡ଼ିଲାଣି ବାଉଳା। ତେଣୁ ପୃଥିବୀର ଜୈବବୈଚିତ୍ର୍ୟ ଏବେ ଶୋଚନୀୟ ଭାବରେ ବିପନ୍ନ।"

ଜୈବ ବିବିଧତା ବୋଇଲେ କ'ଣ? ପରିବେଶର ସନ୍ତୁଳନକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଜାତିର ପ୍ରାଣୀ ଉଦ୍ଭିଦର ସହାବସ୍ଥାନକୁ ଜୈବ ବିବିଧତା ବୋଲି କୁହାଯାଏ। ଆମେ ଜାଣୁ ଯେ ସବୁ ପ୍ରକାରର ଉଦ୍ଭିଦ ସମାନ ନୁହନ୍ତି କି ସବୁ ପ୍ରକାରର ପ୍ରାଣୀ ମଧ୍ୟ ସମାନ ନୁହନ୍ତି। ସମାନ ବି ନୁହନ୍ତି ସବୁ ପ୍ରକାରର ଅଣୁଜୀବ। ଏପରି କି ଏକା ମା' ପେଟରୁ ଜନ୍ମ ନେଇଥିବା ସବୁ ଭାଇ ଭଉଣୀଙ୍କ ମଧ୍ୟରେ ସମାନତା ପରିଲକ୍ଷିତ ହୋଇ ନ ଥାଏ।

ପ୍ରାଣୀ ଓ ଉଦ୍ଭିଦଗୁଡିକ ଦେଖିବାକୁ ମିଳେ ମେରୁଭୂମିରେ ହ୍ରଦ ଓ ଝରଣା ଇତ୍ୟାଦିରେ ଆବାସ ସ୍ଥଳୀ ଭେଦରେ ସେମାନଙ୍କଠାରେ ପରିଦୃଷ୍ଟି ହୁଏ ଭିନ୍ନତା।

ହେଲେ ନିଜକୁ ପଚାରନ୍ତୁ ତ ପୃଥିବୀର ଏତେ ପ୍ରକାରର ଜୈବ ବୈଚିତ୍ର୍ୟ ବା ବିବିଧତା ସୃଷ୍ଟି କରିଛି କିଏ? ବିବିଧତାର ଜନନୀ ହେଉଛି ମୁଖ୍ୟତଃ ପ୍ରକୃତି। କିନ୍ତୁ ସେହି ନାନା ଜାତିର ଉଦ୍ଭିଦ ଓ ପ୍ରାଣୀକୁ ପ୍ରକୃତି କାହିଁକି ସୃଷ୍ଟି କରିଛି? ବରଗଛ ଭଳି ଆମ୍ବ ଗଛ ଓ ନଡିଆ ଗଛ ଭଳି ଗୋରୁ ମେଣ୍ଢା, ଛେଳି, ବାଘ, ଭାଲୁ ସିଂହ ହାତୀ ଭଳି ସୃଷ୍ଟି କରିଛି। କାହିଁକି? କଙ୍ଗାରୁକୁ ବାହିକ ଜନ୍ମ ଦେଇଛି ଅଷ୍ଟ୍ରେଲିଆରେ ଏବଂ ତିମିକୁ ସମୁଦ୍ରରେ। ସବୁଜାତିର ଉଦ୍ଭିଦ ଓ ସବୁ ଜାତିର ପ୍ରାଣୀଙ୍କୁ ସୃଷ୍ଟି କରିସାରି କାହିଁକି ସବା ଶେଷରେ ସୃଷ୍ଟି କରିଛି ମଣିଷକୁ?

ପୁଣି କେତେ ଜାତିର ଉଦ୍ଭିଦ ଓ ପ୍ରାଣୀକୁ ଜନ୍ମ ଦେଇଛି ସେ? ବାସ୍ତବରେ ଦେଖିବାକୁ ଗଲେ, ବିଜ୍ଞାନକୁ ନେଇ ବେଶ୍ ବଡେଇ କରୁଥିବା ବିଜ୍ଞ ମଣିଷ ପାଖରେ ଏସବୁ ପ୍ରଶ୍ନର ଠିକ୍ ଉତ୍ତର ନାହିଁ। ଏହାର ଉତ୍ତର କେବଳ ପ୍ରକୃତି ହିଁ ଦେଇ ପାରିବ। ତେବେ ପୃଥିବୀର ସମସ୍ତ ପ୍ରାଣୀ ଓ ସମସ୍ତ ଉଦ୍ଭିଦର ମଙ୍ଗଳ ସାଧନ କରିବା ହିଁ ପ୍ରକୃତ ସୃଷ୍ଟି ଜୈବ ବିବିଧତାର ଏକମାତ୍ର ଉଦ୍ଦେଶ୍ୟ। ସୁତରାଂ ଜୈବ ବିବିଧତାକୁ ନିଖୁଣ ନ ରଖିପାରିଲେ ଜୀବଜଗତର ସ୍ଥିତି ଯେ ଶୋଚନୀୟ ଭାବରେ ବିପନ୍ନ ହୋଇପଡିବ ଏଥିରେ କୌଣସି ସନ୍ଦେହ ନାହିଁ।

କିନ୍ତୁ ଜୈବ ବିବିଧତାର ସ୍ଥିତି ସିନା ପ୍ରକୃତି, ହେଲେ ବଡ ପରିତାପର ବିଷୟ ଯେ ଜୈବ ବିବିଧତାକୁ ହ୍ରଦ ହାରରେ ହ୍ରାସ କରି ଚାଲିଛି ମଣିଷ। କେବଳ ମାଂସ ଲୋଭରେ ପୃଥିବୀରୁ ସବୁ ଦିନ ପାଇଁ ନିଶ୍ଚିହ୍ନ ହୋଇଗଲା ଡୋଡୋ।

ବିଲୁପ୍ତ ହୋଇଥିବା ପାସେଞ୍ଜର ପାରା; କେବଳ ଚମଡ଼ା ଲୋଭରେ ମଣିଷ ବଂଶ ବୁଡେଇ ଦେଲା ମାମଥ୍, କ୍ୱାଗା ଓ ସମୁଦ୍ର ଗାଈର; ରଙ୍ଗବେରଙ୍ଗ ପରରେ ମୋହିଯାଇ ନାଶ କରିଦେଲା ଦୁଇଆ ପକ୍ଷୀର କୁଳ ଏବଂ ଶିକାର ସଉକ ଚରିତାର୍ଥ କରିବା ପାଇଁ ଲୋପ କରିଦେଲା ଭାରତୀୟ ଚିତାର ବଂଶ। ଏମାନେ ପ୍ରକୃତିକୁ ଆଉ ଫେରି ପାରିବେନି।

ମାତ୍ର ମଣିଷ ତ ଧରିତ୍ରୀ ମାତାର ଏକମାତ୍ର ସନ୍ତାନ ନୁହେଁ। ପୃଥିବୀରେ ବସବାସ କରୁଛନ୍ତି ସମ୍ଭବତଃ ଅଶୀଲକ୍ଷ ଜାତିର ପ୍ରାଣୀ ଏବଂ ଉଦ୍ଭିଦ। ଏମାନଙ୍କ ମଧ୍ୟରେ କେବଳ କୀଟପତଙ୍ଗ ହେଉଛନ୍ତି ୫୫ ଲକ୍ଷ ଜାତିର। ଧରିତ୍ରୀର ଏହି ସମସ୍ତ ସନ୍ତାନମାନଙ୍କ ମଧ୍ୟେ ମଣିଷ ହେଉଛି ଅନ୍ୟତମ ମିତ୍ର।

ହେଲେ ମଣିଷ ଏବେ ଉଭା ହୋଇପଡ଼ିଛି ପ୍ରକୃତିର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ରୂପେ। ସଂପ୍ରତି ମଣିଷ ସଂଘର୍ଷରତ ଉଦ୍ଭିଦ ଜଗତ ସହ, ସଂଘର୍ଷରତ ପ୍ରାଣିଜଗତ ସହ ଏବଂ ଏପରିକି ସଂଘର୍ଷରତ ଜଳ, ବାୟୁ, ମୃତ୍ତିକା, ପ୍ରସ୍ତର ଆଦି ନିର୍ଜୀବ ଜଗତ ସହ ମଧ୍ୟ। ଏହାର ଫଳ ସ୍ୱରୂପ ଏବେ ଲୋପ ପାଇଚାଲିଛି ଜଙ୍ଗଲ। ଶୁଖିଗଲାଣି ସୁନାବ୍ୟା ନଦୀ। ବିଲୁପ୍ତ ହୋଇ ଚାଲିଛନ୍ତି ଜୀବଜନ୍ତୁ, ମୃତ୍ତିକା ହରେଇ ବସିଛି ତା'ର ଉତ୍ପାଦିକା ଶକ୍ତି ଏବଂ ଜଳବାୟୁ ହୋଇପଡ଼ିଲାଣି ବାଉଳା। ତେଣୁ ପୃଥିବୀର ଜୈବବୈଚିତ୍ର୍ୟ ଏବେ ଶୋଚନୀୟ ଭାବରେ ବିପନ୍ନ। କିନ୍ତୁ ପ୍ରଶ୍ନ ଉଠେ, ପ୍ରତି ବର୍ଷ ପୃଥିବୀ ପୃଷ୍ଠରୁ ଅନ୍ତତଃ ଏକ ହଜାର ସଂଖ୍ୟକ ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଯାଉଥିବାର ପ୍ରଧାନ କାରଣମାନ କ'ଣ? ଅଟକଳ କରି କୁହାଯାଉଛି ଯେ ଆଗାମୀ ଅଳ୍ପ କେତୋଟି ଦଶକ ଭିତରେ ପାଖାପାଖି ୧୦ ଲକ୍ଷ ଜାତିର ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଯିବେ।

କଳକାରଖାନା ପ୍ରତିଷ୍ଠା, ସହର ଓ ଜନବସତି ସ୍ଥାପନ ଓ କୃଷିକ୍ଷେତ୍ର ପ୍ରସ୍ତୁତି ଫଳରେ ଉଦ୍ଭିଦ ଓ ପ୍ରାଣିଗୋଷ୍ଠୀଙ୍କ ପାଇଁ ପର୍ଯ୍ୟାପ୍ତ ବାସୋପଯୋଗୀ ସ୍ଥାନ ମିଳୁନାହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ଯୋଗୁ ବୃଦ୍ଧି ପାଇ ଚାଲିଛି ପରିବେଶ ପ୍ରଦୂଷଣ। ଅବିଚାରିତ ଭାବରେ ଜୀବଜନ୍ତୁ ଶିକାର କରିବା ଓ ଗଛ କାଟିବା ଯୋଗୁ ସୁଗମ ହୋଇଯାଉଛି ସେମାନଙ୍କ ବିଲୁପ୍ତ ପ୍ରକ୍ରିୟା। ବିଦେଶୀ ବୃକ୍ଷଲତା ଓ ବିଦେଶୀ ଜୀବଜାତିର ଅନୁପ୍ରବେଶ ଫଳରେ ସ୍ଥାନୀୟ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ଉପରେ ପଡୁଛି ପ୍ରତିକଳ ପ୍ରଭାବ। ସବୁଜ କୋଠରି ଗ୍ୟାସର ନିର୍ଗମନ ବୃଦ୍ଧି ପାଇ ବଢ଼ିବଢ଼ି ଚାଲିଛି ଜାଗତିକ ଉଷ୍ମତା। ଏ ସବୁର ପରିଣାମ ପ୍ରାଣୀ ଓ ଉଦ୍ଭିଦ ଜଗତର ସ୍ଥିତି ପାଇଁ ଆଦୌ ଶୁଭଙ୍କର ହୋଇପାରୁନାହିଁ।

ଏହା ସ୍ୱୀକାର୍ଯ୍ୟ ଯେ ଖାଦ୍ୟ ଓ ବାସସ୍ଥାନ ପାଇଁ ସମଗ୍ର ଜୀବଜଗତ ପ୍ରାକୃତିକ ସମ୍ପଦ ଉପରେ ନିର୍ଭରଶୀଳ। ଆମେ ମଣିଷମାନେ ମଧ୍ୟ ପ୍ରକୃତିରୁ ସଂଗ୍ରହ କରିଥାଉ ଆମର ଖାଦ୍ୟ, ଗୃହପାଳିତ ପଶୁଖାଦ୍ୟ, ବସ୍ତ୍ର, ଗୃହୋପକରଣ, ଇନ୍ଧନ ଓ ଔଷଧ ଇତ୍ୟାଦି। ବିଶେଷକରି କୃଷିଜୀବୀ, ମତ୍ସ୍ୟଜୀବୀ, ପଶୁପାଳକ ଏବଂ ଶିକାର ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଭରସା କରୁଥିବା ବନବାସୀ ସଂପ୍ରଦାୟଙ୍କ ଜୀବନ ଧାରଣ ମୁଖ୍ୟତଃ ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରିଥାଏ।

ସୁତରାଂ ଜୈବବିବିଧତାକୁ ଅକ୍ଷତ ରଖିବା ପାଇଁ ବାସସ୍ଥଳୀ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ଚୋରା ଶିକାରୀ ଓ କାଠ ଚୋରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବିଦେଶୀ ଉଦ୍ଭିଦ ଓ ଜୀବଜନ୍ତୁ ଆମଦାନୀରେ ଅଙ୍କୁଶ ଓ ବାୟୁମଣ୍ଡଳରେ ତାପମାତ୍ରା ହ୍ରାସ ଭଳି ଗଠନମୂଳକ ପଦକ୍ଷେପମାନ ଗ୍ରହଣ କରିବା ସର୍ବୋଦୌ ଆବଶ୍ୟକ।

ଅବଶ୍ୟ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ଜୈବ ମଣ୍ଡଳ, ସଂରକ୍ଷଣ, ବ୍ୟାଘ୍ର, ହସ୍ତୀ, ଗଣ୍ଡା, କୁମ୍ଭୀର, ଶାଗୁଣା ଓ ଡଲଫିନ୍ ଆଦିର ସୁରକ୍ଷା ପାଇଁ ସରକାରୀ ସ୍ତରରେ ପ୍ରକଳ୍ପମାନ କାର୍ଯ୍ୟକାରୀ ହେଉଛି। ଜୈବ ବିବିଧତାର ସଂରକ୍ଷଣରେ ଏଭଳି ପଦକ୍ଷେପମାନ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଯାହା ହେଉ, ଜାହାଜରୁ କୌଣସି ଗୋଟିଏ ପେଚ ଗଳିପଡ଼ିଲେ ଜାହାଜଟି ତତ୍‌କ୍ଷଣାତ ବୁଡି ଯାଏନି। କିନ୍ତୁ ଗୋଟିକ ପରେ ଗୋଟିଏ କରି ପେଚମାନ ଗଳିପଡ଼ିଲେ ଜାହାଜଟି ଜଳ ସମାଧି ନେବାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପଡେ। ସେହିପରି ପୃଥିବୀ ରୂପକ ପୋତଟିକୁ ପ୍ରାଣୀ ଓ ଉଦ୍ଭିଦ କୁଳ ହିଁ ଅନୁକୂଳ ଅବସ୍ଥାରେ ରଖିଛନ୍ତି। ମାତ୍ର ପ୍ରତିବର୍ଷ ଲୋପ ପାଇ ଚାଲିଛନ୍ତି ହଜାରେ ସରିଙ୍କ ଜୀବଜନ୍ତୁ ଓ ଉଦ୍ଭିଦ। ଯଦି ଏହି ପ୍ରକ୍ରିୟା ଅବ୍ୟାହତି ରହେ ତେବେ ଦିନେ ନା ଦିନେ ଆମ ପ୍ରିୟ ପୃଥିବୀର ମୃତ୍ୟୁ ଅବଶ୍ୟମ୍ଭାବୀ। ଏବଂ ପୃଥିବୀର ପରଲୋକ ହେବା ପୂର୍ବରୁ ଶ୍ମଶାନବାସୀ ହୋଇସାରିଥିବା ଅପରିଣାମଦର୍ଶୀ ଆମେ ମଣିଷମାନେ।

ସେଥିପାଇଁ ବେଦର ଶାନ୍ତି ସୂକ୍ତରେ ଆକାଶ ଅନ୍ତରୀକ୍ଷ, ପୃଥିବୀ, ଜଳ, ବୃକ୍ଷଲତା, ଔଷଧୀୟ ଗୁଳ୍ମ ଇତ୍ୟାଦିରେ ଶାନ୍ତି ଅକ୍ଷତ ରଖିବା ନିମନ୍ତେ ଯେଉଁ ଆହ୍ୱାନ ଦିଆଯାଇଛି, ତାହା ଆଧୁନିକ ମଣିଷର ଗଭୀର ପ୍ରଣିଧାନଯୋଗ୍ୟ।

ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିବା ଆଲବର୍ଟ ସ୍ୱେଇଜରଙ୍କ ଭାଷାରେ, ବିଶ୍ୱର ସମସ୍ତ ଜୀବଙ୍କ ପାଇଁ ଅନୁକମ୍ପାଶୀଳ ହେବା ହିଁ ମାନବଜାତିର ଯଥାର୍ଥ ମାନବିକତା।

ମଣିଷଠାରେ ମାନବିକତା ଅକ୍ଷୁଣ୍ଣ ରହିଲେ ହିଁ ଜୈବ ବିବିଧତା ଯେ ଅକ୍ଷତ ତଥା ଅପରିବର୍ତ୍ତନୀୟ ରହିପାରିବ, ଏହା ନିଃସନ୍ଦେହ।

ଜୈବ ବିବିଧତାକୁ ଅକ୍ଷତ ରଖିବାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଓ ଜୈବ ବିବିଧତାର ସଂରକ୍ଷଣ ପାଇଁ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଲକ୍ଷ୍ୟ ନେଇ ହିଁ ପ୍ରତିବର୍ଷ ମେ ୨୨ ତାରିଖରେ ପାଳିତ ହୋଇଆସୁଛି ଆନ୍ତର୍ଜାତିକ ଜୈବ ବିବିଧତା ଦିବସ।

ଜାଣି ରଖିବା ଉଚିତ ଯେ, ଜନସାଧାରଣଙ୍କ ଜୀବନ ଓ ଜୀବିକାର ନିରାପତ୍ତା ପାଇଁ ଜୈବ ବିବିଧତା ହିଁ ହେଉଛି ମେରୁଦଣ୍ଡ ସଦୃଶ।

*-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ୍ ନଂ-୧୧୩୧, ଅଭିନବ, ବିଡାନାସୀ, କଟକ-୧୪*

## ସ୍ୱାସ୍ଥ୍ୟ ସୂଚନା



- କଫଜନିତ ସମସ୍ୟା ନେଇ ଚିନ୍ତିତ କି? ଯଦି ହଁ, ତେବେ ଏହାର କେତେକ ଘରୋଇ ଉପଚାର ରହିଛି। ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ ଏହି ସମସ୍ୟ ଦୂର ହୋଇଥାଏ। ଅନ୍ୟପକ୍ଷରେ ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାହାକୁ ଉଷୁମ କରି ପିଇପାରନ୍ତି।
- ଯଦି ଆପଣଙ୍କ ବୟସ ୪୦ ଟପିଲାଣି ତେବେ ଖାଦ୍ୟପେୟ ପ୍ରତି ଯତ୍ନବାନ ହୁଅନ୍ତୁ। ବୟସ ବଢ଼ିବା ସହ ଶରୀରରେ କ୍ୟାଲସିୟମର ଅଭାବ ପରିଲକ୍ଷିତ ହୋଇଥାଏ। ଫଳରେ ଅସ୍ଥି ଏବଂ ଦାନ୍ତଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ବୟସାଧିକ ସମୟରେ କ୍ୟାଲସିୟମଯୁକ୍ତ ଖାଦ୍ୟ ପ୍ରତି ଗୁରୁତ୍ୱ ଦିଅନ୍ତୁ।
- ଯଦି କୌଣସି ହେଭି ବ୍ୟାୟାମ କରିବାକୁ ଚାହୁଁଛନ୍ତି ତେବେ ତା' ପୂର୍ବରୁ ଅଭିଜ୍ଞ ବ୍ୟାୟାମ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ।
- ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ।
- ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ମନକୁ ସତେଜ ରଖିଥାଏ।
- ନିଜକୁ ଟେନସନଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

## ସାଇନସ ସମସ୍ୟାର ଘରୋଇ ଉପଚାର

ସାଇନସ୍ ଏକ ଶ୍ୱାସଜନିତ ସମସ୍ୟା। ସାଧାରଣତଃ ବ୍ୟାକ୍ଟେରିଆ, ଫଙ୍ଗଲ ଇନଫେକଶନ, ନାକରେ ହାଡ ବଢ଼ି ତେଢ଼ା ହୋଇଯିବା, ପ୍ରଦୂଷଣ ଯୋଗୁଁ ଏହା ହୋଇଥାଏ। ବିଶେଷଭାବରେ ଥଣ୍ଡା ପବନ, ଧୂଳି, ଧୂଆଁ ସଂସ୍ପର୍ଶରେ ଆସିଲେ ଏହି ସମସ୍ୟା ଆହୁରି ବଢ଼ିଯାଇଥାଏ। ଏହାର କେତେକ ଲକ୍ଷଣ ରହିଛି। ସାଇନସ୍‌ର ପ୍ରମୁଖ ଲକ୍ଷଣ ହେଲା-ମୁଣ୍ଡ ପ୍ରବଳ ଦରଜ ହେବା, ଜ୍ୱର ଆସିବା, ନାକରେ କଫ ଆସିବା ଏବଂ ଦାନ୍ତ ଦରଜ ହେବା। ଏହାର କେତୋଟି ଘରୋଇ ଉପଚାର ରହିଛି। ପୋଦିନା,ଲେମ୍ବୁ ରସ, ଲବଙ୍ଗ ତେଲକୁ ଉଷୁମ କରନ୍ତୁ। ଏହି ମିଶ୍ରଣକୁ ନାକ ଏବଂ କପାଳରେ ମାଲିସ କରନ୍ତୁ। ଅଦା, ତୁଳସୀ,ଲବଙ୍ଗ, ଅଳେଇଚ ମିଶ୍ରିତ ଚା' ପିଅନ୍ତୁ। ଟମାଟୋ, ରସୁଣ ପେଷ୍ଟ କରି ସେଥିରେ ଅଳ୍ପ ଲୁଣ ଏବଂ ଗୋଲମରିଚ ଗୁଣ୍ଡ ମିଶାନ୍ତୁ। ପାଣି ମିଶାଇ ଉଷୁମ କରି ସୁପ ଆକାରରେ ପିଅନ୍ତୁ। ଉପସମ ମିଳିବ।

## ସଂକ୍ଷେପରେ

### ବିଓବିରେ ମିଶ୍ରଣର ପ୍ରଭାବ
## ୯୦୦ ଶାଖା ବନ୍ଦ ହେବା ସମ୍ଭାବନା

**ନୂଆଦିଲ୍ଲୀ,୧୯-୫:** ବ୍ୟାଙ୍କ ଅଫ୍ ବରୋଦା(ବିଓବି) ସହ ଅନ୍ୟ ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ ପରେ ଏବେ ୮୦୦ରୁ ୯୦୦ ଶାଖା ବନ୍ଦ ହୋଇଯିବା ଅଥବା ସ୍ଥାନାନ୍ତରିତ ହେବାକୁ ଯାଉଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ବିଓବି ସହ ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣ ପରେ ଗୋଟିଏ ସ୍ଥାନରେ ୩ଟି ବ୍ୟାଙ୍କ ଶାଖା ରହିବା ଯୁକ୍ତିସଙ୍ଗତ ନୁହେଁ। ବହୁ ସ୍ଥାନ ରହିଛି ଯେଉଁଠି ୩ଟି ଯାକ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଛି। ଏଥିଯୋଗୁ ଦକ୍ଷତା ତଥା କୁଶଳତା ଉପରେ ଏହାର ଗଭୀର ପ୍ରଭାବ ପଡିବ। ବ୍ୟାପକ ସମୀକ୍ଷା ପରେ ଉକ୍ତ ପରିମାଣ ବ୍ୟାଙ୍କ ବ୍ରାଞ୍ଚକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକୁ ଅନ୍ୟ ଶାଖା ସହ ମିଶାଇ ଦିଆଯିବ ଅଥବା ବନ୍ଦ କରିଦିଆଯିବ। ଏହାଛଡ଼ା କେତେକ ସ୍ଥାନରେ ଜୋନାଲ କାର୍ଯ୍ୟାଳୟକୁ ମଧ ବନ୍ଦ କରିଦେବାର ଆବଶ୍ୟକତା ଦେଖାଦେଇଛି। ଉକ୍ତ ମିଶ୍ରଣ ପରେ ଏସ୍‌ବିଆଇ ପରେ ବିଓବି ଦେଶର ଦ୍ୱିତୀୟ ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଛି। ଏହାର ବ୍ୟାଙ୍କ ଶାଖା ସଂଖ୍ୟା ୯୫୦୦ରୁ ଅଧିକ ରହିଥିବା ବେଳେ ୧୩,୪୦୦ରୁ ଅଧିକ ଏଟିଏମ୍ ରହିଛି। ଅନ୍ୟପକ୍ଷରେ କର୍ମଚାରୀଙ୍କ ସଂଖ୍ୟା ୮୫ହଜାର ହୋଇଥିବାବେଳେ ୧୨ କୋଟି ଗ୍ରାହକଙ୍କୁ ସେବା ଯୋଗାଉଛି।

## ୧୦ ହଜାର କୋଟିର ସମ୍ପତ୍ତି ବିକିବ ରିଲାଏନ୍ସ କ୍ୟାପିଟାଲ

**ନୂଆଦିଲ୍ଲୀ,୧୯-୫:** ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ କ୍ୟାପିଟାଲ ଚଳିତ ଆର୍ଥିକ ବର୍ଷରେ ୧୦ ହଜାର କୋଟି ଟଙ୍କାର ସମ୍ପତ୍ତି ବିକ୍ରି କରି ଏହାର ଋଣ ପରିମାଣକୁ ୫୦ ପ୍ରତିଶତ ହ୍ରାସ କରିବ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏହା ଋଣର କିସ୍ତି ନିୟମିତ ପ୍ରଦାନ କରିଆସୁଛି। ସମ୍ପତ୍ତି ବିକ୍ରି କରି ଅର୍ଥ ଯୋଗାଡ କରିବା ଦିଗରେ ଏହା ଠିକ୍ ବାଟରେ ଆଗେଇ ଚାଲିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ରିଲାଏନ୍ସ ନିପ୍ପନ ଲାଇଫ ଆସେଟ୍ ମ୍ୟାନେଜମେଣ୍ଟ ଲିମିଟେଡରେ ନିଜର ୪୨.୮୮ ପ୍ରତିଶତ ଅଂଶଧନକୁ ସମ୍ପୂର୍ଣ୍ଣ ବିକ୍ରି କରିଦେବ। ଯାହାର ବଜାର ମୂଲ୍ୟ ଏବେର ମୂଲ୍ୟଠାରୁ ୫ ହଜାର କୋଟି ଟଙ୍କା ଅଧିକ ରହିଛି। ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସରେ ଥିବା କମ୍ପାନୀର ୪୯ ପ୍ରତିଶତ ଅଂଶଧନକୁ ମଧ ରିଲାଏନ୍ସ କ୍ୟାପିଟାଲ ବିକ୍ରି କରିବାକୁ ଘୋଷଣା କରିଛି। ମୂଳ କାରବାରରେ ଥିବା ସମ୍ପତ୍ତିକୁ ବିକ୍ରି କରି କମ୍ପାନୀ ପ୍ରାୟ ୧୦ ହଜାର କୋଟି ଟଙ୍କା ସଂଗ୍ରହ କରିବ ବୋଲି ଆଶାବ୍ୟକ୍ତ କରିଛି।

## ସପ୍ତାହକ ଭିତରେ ଜେଟ୍‌ର ସ୍ଥିତି ସ୍ପଷ୍ଟ ହେବ: ଏସ୍‌ବିଆଇ ମୁଖ୍ୟ




**ନୂଆଦିଲ୍ଲୀ,୧୯-୫:** ଆର୍ଥିକ ସଙ୍କଟ କାରଣରୁ ଅସ୍ଥାୟୀଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍‌ର ଭବିଷ୍ୟତକୁ ନେଇ ଏବେ ବି ଅନିଶ୍ଚିତତା ଲାଗି ରହିଛି। ଜେଟ୍ ପୁଣିଥରେ କାର୍ଯ୍ୟକ୍ଷମ ହେବା ନେଇ ଏବେ ସୁଦ୍ଧା ସ୍ଥିତି ସ୍ପଷ୍ଟ ନୁହେଁ। ତେବେ ଆସନ୍ତା ଏକ ସପ୍ତାହ ଭିତରେ ଜେଟ୍‌ର ସ୍ଥିତି ସ୍ପଷ୍ଟ ହୋଇଯିବ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଧକ୍ଷ ରଜନୀଶ କୁମାର କହିଛନ୍ତି। ସେ କହିଛନ୍ତି ଯେ, ଜେଟ୍‌କୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ଲାଗି ସମସ୍ତ ପ୍ରକାର ବିକଳ୍ପର ମୂଲ୍ୟାଙ୍କନ କରାଯାଉଛି। ଏହାଛଡ଼ା ଆଇନଗତ ପରାମର୍ଶ ମଧ ନିଆଯାଉଛି। ଜେଟ୍ ନିକଟରେ ଅର୍ଥ ପହଞ୍ଚିବ କି ନା ସେସମ୍ପର୍କରେ ଜାଣିବାକୁ ଉଦ୍ୟମ ହେଉଛି। ସୂଚନାଥାଉ କି, ଜେଟ୍ ଏୟାରୱେଜଠାରୁ ବକେୟା ଋଣ ବାବଦରେ ୮୪୦୦ କୋଟି ଟଙ୍କା ଅସୁଲ ଲାଗି ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନସୋର୍ଟିୟମ କମ୍ପାନୀର ନିୟନ୍ତ୍ରଣ ନିଜ ହାତକୁ ନେଇଛି। ସେମାନେ ଜେଟ୍‌ର ବୃହତ ଅଂଶଧନ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ଏସ୍‌ବିଆଇ କ୍ୟାପିଟାଲକୁ ଦାୟିତ୍ୱ ମଧ ଦିଆଯାଇଛି। ତେବେ ନିର୍ଦ୍ଦିଷ୍ଟ ଦିବସ ପର୍ଯ୍ୟନ୍ତ ଏତିହାଦ ଏୟାରୱେଜ ସମେତ ୩ଟି କମ୍ପାନୀ ଜେଟ୍‌ର ବିଡିଂ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟ କେତେକ ଅନୌପଚାରିକ ଭାବେ ଅଂଶଧନ କିଣିବା ଲାଗି ପ୍ରସ୍ତାବ ଦେଇଛନ୍ତି।

---

> ଆର୍‌ବିଆଇ ଦ୍ୱାରା ଜାରି ଭିଜନ ଡକ୍ୟୁମେଣ୍ଟରେ ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖାଯାଇଛି। ପେମେଣ୍ଟ ସିଷ୍ଟମ ପ୍ରୋଭାଇଡର ଭାବେ ତାଙ୍କ କମ୍ପାନୀ ପେଓ୍ୱାର୍ଲ୍ଡ ଏ ଦିଗରେ କାମ କରିବ।
> **- ପ୍ରବୀଣ ଧାବାଇ, ସିଓଓ, ପେଓ୍ୱାର୍ଲ୍ଡ**



> ଆଦିତ୍ୟବିର୍ଲା ହେଲ୍‌ଥ ଇନସ୍ୟୁରାନ୍ସ ନିଜର ଅଭିବୃଦ୍ଧି ହାସଲ ଲାଗି ରିଟେଲ ସେଗ୍‌ମେଣ୍ଟ ଉପରେ ଅଧିକ ଫୋକସ୍ କରିବ।
> **- ମୟଙ୍କ ବାଥଓ୍ୱାଲ, ଚିଫ୍ ଏକଜିକ୍ୟୁଟିଭ, ଆଦିତ୍ୟ ବିର୍ଲା ହେଲ୍‌ଥ ଇନସ୍ୟୁରାନ୍ସ**



# ନିର୍ବାଚନ ଫଳାଫଳ ଉପରେ ନିବେଶକଙ୍କ ନଜର

**ମୁମ୍ବାଇ,୧୯-୫**

ଚଳିତ ମାସ ୨୩ରେ ସାଧାରଣ ନିର୍ବାଚନ ଫଳାଫଳ ଆସିବାକୁ ଥିବା ବେଳେ ଦେଶର ପୁଞ୍ଜି ବଜାର ନଜର ଏବେ ଏହା ଉପରେ ରହିଛି। ସେହିଭଳି ବଜାର ଉପରେ ଏକଜିଟ୍ ପୋଲ ପ୍ରଭାବ ମଧ ପରିଲକ୍ଷିତ ହେବ। ଅପରପକ୍ଷରେ କମ୍ପାନୀଗୁଡିକର ବିତ୍ତୀୟ ନିଷ୍ପତ୍ତି ବଜାର ଉପରେ କିପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଛି। ନିର୍ବାଚନ ସଂକ୍ରାନ୍ତ ବିଭିନ୍ନ ଘଟଣାର ପ୍ରଭାବ ବଜାର ଉପରେ ଦେଖାଯିବ। ଫଳରେ ଶେୟାର ବଜାରର ସୂଚକାଙ୍କରେ ହ୍ରାସ-ବୃଦ୍ଧି ପରିଲକ୍ଷିତ ହୋଇ ପାରେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ନିର୍ବାଚନ ଫଳାଫଳ ଶେୟାର ବଜାରର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ଏପିକ୍ ରିସର୍ଚ୍ଚର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁସ୍ତାଫା ନଦୀମ କହିଛନ୍ତି। ଏହି ରେଜଲ୍ଟ ଅର୍ଥ ବ୍ୟବସ୍ଥା ତଥା ନିବେଶକଙ୍କ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।




### ବର୍ଷର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସପ୍ତାହ

ଚଳିତ ସପ୍ତାହରେ ଶେୟାର ବଜାରରେ ବ୍ୟାପକ ହାରରେ ସୂଚକାଙ୍କ ହ୍ରାସ-ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ମାତ୍ର ଏକଜିଟ୍ ପୋଲ୍‌ର ଫଳାଫଳକୁ ନେଇ ବଜାରର ଅବସ୍ଥା କିଭଳି ରହିବ ତାହା ଅନୁମାନ କରିବା ଅସମ୍ଭବ ହେଉଛି। ସେମକୋ ସିକ୍ୟୁରିଟିର ପ୍ରତିଷ୍ଠାତା ଜିମତ ମୋଦି କହିଛନ୍ତି ଯେ, ଚଳିତ ସପ୍ତାହ ବର୍ଷର ଶେୟାରବଜାର ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଲୋକଙ୍କ ଉତ୍କଣ୍ଠା ବୃଦ୍ଧି ହେଉଥିବା ସେ କହିଛନ୍ତି।

### ବଡ କମ୍ପାନୀଗୁଡିକର କାରବାର

ଶେୟାର ବଜାରରେ ସୂଚିଭୁକ୍ତ ଦେଶର ବଡ ବଡ କମ୍ପାନୀଗୁଡିକର କାରବାର ଉପରେ ମଧ ନଜର ରହିଛି। ଟାଟା ମୋଟର୍ସ, କାନାରା ବ୍ୟାଙ୍କ, ସିପ୍ଲା ଭଳି କମ୍ପାନୀଗୁଡିକର ଫରଫରମାନ୍ସ ନିକଟରେ ସାମ୍ନାକୁ ଆସିଛି। ସେହିଭଳି କମ୍ପାନୀଗୁଡିକର ତ୍ରୈମାସିକ ଫଳାଫଳ ବଜାରର ମୋଡକୁ ନିର୍ଦ୍ଧାରଣ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଅପରପକ୍ଷରେ ଅଶୋଧିତ ତୈଳ ଦର, ଆମେରିକା-ଚାଇନା ବାଣିଜ୍ୟ ଲଢେଇ, ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ-ବୃଦ୍ଧି ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ବଜାର ଉପରେ ପ୍ରଭାବ ପକାଇବ।

### ଗତ ସପ୍ତାହରେ ବଢିଥିଲା ବଜାର

ଗତ ସପ୍ତାହରେ ଶେୟାର ବଜାର ସୂଚକାଙ୍କ ୪୬୭.୭୮ (୧.୨୪%) ବଢିଥିଲା। ଶୁକ୍ରବାର ସେନସେକ୍ସରେ ୫୩୭.୨୯ ପଏଣ୍ଟ ବା ୧.୪୪% ବୃଦ୍ଧି ଘଟି ୩୭.୯୩୦.୭୭ ସ୍ତରରେ ପହଞ୍ଚି ଯାଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ନିଫ୍ଟି ୧୫୦.୦୫ ପଏଣ୍ଟ ବୃଦ୍ଧି ଘଟି ୧୧,୪୦୭.୧୫ ସ୍ତରରେ ପହଞ୍ଚି ଥିଲା।

## ବଜାରରୁ ୬୩୯୯ କୋଟି କାଢ଼ି ନେଲେ ଏଫ୍‌ପିଆଇ

ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମେ'ରେ ଅଦ୍ୟାବଧି ଭାରତୀୟ ପୁଞ୍ଜି ବଜାରରୁ ୬୩୯୯ କୋଟି ଟଙ୍କା କାଢ଼ି ନେଇଛନ୍ତି। ସାଧାରଣ ନିର୍ବାଚନ ଫଳାଫଳରେ ଅନିଶ୍ଚିତତା ଏବଂ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ବିବାଦକୁ ନେଇ ଏଫ୍‌ପିଆଇ ନିରାଶ ଥିବା ଜଣାପଡିଛି। ଏହି କାରଣରୁ ଗତ ୩ ମାସ ହେବ ସେମାନେ ଭାରତୀୟ ପୁଞ୍ଜି ବଜାରରେ ନିବେଶ କରିବାରେ ଲାଗିପଡିଥିଲେ। ସେମାନେ ଏପ୍ରିଲରେ ଉଭୟ ଶେୟାର ଓ ବଣ୍ଡ ବଜାରରେ ମୋଟ ୧୬,୦୯୩ କୋଟି ଟଙ୍କା ନିବେଶ କରିଥିଲେ। ସେହିପରି ସେମାନେ ମାର୍ଚ୍ଚରେ ୪୫,୯୮୧ କୋଟି ଟଙ୍କା, ଫେବୃୟାରୀରେ ୧୧,୧୮୨ କୋଟି ଟଙ୍କା ନିବେଶ କରିଥିଲେ। କିନ୍ତୁ ମେ'ରେ ସେମାନଙ୍କ ମତ ପରିବର୍ତ୍ତନ ହୋଇ ଚିତ୍ର ବଦଳିଯାଇଥିଲା। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ମେ ୧୭ ସୁଦ୍ଧା ଏଫ୍‌ପିଆଇ ୪୭୮୬.୩୮ କୋଟି ଟଙ୍କା ଶେୟାରରୁ ଏବଂ ୧୬୧୨.୬୨ କୋଟି ଟଙ୍କା ବଣ୍ଡ ବଜାରରୁ କାଢ଼ି ନେଇଛନ୍ତି।

# ଆଜିଠାରୁ ବଢ଼ିପାରେ ତେଲ ଦର

**ନୂଆଦିଲ୍ଲୀ,୧୯-୫**



ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥେଷ୍ଟ ବୃଦ୍ଧି ପାଇଥିଲେ ମଧ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ି ନ ଥିଲା। ତେବେ ରବିବାର ନିର୍ବାଚନ ଶେଷ ହୋଇଛି। ଏଣୁ ସୋମବାର ଠାରୁ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ତୈଳ ବିଶେଷଜ୍ଞଙ୍କ କହିବାନୁଯାୟୀ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୩ରୁ ୫ ଟଙ୍କା ବଢ଼ିବାକୁ ଯାଉଛି। ତେବେ ଏହା ଏକାଥରକେ ନ ହୋଇ ପର୍ଯ୍ୟାୟକ୍ରମେ ବଢ଼ିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ତୈଳ କମ୍ପାନୀମାନେ ମାର୍ଚ୍ଚ ଓ ଏପ୍ରିଲ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୫ ଓ ୩ ଟଙ୍କା କମ୍‌ରେ ବିକ୍ରି କରିବାକୁ ବାଧ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଅଘୋଷିତ ନିର୍ଦ୍ଦେଶ ଯୋଗୁ ସେମାନଙ୍କୁ ପ୍ରତି ଲିଟରରେ ଏହି କ୍ଷତି ସହିବାକୁ ପଡୁଛି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥାକ୍ରମେ ବ୍ୟାରେଲ ପିଛା ୬୭ ଏବଂ ୭୧ ଡଲାର ଥିଲା। ବର୍ତ୍ତମାନର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ହାରାହାରି ୭୨ ଡଲାର ପାଖାପାଖିରେ ରହିଛି। ଏହାକୁ ହିସାବକୁ ନେଲେ ପେଟ୍ରୋଲ ଦର ଲିଟର ପିଛା ୭୮ ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୭୦ ଟଙ୍କାରୁ ଅଧିକ ରହିବା କଥା। ତେବେ ରବିବାର ଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇରେ ପେଟ୍ରୋଲ ଦର ଯଥାକ୍ରମେ ୭୧.୦୩ ଟଙ୍କା, ୭୩.୧୧ ଟଙ୍କା, ୭୬.୬୪ ଟଙ୍କା ଏବଂ ୭୩.୭୨ ଟଙ୍କାରେ ସ୍ଥିର ରହିଛି। ସେହିପରି ୪ ମହାନଗରରେ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୬୫.୯୬ ଟଙ୍କା, ୬୭.୭୧ ଟଙ୍କା, ୬୯.୧୧ ଟଙ୍କା ଏବଂ ୬୯.୭୨ ଟଙ୍କା ରହିଛି। ସିଙ୍ଗାପୁରସ୍ଥିତ କନସଲଟାନ୍ସି ଫାର୍ମ ଏଫ୍‌ଜିଇର ଏସିଆ ଅଏଲର ଡାଇରେକ୍ଟର ଶ୍ରୀ ପରାଭାଇଙ୍କରସୁ କହିଥିଲେ ଯେ, ଅନ୍ତର୍ଜାତୀୟ ବଜାରକୁ ଦୃଷ୍ଟିରେ ରଖି ଭାରତରେ ଅଦ୍ୟାବଧି ପେଟ୍ରୋଲ ଦର ଲିଟର ପିଛା ୪ ଟଙ୍କା ବଢ଼ିବା ଉଚିତ ଥିଲା। ସୂଚନାଥାଉ କି, ଗତବର୍ଷ ମେ'ରେ କର୍ନାଟକ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତୈଳ କମ୍ପାନୀଗୁଡ଼ିକ ୧୯ ଦିନ ପାଇଁ ତୈଳ ଦର ସ୍ଥିର ରଖିଥିଲେ। ସେତେବେଳେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୫ ଡଲାର ବଢ଼ିସାରିଥିଲା। ତେବେ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ମେ ୧୪ରୁ ତୈଳ କମ୍ପାନୀଗୁଡ଼ିକ କ୍ରମାଗତ ୧୬ ଦିନ ଧରି ପେଟ୍ରୋଲ ଦରରେ ୩.୮ ଟଙ୍କା ଏବଂ ଡିଜେଲ ଦରରେ ୩.୩୮ ଟଙ୍କା ବୃଦ୍ଧି କରିଥିଲେ।

### ଫେସ୍‌ବୁକ୍, ଗୁଗଲରେ ବିଜ୍ଞାପନ
# ରାଜନୈତିକ ଦଳ ଖର୍ଚ୍ଚ କରିଛନ୍ତି ୫୩ କୋଟି

**ନୂଆଦିଲ୍ଲୀ,୧୯-୫**

ଦେଶର ରାଜନୈତିକ ଦଳଗୁଡ଼ିକ ଚଳିତ ବର୍ଷ ଫେବୃୟାରୀରୁ ଅଦ୍ୟାବଧି ଫେସ୍‌ବୁକ୍ ଓ ଗୁଗଲ ଆଦି ସୋସିଆଲ ମିଡିଆରେ ନିଜର ପ୍ରଚାର ପାଇଁ ୫୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏମାନଙ୍କ ମଧ୍ୟରେ ଶାସକ ଦଳ ଭାଜପା ସର୍ବାଗ୍ରେ ରହିଛି। ଫେସ୍‌ବୁକ୍ ବିଜ୍ଞାପନ ରିପୋର୍ଟରୁ ଜଣାପଡିଛି ଯେ, ଫେବୃୟାରୀରୁ ମେ ୧୫ ସୁଦ୍ଧା ଏହାର ମଞ୍ଚରେ ୧.୨୧ ଲକ୍ଷ ରାଜନୈତିକ ବିଜ୍ଞାପନ ଦିଆଯାଇଥିଲା। ଏହିସବୁ ବିଜ୍ଞାପନରେ ରାଜନୈତିକ ଦଳଗୁଡ଼ିକ




୨୬.୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ଏଭଳି ଭାବେ ଗୁଗଲ, ୟୁଟ୍ୟୁବ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକରେ ୧୯ ଫେବୃୟାରୀରୁ ଅଦ୍ୟାବଧି ୧୪,୮୩୭ ବିଜ୍ଞାପନ ବାବଦରେ ରାଜନୈତିକ ଦଳଗୁଡ଼ିକ ୨୭.୩୬ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଶାସକ ଦଳ ଭାଜପା ଫେସ୍‌ବୁକ୍‌ରେ ୨୫୦୦ରୁ ଅଧିକ ବିଜ୍ଞାପନ ବାବଦରେ ୪.୨୩ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ଗୁଗଲ ମଞ୍ଚରେ ଏହି ଦଳ ୧୭ କୋଟି ଟଙ୍କା ବ୍ୟୟ କରିଥିବା ବେଳେ କଂଗ୍ରେସ ଫେସ୍‌ବୁକ୍‌ରେ ୩,୬୮୬ ବିଜ୍ଞାପନ ବାବଦରେ ୧.୪୬ କୋଟି ଟଙ୍କା, ଗୁଗଲରେ ୪୨୫ ବିଜ୍ଞାପନ ବାବଦରେ ୨.୭୧ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ତୃଣମୂଳ କଂଗ୍ରେସ ଫେସ୍‌ବୁକ୍‌ରେ ୨୯.୨୮ ଲକ୍ଷ ଟଙ୍କା, ଆମ୍ ଆଦ୍‌ମୀ ପାର୍ଟି(ଆପ୍) ୧୩.୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି।

# ପ୍ରିମିୟମ ସ୍କୁଟର ବର୍ଗରେ ହିରୋର ୨ ନୂଆ ମଡେଲ

**ଭୁବନେଶ୍ୱର,୧୯-୫**

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ଏହାର ସ୍କୁଟର ସେଗ୍‌ମେଣ୍ଟକୁ ଦୃଢ କରିବା ପଦକ୍ଷେପ ମୁତାବକ ୨ ନୂଆ ମଡେଲ ବଜାର ପ୍ରବେଶ କରାଯାଇଛି। ନୂଆ ମଡେଲଗୁଡିକ ମଧ୍ୟରେ ମାଏଷ୍ଟ୍ରୋ ଏଜ ୧୨୫ ଏବଂ ପ୍ଲେଜର ପ୍ଲସ୍ ୧୧୦ ରହିଛି। ମାଏଷ୍ଟ୍ରୋ ଏଜ୍ ୧୨୫ରେ ଫୁଏଲ ଇଞ୍ଜେକଶନ ଟେକ୍ନୋଲୋଜି ରହିଛି। ଏହାର ଏଫ୍‌ଆଇ ଭାରିଆଣ୍ଟ ବଜାର ଦର ୬୨,୭୦୦ ଟଙ୍କା। ସେହିଭଳି ପ୍ଲେଜର ପ୍ଲସ୍ ୧୧୦ର ମୂଲ୍ୟ ୪୭,୩୦୦ ଟଙ୍କା ରହିଛି। ସ୍କୁଟର ସେଗ୍‌ମେଣ୍ଟ ଅଭିବୃଦ୍ଧି ଲାଗି ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ ବୋଲି କମ୍ପାନୀର ଚିଫ ଟେକ୍ନୋଲୋଜି ଅଫିସର ମାର୍କସ ବ୍ରୁନସ୍ୱେରଜର କହିଛନ୍ତି। ଟେକ୍ନୋଲୋଜି ଏବଂ ଷ୍ଟାଇଲକୁ ନୂଆ ମଡେଲଗୁଡିକରେ




ସ୍ଥାନିତ କରାଯାଇଥିବା କମ୍ପାନୀର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି। ସ୍କୁଟର ବର୍ଗରେ ପୋର୍ଟଫୋଲିଓ ଦୃଢୀକରଣ ଦିଗରେ ନୂଆ ମଡେଲଗୁଡିକ ସହାୟକ ହେବ ବୋଲି ସେଲ୍‌ସ ମୁଖ୍ୟ ସଞ୍ଜୟ ଭାନ କହିଛନ୍ତି।

## ସିବିଆର୍ '୬୫୦ଆର୍'ର ଡେଲିଭରି ଦେଲା ହୋଣ୍ଡା



**ଭୁବନେଶ୍ୱର,୧୯-୫**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମଧ୍ୟମ ହାଲକା ବାଇକ ବର୍ଗରେ 'ସିବିଆର୍ ୬୫୦ଆର୍'ର ଡେଲିଭରି ଆରମ୍ଭ କରିଛି। ଗୁରୁଗ୍ରାମରେ ଥିବା ହୋଣ୍ଡା ବିଗ୍ ୱିଙ୍ଗ ଷ୍ଟୋରରୁ ଏହା ଶୁଭାରମ୍ଭ କରାଯାଇଛି। ହୋଣ୍ଡାର ରେସିଂ ଗୁଣ ଥିବା ଏହି ନୂଆ ମଡେଲଟି ସ୍ପୋର୍ଟି ଓ ଶକ୍ତିଶାଳୀ ପ୍ରଦର୍ଶନର ମିଶ୍ରଣ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଫାୟାରବ୍ଲେଡ ସୁପର ସ୍ପୋର୍ଟସ ଷ୍ଟାଇଲରେ ପ୍ରସ୍ତୁତ ହୋଇଥିବା ଏହି ମଡେଲକୁ ପ୍ରଥମେ ୨୦୧୮ ମିଲାନ ମୋଟର ଶୋ'ରେ ଉନ୍ମୋଚନ କରାଯାଇଥିଲା। ଭାରତରେ ଏହାର ଏକ୍ସଶୋ'ରୁମ ବଜାର ଦର ୭.୭୦ ଲକ୍ଷ ଟଙ୍କା ରହିଛି। ମଡେଲଟିରେ ୬୪୯ ସିସିର ଲିକ୍ୱିଡ କୁଲ୍‌ଡ ଚାରି ସିଲିଣ୍ଡର ଡିଓଏଚ୍‌ସି ୧୬ ଭାଲ୍‌ବ ଇଞ୍ଜିନ ରହିଛି। ଯାନ ଉପରେ ନିୟନ୍ତ୍ରଣ ରଖିବା ଲାଗି ଆସିଷ୍ଟ ସୁପର କ୍ଲଚ, ହୋଣ୍ଡା ସିଲେକ୍ଟବଲ ଟର୍କ କଣ୍ଟ୍ରୋଲ, ଉନ୍ନତ ସସ୍‌ପେନଶନ, ଡୁଆଲ ଚ୍ୟାନେଲ ଏବିଏସ୍, ଫୁଲ ଏଲଇଡି, ଡିଜିଟାଲ ଏଲସିଡି ଡିସ୍ପ୍ଲେ, ହାଣ୍ଡେଲ ବାର କ୍ଲିପ, ଗିୟର ପୋଜିଶନ ଏବଂ ସିଫ୍‌ଟ ଅପ୍ ଇଣ୍ଡିକେଟର ରହିଛି। ଏହା ଗ୍ରାଣ୍ଡ ପିକ୍ସ ରେଡ ଏବଂ ଗନପାଉଡର ବ୍ଲାକ ମେଟାଲିକ ରଙ୍ଗରେ ଉପଲବ୍ଧ। ଓଡିଶାରେ ଏହା ପିଜିଏଲ୍ ରାଜମୀ ମୋଟର୍ସଠାରେ ଉପଲବ୍ଧ।

# ଫନୀ ପ୍ରଭାବିତଙ୍କୁ ଭାରତ ମସଲା ପକ୍ଷରୁ ସହାୟତା




**କଟକ ଅଫିସ,୧୯।୫**

ଭାରତ ମସଲା ପକ୍ଷରୁ ଫନୀ ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ 'ଫନୀ'ରେ ସର୍ବାଧିକ ପ୍ରଭାବିତ ପୁରୀ ଜିଲା ପାଇଁ ଅଣ୍ଟା ଭିଡିଛି। ପୁରୀ ଜିଲାରେ କ୍ଷତିଗ୍ରସ୍ତ ପରିବାରଗୁଡିକୁ ବିଭିନ୍ନ ଆସବାବପତ୍ର, ଶୁଖିଲା ଖାଦ୍ୟ ସାମଗ୍ରୀ ଓ ଘରକରଣା ସାମଗ୍ରୀ ପୁରୀ ଜିଲାପାଳଙ୍କ ଅନୁମତି ନେଇ ବିଭିନ୍ନ ପଞ୍ଚାୟତରେ ଯୋଗାଇଛି। ଏଥିସହ ୧୭ଲକ୍ଷ ଟଙ୍କାର ସାହାଯ୍ୟ ଯୋଗାଇ ଦେଇଛି। ସାମଗ୍ରୀଗୁଡିକୁ ପ୍ରଭାବିତ ଲୋକମାନଙ୍କୁ ପ୍ରଦାନ କରି ରାଜ୍ୟ ପାଇଁ ସାମାଜିକ ଓ ନୈତିକ ଦାୟିତ୍ୱ ତୁଲାଇଥିବା ଭାରତ ମସଲା ସୂଚନା ଦେଇଛି। ଏତଦବ୍ୟତୀତ ଫନୀ ବିପନ୍ନଙ୍କୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୩ଲକ୍ଷ ଟଙ୍କାର ନଗଦ ଅର୍ଥ ରାଶି ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା ପ୍ରଦାନ କରିଛନ୍ତି।

**୧୭ଲକ୍ଷ ଟଙ୍କାର ସାମଗ୍ରୀ ଓ ୩ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ**

## ଏସ୍‌ବିଆଇ ଜେନେରାଲର ନୂଆ ଚିଫ୍ ବିଜନେସ ଅଫିସର

**ଭୁବନେଶ୍ୱର,୧୯-୫**

ଏସ୍‌ବିଆଇ ଜେନେରାଲର ନୂଆ ଚିଫ୍ ବିଜନେସ ଅଫିସର ଭାବେ ଅମର ଜୋଶୀ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ସେ କମ୍ପାନୀର ବିକ୍ରି ବିଭାଗ ପ୍ରମୁଖ ଦାୟିତ୍ୱରେ କାର୍ଯ୍ୟ କରିବା ସହ ପରିଚାଳନା ବୋର୍ଡରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଏହାବାଦ ଚ୍ୟାନେଲ ବିତରଣ, ଷ୍ଟ୍ରାଟେଜିକ ଆଲିଆନ୍ସ, ବ୍ରାଣ୍ଡ ଆଣ୍ଡ ମାର୍କେଟିଂ, ଡାଇରେକ୍ଟ ଆଣ୍ଡ ଡିଜିଟାଲ ଭଳି କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି କମ୍ପାନୀ ସୂଚନା ଦେଇଛି। ସେ ବୀମା ଶିଳ୍ପରେ ୧୬ ବର୍ଷ କାର୍ଯ୍ୟ ଏବଂ ମୋଟ ୨୫ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି।

## ସିମ୍ଫୋନିର କୁଲ ମୋବାଇଲ୍ ବସ୍ ଷ୍ଟପ୍

**ଭୁବନେଶ୍ୱର,୧୯-୫**

ପ୍ରମୁଖ ଏୟାର କୁଲର କମ୍ପାନୀ ସିମ୍ଫୋନି ପକ୍ଷରୁ ହାଇଦ୍ରାବାଦରେ କୁଲ ମୋବାଇଲ ବସ୍ ଷ୍ଟପ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରୀଷ୍ମର ପ୍ରବଳ ଉତ୍ତାପକୁ ଦୃଷ୍ଟିରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ୧୪ରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପେନ ୫ ଦିନ ଚାଲିବ। ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରା କରୁଥିବା ଲୋକମାନଙ୍କୁ କମ୍ପାନୀ ଏହା ଦ୍ୱାରା ଆରାମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଏୟାର କୁଲିଂ ସଲ୍ୟୁଶନ ଉପରେ ଏହା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛି। ଲୋକମାନେ ପ୍ରମୁଖ ବସ୍ ଷ୍ଟପଗୁଡିକରେ ସିମ୍ଫୋନି ମୋବାଇଲ ବସରେ ବସି ସେମାନଙ୍କ ବସ୍‌କୁ ଅପେକ୍ଷା କରିବା ସହ ଶୀତଳତା ଅନୁଭବ କରିପାରିବେ। ମୋବାଇଲ ବସରେ ଅତ୍ୟାଧୁନିକ ଏୟାର କୁଲର ସ୍ଥାପନ କରାଯାଇଛି। ପ୍ରମୁଖ ୬ ରୁଟ୍‌ରେ ବସ୍‌ଗୁଡିକୁ ନିୟୋଜିତ କରାଯାଇଛି। ଲୋକମାନଙ୍କୁ ଆରାମ ଦେବା ସହ କମ୍ପାନୀର ଉତ୍ପାଦ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସିମ୍ଫୋନିର ସେଲ୍‌ସ ଏବଂ ମାର୍କେଟିଂ ସଭାପତି ରାଜେଶ ମିଶ୍ରା କହିଛନ୍ତି।

# ଡେବିଟ୍ କାର୍ଡ ଦେୟ ବଢ଼ିଛି ୨୭%


**ନୂଆଦିଲ୍ଲୀ,୧୯-୫**

ଦେଶରେ କିଣାକିଣି କରିବା ଲାଗି ଲୋକେ ଡେବିଟ୍ କାର୍ଡ ବ୍ୟବହାରରେ ବେଶ୍ ଉତ୍ସାହ ପ୍ରଦର୍ଶନ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ମାର୍ଚ୍ଚରେ ପଏଣ୍ଟ ଅଫ୍ ସେଲ୍ ମେଶିନ(ପିଓଏସ୍) ଜରିଆରେ ଡେବିଟ୍ କାର୍ଡ ଦ୍ୱାରା ଦେୟ ପ୍ରଦାନ ବର୍ଷକୁ ବର୍ଷ ହାରରେ ୨୭ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଆଲୋଚ୍ୟ ଅବଧିରେ ଏଟିଏମ୍‌ରୁ ଉଠାଣ ବୃଦ୍ଧି ହାର ଏହାଠାରୁ କମ୍ ମାତ୍ର ୧୫ ପ୍ରତିଶତ ହୋଇଛି। ମାର୍ଚ୍ଚରେ ଡେବିଟ୍ କାର୍ଡ ଜରିଆରେ

**ଆଲୋଚ୍ୟ ଅବଧିରେ ଏଟିଏମ୍‌ରୁ ଉଠାଣ ବୃଦ୍ଧି ହାର ଏହାଠାରୁ କମ୍ ମାତ୍ର ୧୫ ପ୍ରତିଶତ ହୋଇଛି**



୪୦.୭ କୋଟି ଟ୍ରାଞ୍ଜାକସନ ହୋଇଛି, ଯାହା କି ୮୯.୧ କୋଟି ଟଙ୍କାର ଏଟିଏମ୍ ଉଠାଣରୁ ପ୍ରାୟ ଅଧା। ତେବେ ୨୦୧୬ରୁ ୨୦୧୯ମାର୍ଚ୍ଚ ମଧ୍ୟରେ ମର୍ଚ୍ଚାଣ୍ଟ ଡେବିଟ କାର୍ଡ ଦ୍ୱାରା ଦେୟ ପ୍ରଦାନରେ ୨୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଦେଖାଯାଇଛି। ଏହା ବିପରୀତରେ, ଗତ ୨/୩ ବର୍ଷରେ ମୋଟ ଏଟିଏମ୍ ଉଠାଣ ସଂଖ୍ୟା ପ୍ରତି ମାସରେ ୮୦ କୋଟି ଆଖପାଖରେ ରହିଛି। କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିବା ପରେ ଡେବିଟ କାର୍ଡ ଟ୍ରାଞ୍ଜାକସନକୁ ସବୁଠୁ ବଡ଼ ପ୍ରୋତ୍ସାହନ ମିଳିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ବର୍ଷକୁ ବର୍ଷ ଆଧାରରେ କ୍ରେଡିଟ କାର୍ଡ ଜରିଆରେ ପିଓଏସ୍ ମେଶିନରୁ ଟ୍ରାଞ୍ଜାକସନ ବୃଦ୍ଧି ହାର ୨୨ ପ୍ରତିଶତ ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ପିଓଏସ୍ ଟ୍ରାଞ୍ଜାକସନ୧୬.୨ କୋଟି ରହିଛି, ଯାହା କି ଗତବର୍ଷ ମାର୍ଚ୍ଚରେ ୧୨.୭ ପ୍ରତିଶତ ରହିଥିଲା। ନିଜର ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପେମେଣ୍ଟ କମ୍ପାନୀ ଅଧିକାରୀ କହିଛନ୍ତି ଯେ, ପିଓଏସ୍ ଟର୍ମିନାଲ କମ୍ ହେବା ସତ୍ତ୍ୱେ କାର୍ଡ ଜରିଆରେ ଟ୍ରାଞ୍ଜାକସନରେ ଭାରି ବୃଦ୍ଧି ଦର୍ଶାଉଛି ଯେ, ଦୋକାନୀମାନେ ଏକ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିପାରିଛନ୍ତି। ତାଛଡ଼ା ଯେଉଁଠି ପିଓଏସ୍ ମେଶିନ ଲଗାଯାଇଛି, ସେଠାରେ ଭାରି ମାତ୍ରାରେ ଟ୍ରାଞ୍ଜାକସନ ହେଉଥିବାରୁ ଦେଖାଯାଉଛି।



"ଆଗାମୀ ଆଇସିସି ବିଶ୍ୱକପ୍‌ରେ ଭାଗ ନେଉଥିବା ୧୦ଟି ଦଳ ମଧ୍ୟରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳର ବୋଲିଂ ବାହିନୀ ସର୍ବଶ୍ରେଷ୍ଠ ।
–ଲାଲ୍‌ଚାନ୍ଦ ରାଜପୁତ, ପୂର୍ବତନ ଭାରତୀୟ ଓପନର



"ଏକ ବର୍ଷ ବାସନ୍ଦ ଦଣ୍ଡ ପରେ ଦଳକୁ ଫେରିଥିବା ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନର ଆଇସିସି ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ଅଛନ୍ତି ।– ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍

## ସଂକ୍ଷେପରେ

### ନଟିଂହାମଶାୟରର ପକ୍ଷରୁ ଖେଳିବେ ଅଶ୍ୱିନ

**ନୂଆଦିଲ୍ଲୀ, ୧୯।୫(ପିଟି):** ସିନିୟର ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ କାଉଣ୍ଟି ଦଳ ନଟିଂହାମଶାୟର ପାଇଁ ଖେଳିବେ। ଚଳିତ ସିଜନରେ ସେ ନଟିଂହାମ ପାଇଁ ୬ ମ୍ୟାଚ୍ ଖେଳିବେ। ଅଶ୍ୱିନଙ୍କ ଚୁକ୍ତି ଏବେ ଶେଷ ପର୍ଯ୍ୟାୟରେ ଅଛି। ତାଙ୍କ ଏନ୍‌ଓସିରେ କେବଳ ବିସିସିଆଇ ସିଇଓଙ୍କ ସ୍ୱାକ୍ଷର ଦରକାର ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। ନିୟମ ଅନୁଯାୟୀ, ପ୍ରସ୍ତାବ ମିଳିବା ପରେ ହିଁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା କୌଣସି ଖେଳାଳି କାଉଣ୍ଟି କ୍ରିକେଟରେ ଖେଳିପାରିବେ। ଅଶ୍ୱିନଙ୍କ ପୂର୍ବରୁ ଭାରତୀୟ ଟେଷ୍ଟ ଦଳର ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ହାମ୍ପଶାୟରର ସହ ଚୁକ୍ତି କରିଛନ୍ତି। କ୍ୟାରିୟରରେ ୨ୟ ଥର ପାଇଁ ଅଶ୍ୱିନ କାଉଣ୍ଟି ଖେଳିବାକୁ ଯାଉଛନ୍ତି। ୩୨ ବର୍ଷୀୟ ବୋଲର ସଦ୍ୟସମାପ୍ତ ଆଇପିଏଲରେ ୧୪ ମ୍ୟାଚ୍‌ରୁ ୨୦ ଉଇକେଟ ନେବା ସହ ୨୧୪ ରନ୍ କରିଥିଲେ। ବିସିସିଆଇ ବହୁ କାଉଣ୍ଟି କ୍ଲବ ସହ ଯୋଗାଯୋଗରେ ଅଛି। ସେମାନେ ଭାରତୀୟ ଷ୍ଟାର ଖେଳାଳିଙ୍କୁ ଦଳରେ ନେବାକୁ ଚାହାନ୍ତି। ରାହାନେ, ଅଶ୍ୱିନ ଓ ପୂଜାରା ବିଭିନ୍ନ କାଉଣ୍ଟି କ୍ଲବ ସହ ୩ ବର୍ଷିଆ ଚୁକ୍ତି କରିଛନ୍ତି। ଯଦି ସବୁକିଛି ଠିକ୍ ରୁହେ, ତେବେ ଉମେଶ ଯାଦବ ଓ ଈଶାନ୍ତ ଶର୍ମାଙ୍କୁ ମଧ କିଛି ମ୍ୟାଚ୍ ଖେଳିବାକୁ ମିଳିପାରେ।

### ମେରୀକମ୍‌ଙ୍କ ଉପରେ ନଜର

**ଗୁଆହାଟି, ୧୯।୫(ପିଟି):** ସ୍ଥାନୀୟ କର୍ମାବୀର ନବୀନ ଚନ୍ଦ୍ର ବର୍ଦ୍ଦୋଲାଇ ଇନ୍‌ଡୋର ଷ୍ଟାଡିୟମଠାରେ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟ। ଏଥିରେ ୬ ଥର ବିଶ୍ୱ ଚାମ୍ପିୟନ ମହିଳା ବକ୍ସର ମେରୀକମ୍‌ଙ୍କ ସମେତ ୭୨ ଜଣ ଭାରତୀୟ ବକ୍ସର ଅଂଶଗ୍ରହଣ କରିବେ। ହେଲେ ସଭିଙ୍କ ନଜର ମେରୀକମ୍‌ଙ୍କ ଉପରେ ରହିବ। ଏସିଆନ୍ ଗେମ୍ସ ଚାମ୍ପିୟନ ଅମିତ ପାଙ୍ଘାଲ ଓ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକଧାରୀ ଶିଭା ଥପ୍ପା ମଧ ଭାଗ ନେବେ। ଇଣ୍ଡିଆ ଓପନ ପରେ ସେପ୍ଟେମ୍ବର ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଯାହାକି ଏକ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ। ଏଣୁ ଇଣ୍ଡିଆ ଓପନର ଗୁରୁତ୍ୱ ବୃଦ୍ଧି ପାଇଛି। ଏସିଆନ୍ ଗେମ୍ସ ଚାମ୍ପିୟପଶିପ୍‌ରେ ଅଂଶଗ୍ରହଣ କରି ନ ଥିବା ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକଧାରୀ ମେରୀକମ୍ ଭାରତରେ ୫୧ କିଗ୍ରା ବର୍ଗରେ ପ୍ରଥମ ଥର ଖେଳିବେ। ମେରୀକମ୍‌ଙ୍କ ଠାରୁ ନିଶ୍ଚିତ ପଦକ ଆଶା କରାଯାଉଥିବାବେଳେ ଶିଭା (୬୦ କି.ଗ୍ରା.), ଅମିତ (୫୨ କି.ଗ୍ରା.), ଅଙ୍କୁଶିତା ବରୋ (୬୪ କି.ଗ୍ରା.) ଓ ଗୌରବ ବିଧୁରି (୫୬ କି.ଗ୍ରା.) ମଧ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

### ମାଞ୍ଚେଷ୍ଟର ସିଟି ଛାଡ଼ିବେ କମ୍ପାନୀ

**ଲଣ୍ଡନ, ୧୯।୫(ଏଏଫ୍‌ପି):** ଅଧିନାୟକ ଭିନସେଣ୍ଟ କମ୍ପାନୀ ପ୍ରିମିୟର ଲିଗ୍ କ୍ଲବ ମାଞ୍ଚେଷ୍ଟର ସିଟି ଛାଡ଼ିବାକୁ ଯାଉଛନ୍ତି। ୱାଟଫର୍ଡ ବିପକ୍ଷ ଏଫ୍‌ଏ କପ୍ ଫାଇନାଲରେ ୬-୦ ବ୍ୟବଧାନର ବୃହତ୍ ବିଜୟ ପରେ କମ୍ପାନୀ ଏହି ଘୋଷଣା କରିଛନ୍ତି। ବେଲଜିୟମ ଡିଫେଣ୍ଡର ୨୦୦୮ରେ କ୍ଲବ ସହ ଜଡ଼ିତ ହୋଇଥିଲେ। ଦୀର୍ଘ ୧୧ ବର୍ଷ ଧରି ତାଙ୍କ ପ୍ରତିନିଧିତ୍ୱରେ ମାଞ୍ଚେଷ୍ଟର ସିଟି ୪ ପ୍ରିମିୟର ଲିଗ୍ ଟାଇଟଲ ହାତେଇବା ସହ ୨ ଏଫ୍‌ଏ କପ୍, ୪ ଲିଗ୍ କପ ଓ ୨ କମ୍ୟୁନିଟି ଶିଲ୍ଡ ଜିତିଛି। ୩୩ ବର୍ଷୀୟ ଏହି ଖେଳାଳି କ୍ଲବ ପାଇଁ ୩୬୦ ମ୍ୟାଚ୍ ଖେଳିଛନ୍ତି। ମୋର ଯିବାର ସମୟ ଆସିଯାଇଛି। ଭଲ ଓ ଖରାପ ସମୟରେ ମୋତେ ଯେଉଁଭଳି ମାଞ୍ଚେଷ୍ଟରରେ ସମର୍ଥନ ମିଳିଛି, ତାକୁ ସର୍ବଦା ମନେ ରଖିବି। ମୋର ଦଳୀୟ ସଦସ୍ୟଙ୍କ ବିନା ମୁଁ ଯେଉଁଠାରେ ଅଛି, ସେଠାରେ ପହଞ୍ଚି ପାରି ନ ଥାନ୍ତି ବୋଲି କମ୍ପାନୀ କହିଛନ୍ତି।

# ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଦୂତୀ

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**



ନିଜର ପ୍ରଭାବୀ ପ୍ରଦର୍ଶନ ପାଇଁ ସର୍ବଦା ଚର୍ଚ୍ଚାରେ ରହିଆସିଥିବା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ପ୍ରକାଶ କରି ହଇଚଇ ସୃଷ୍ଟି କରିଛନ୍ତି। ସମଲିଙ୍ଗୀ ସମ୍ପର୍କରେ ଥିବା କଥା ଦୂତୀ ସ୍ୱୀକାର କରିଛନ୍ତି। ଘରୋଇ ସହର ଯାଜପୁରର ଜଣେ ଝିଅଙ୍କ ସହ ଗତ ୩ ବର୍ଷ (୨୦୧୭)ହେବ ତାଙ୍କର ସମ୍ପର୍କ ରହିଛି ବୋଲି ୨୩ ବର୍ଷୀୟା ଭାରତର ଏହି ଦ୍ରୁତତମ ଧାବିକା ପ୍ରକାଶ କରିଛନ୍ତି। ସେ ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ସମଲିଙ୍ଗୀ ସମ୍ପର୍କରେ ରହିଥିବା କଥା ସ୍ୱୀକାର କରିଛନ୍ତି। ଏହି ସମ୍ପର୍କକୁ ଦୀର୍ଘ ସମୟଧରି ଆଗକୁ ଚାଲୁ ରଖିବାକୁ ଆମେ ପ୍ରଥମେ ଚିନ୍ତା କରି ନ ଥିଲୁ। ତେବେ ୨୦୧୮ ସେପ୍ଟେମ୍ବରରେ ସମଲିଙ୍ଗୀ ସମ୍ପର୍କରେ ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ ଆମକୁ ଉତ୍ସାହିତ କରିଛି ଏବଂ ଆମେ ସାଥୀ ହୋଇ ଜୀବନ ବିତାଇବାକୁ ନିଷ୍ପତ୍ତି ନେଇଛୁ ବୋଲି ଦୂତୀ ପ୍ରକାଶ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ରୁଲିଙ୍ଗ୍ ସେକ୍ସନ ୩୭୭ ଅନୁଯାୟୀ, ସମଲିଙ୍ଗୀ ସମ୍ପର୍କରେ କୌଣସି କ୍ଷତି ନାହିଁ ବୋଲି କୁହାଯାଇଛି। ତେଣୁ ଆମେ ଦୁଇଜଣ ବିବାହ କରି ଏକ ଛୋଟ ପରିବାର ସହ ଜୀବନ ଅତିବାହିତ କରିବୁ ବୋଲି ଦୂତୀ କହିଛନ୍ତି। ସାଥୀ ଜଣକ ହେଉଛନ୍ତି ମୋ ନିଜ ଗାଁର। ସେ ମଧ ଜଣେ ବଡ଼ କ୍ରୀଡ଼ା ପ୍ରଶଂସକ। ମୋ ସଂଘର୍ଷ ଓ ସଫଳତାର କାହାଣୀରେ ସେ ପ୍ରଭାବିତ ହୋଇ ପ୍ରେରଣା ପାଇଛନ୍ତି ଓ ଏହାପରେ ଆମେ ଦୁହେଁ ନିକଟତର ହୋଇଥିଲୁ ବୋଲି ଦୂତୀ କହିଛନ୍ତି। ତେବେ ନିଜ ପାର୍ଟନର ବା ସାଥୀଙ୍କ ନାମ କହିବାକୁ ଦୂତୀ ମନା କରିଦେଇଛନ୍ତି। ସେ ନିଜେ ଚାହିଁଲେ ତାଙ୍କ ନାମ ସମସ୍ତଙ୍କୁ କହିପାରିବେ। ଏହା ତାଙ୍କର ବ୍ୟକ୍ତିଗତ ଅଧିକାର ଓ ଏ ନେଇ ତାଙ୍କ ଇଚ୍ଛାକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ଦୂତୀ କହିଛନ୍ତି।

ଯେଉଁଭଳି ଚାହୁଁଛୁ, ଆମେ ସେହିଭଳି ବଞ୍ଚିବାକୁ ପ୍ରୟାସ କରିବୁ। ଆମେ କୌଣସି ଅପରାଧ କରିନାହୁଁ। ନିଜ ଇଚ୍ଛା ଅନୁସାରେ ଆମେ ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହୁଁ। ଦେଶ ପାଇଁ ଖେଳୁଥିବାରୁ ମୁଁ ସମସ୍ତଙ୍କ ନଜରରେ ରହିଛି। ଖେଳ ଛାଡ଼ିବା ପରେ ମୋ ପାଖରେ ବହୁତ ସମୟ ରହିବ ଓ ସାରା ଜୀବନ ମୋତେ ବଞ୍ଚିବାକୁ ପଡ଼ିବ। ଗତ ଦୁଇବର୍ଷ ହେବ ମୋ ସାଥୀ ମୋତେ ସମର୍ଥନ କରିଆସୁଛନ୍ତି। ବଡ଼ ବଡ଼ ଇଭେଣ୍ଟରେ ଭାଗନେବା ଅବସରରେ ସେ ମୋ ସହିତ ଆସି ନ ଥାନ୍ତି। ତେବେ ଖେଳୁଥିବା ବେଳେ ଦୂରରେ ଥାଇ ସେ ମୋ ପାଇଁ ପ୍ରାର୍ଥନା କରିଥାନ୍ତି। ଆମେ ଏପର୍ଯ୍ୟନ୍ତ ଅଧିକ ସମୟ ସାଥୀହୋଇ ବିତାଇନାହୁଁ। ତେବେ ସେ ମୋତେ ସବୁବେଳେ ସମର୍ଥନ ଜଣାଇ ଆସିଛନ୍ତି।

ନିଜ ପରିବାରରେ ଏହି ସମ୍ପର୍କକୁ କିପରି ସମର୍ଥନ ରହିଛି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଦୂତୀ କହିଲେ ଯେ, ମୋର ଜୀବନସାଥୀ ବାଛିବା ନେଇ ମୋ ପରିବାର ମୋତେ ସ୍ୱାଧୀନତା ଦେଇଛି। ମାତ୍ର ଏବେ ସମଲିଙ୍ଗୀ ସମ୍ପର୍କ ଖବର ପ୍ରଚାରିତ ହେବାପରେ ସେ ଏହାକୁ ନାପସନ୍ଦ କରୁଥିବା ମୁଁ ଶୁଣିବାକୁ ପାଉଛି। ମୁଁ ହାଇଦ୍ରାବାଦରେ ଥିବାରୁ ବ୍ୟକ୍ତିଗତ ଭାବେ ଫୋନ୍ ଯୋଗେ ସେମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଛି, ମାତ୍ର ସମ୍ଭବ ହୋଇନାହିଁ। ମୋ ସମ୍ପତ୍ତି ହଡ଼ପ କରିବା ପାଇଁ ଏପରି ଚକ୍ରାନ୍ତ କରାଯାଉଛି ବୋଲି ସେମାନେ ଅନୁଭବ କରୁଛନ୍ତି। ମାତ୍ର ମୁଁ ଛୋଟପିଲା ନୁହେଁ। ମୁଁ ସବୁ ଭାବିଚିନ୍ତି ଏ ସମ୍ପର୍କରେ ନିଷ୍ପତ୍ତି ନେଇଛି। ଏଥିପାଇଁ ମୋତେ କେହି ପ୍ରଭାବିତ କରିନାହାନ୍ତି। ସେମାନେ ଏହାକୁ ବୁଝିବା ଉଚିତ। ତେବେ ଭବିଷ୍ୟତରେ ଆମ ସମ୍ପର୍କକୁ ପରିବାର ଗ୍ରହଣ କରିବା ନେଇ ମୋର ଆଶା ରହିଛି ବୋଲି ଦୂତୀ ପ୍ରକାଶ କରିଛନ୍ତି।

ଯାଜପୁରର ଚକ ଗୋପାଳପୁର ଗ୍ରାମର ଏକ ବୁଣାକାର ପରିବାରରେ ଜନ୍ମଗ୍ରହଣ କରିଥିବା ଦୂତୀ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥ୍‌ଲେଟ ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡରେ ସେ ରାଜ୍ୟ ତଥା ଦେଶକୁ ଅନ୍ତର୍ଜାତୀୟସ୍ତରରେ ଗୌରବାନ୍ୱିତ କରିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ଦୂତୀ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ସେ ୧୦୦ ଓ ୨୦୦ ମିଟର ଦୌଡ଼ରେ ଏହି ସଫଳତା ପାଇଥିଲେ। ଦୀର୍ଘ ୩୨ ବର୍ଷ ପରେ ସେ ପ୍ରଥମ ଭାରତୀୟ ଭାବେ ଏସିଆଡ୍‌ରେ ୧୦୦ମି. ଦୌଡ଼ରେ ରୌପ୍ୟ ପଦକ ଜିତିଥିଲେ। ଏବେ ଦୂତୀ ହାଇଦ୍ରାବାଦରେ ରହି ପ୍ରଶିକ୍ଷଣ ଜାରି ରଖିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ସେ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରକାଶଯୋଗ୍ୟ, ଦେହରେ ଅତ୍ୟଧିକ ପୁରୁଷ ହର୍‌ମୋନ ହାଇପର ଆଣ୍ଡ୍ରୋଜେନିଜମ୍ କାରଣରୁ ସେ ପ୍ରଥମେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ଦ୍ୱାରା ବାସନ୍ଦ ହୋଇଥିଲେ। ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ରେ ଆବେଦନ କରି ବିଜୟୀ ହେବା ସହ କ୍ରୀଡ଼ାକୁ ପୁଣି ପ୍ରତ୍ୟାବର୍ତ୍ତନ କରି ସଫଳତା ହାସଲ କରିଚାଲିଛନ୍ତି।

## ପ୍ରତିକ୍ରିୟା

**ରସୁଲପୁର, ୧୯।୫(ଡିଏନଏ)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଚକ ଗୋପାଳପୁର ଗାଁର ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦଙ୍କ ସମଲିଙ୍ଗୀ ବିବାହ ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଦୂତୀଙ୍କ ବଡ ଭଉଣୀ ତଥା ଅନ୍ୟତମ ଅନ୍ତର୍ଜାତୀୟ ଧାବିକା ସରସ୍ୱତୀ ଚାନ୍ଦ କହିଛନ୍ତି ଯେ, ''ଦୂତୀଙ୍କ ବିବାହ ପ୍ରସଙ୍ଗ ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ଜଣଙ୍କର ବ୍ୟକ୍ତିଗତ ମାମଲାକୁ ନେଇ ବାହାରେ ଚର୍ଚ୍ଚା ହେବା ଘଟଣାକୁ ସେ ପସନ୍ଦ କରନ୍ତି ନାହିଁ। ସାନଭଉଣୀ ଦୂତୀଙ୍କ ବିରୁଦ୍ଧରେ ଷଡଯନ୍ତ୍ର ହୋଇଛି। ତା'ର ଅର୍ଥକୁ ହଡପ କରିବା ସହ କ୍ୟାରିୟରକୁ ନଷ୍ଟ କରିବାକୁ ଚକ୍ରାନ୍ତ ହୋଇଛି''। ଏ ସମ୍ପର୍କରେ ଗାଁର ମୁରବି ଶ୍ରୀ ବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଦାସ କୁହନ୍ତି ଯେ, ''ଦୂତୀ ତାଙ୍କ ସାଥୀ ଝିଅଙ୍କ ସହ ରହିଥିବା ସମ୍ପର୍କକୁ ନେଇ ମତ ସ୍ପଷ୍ଟ କରିସାରିଛନ୍ତି । ତେବେ ତାଙ୍କର ବ୍ୟକ୍ତିଗତ ମାମଲାକୁ ନେଇ ଏତେ ଚର୍ଚ୍ଚା ହେବା ଠିକ୍ ନୁହେଁ। ସମ୍ପୂର୍ଣ୍ଣ ଘଟଣାକୁ ଲକ୍ଷ୍ୟ କଲେ ଦୂତୀଙ୍କ ସମ୍ପତ୍ତି ହଡପ ପାଇଁ ଏହା ଏକ ସୁଚିନ୍ତିତ ଯୋଜନା''।

ଦୂତୀଙ୍କ ମା ଅଖଜୀ ଚାନ୍ଦ ମତ କିନ୍ତୁ ଭିନ୍ନ ରଖିଛନ୍ତି । ସେ ଦୂତୀଙ୍କ ଉପରେ ଅଧିକ ମତ ରଖିବାକୁ ମନା କରିଦେଇଚନ୍ତି । ମାତ୍ର ସମଲିଙ୍ଗୀ ବିବାହକୁ ତାଙ୍କ ପରିବାର କେବେ ହେଲେ ଗ୍ରହଣ କରିବ ନାହିଁ । ଏହି ଘଟଣାକ୍ରମକୁ ସେ ଷଡଯନ୍ତ୍ର ବୋଲି ଆଖ୍ୟାଦେବା ସହ ନିଜ ସମ୍ପର୍କୀୟ ଏଥିରେ ସାମିଲ ଅଛନ୍ତି । ଦୂତୀ ଯାହାକୁ ମଣିଷ କଲା, ଯେଉଁ ଅନୁଷ୍ଠାନ ଦୂତୀକୁ ନେଇ ନାଁ କମାଇଲା । ସେହିମାନେ ସବୁ ଆଜି ତା ପାଇଁ ଓ ଆମ ପରିବାର ଲାଗି ଅସୁବିଧା ସୃଷ୍ଟି କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି ।

# ଯୁବରାଜଙ୍କ ଅବସର ଚିନ୍ତା

**ନୂଆଦିଲ୍ଲୀ, ୧୯।୫(ପି.ଟି.)**



ସୀମିତ ଓଭର କ୍ରିକେଟରେ ଭାରତର ଅନ୍ୟତମ ଶ୍ରେଷ୍ଠ କ୍ରିକେଟର ଯୁବରାଜ ସିଂ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ଗ୍ରହଣ କରିବା ଲାଗି ଗୁରୁତର ସହ ଚିନ୍ତା କରୁଛନ୍ତି। ଏଥିସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅନୁମୋଦିତ ବିଦେଶୀ ଟି୨୦ ଲିଗ୍‌ରେ ଜଣେ ଫ୍ରିଲାନ୍ସ (ଆତ୍ମନିଯୁକ୍ତ) କ୍ରିକେଟର ଭାବେ ଖେଳିବାକୁ ଚାହୁଁଛନ୍ତି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରୁ ଏଥିଲାଗି ଅନୁମତି ମିଳିବା ପରେ ପଞ୍ଜାବର ଏହି ବିସ୍ଫୋରକ ବାମହାତୀ ବ୍ୟାଟ୍ସମ୍ୟାନ ତାଙ୍କ ଅନ୍ତିମ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ଏଥିସହ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାର ଆଉ ସମ୍ଭାବନା ନାହିଁ ବୋଲି ଯୁବରାଜ ସ୍ୱୀକାର କରିସାରିଛନ୍ତି। 'ଯୁବରାଜ ଅନ୍ତର୍ଜାତୀୟ ଓ ପ୍ରଥମଶ୍ରେଣୀ କ୍ରିକେଟ୍‌ରୁ ଅବସର ନେବାକୁ ଚିନ୍ତା କରୁଛନ୍ତି। ଜିଟି୨୦ (କାନାଡା) ଏବଂ ଆୟର୍ଲାଣ୍ଡ ଓ ନେଦରଲାଣ୍ଡସରେ ହେବାକୁ ଥିବା ୟୁରୋ ଟି୨୦ ସ୍ଲାମ୍‌ରେ ଖେଳିବା ଲାଗି ଆସିଥିବା ଅଫର ବିଷୟରେ ସେ ବିସିସିଆଇ ସହିତ ସ୍ପଷ୍ଟ ଭାବେ ଆଲୋଚନା କରିବାକୁ ଚାହୁଁଛନ୍ତି' ବୋଲି ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି। ନିକଟରେ କାର୍‌ବୀୟନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଖେଳିବା ପାଇଁ ଇର୍ଫାନ ପଠାନ ତାଙ୍କ ନାମକୁ ଡ୍ରାଫ୍ଟକୁ ସୁପାରିସ କରିଥିଲେ। କିନ୍ତୁ ଇର୍ଫାନ ପ୍ରଥମଶ୍ରେଣୀ କ୍ରିକେଟରେ ସକ୍ରିୟ ରହିଥିବା ସତ୍ତ୍ୱେ ବିସିସିଆଇ ନିକଟରୁ ଅନୁମତି ନେଇ ନ ଥିଲେ। 'ଡ୍ରାଫ୍ଟରୁ ନାମକୁ ଉଠାଇ ନେବା ଲାଗି ଇର୍ଫାନଙ୍କୁ କୁହାଯାଇଥିଲା। ଯୁବରାଜଙ୍କ କ୍ଷେତ୍ରରେ ଆମେ ନିୟମକୁ ଚେକ୍ କରିବୁ। ଯଦି ସେ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେଇଯାଆନ୍ତି, ତଥାପି ସେ ବର୍ତ୍ତମାନ ବି ବିସିସିଆଇ ସ୍ୱୀକୃତିପ୍ରାପ୍ତ ଟି୨୦ ଲିଗ୍‌ରେ ଜଣେ ସକ୍ରିୟ ସଦସ୍ୟ। ଏ ନେଇ ଆମକୁ ନିୟମକୁ ଯାଞ୍ଚ କରିବାକୁ ପଡ଼ିବ' ବୋଲି ବିସିସିଆଇର ଏହି ବରିଷ୍ଠ ଅଧିକାରୀ ପିଟିଆଇକୁ ଏକ ସାକ୍ଷାତ୍କାର ଅବସରରେ କହିଛନ୍ତି। ଗତ ଆଇପିଏଲ୍‌ରେ ଯୁବରାଜ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ ମଧ ତାଙ୍କୁ ଖେଳିବାର ବେଶି ସୁଯୋଗ ମିଳି ନ ଥିଲା। ଏହା ହିଁ ଯୁବରାଜଙ୍କୁ ଭବିଷ୍ୟତ ବିଷୟରେ ଅଧିକ ଚିନ୍ତା କରିବାକୁ ବାଧ କରିଥିବା କୁହାଯାଉଛି। ଯଦି କାନାଡ଼ା ଓ ୟୁରୋ ଟି୨୦ ସ୍ଲାମ୍‌ରେ ଯୁବରାଜ ଖେଳନ୍ତି, ତେବେ ଏହି ଲିଗ୍‌ର ମାଇଲେଜ୍ ଆଶାତୀତ ଭାବେ ବଢ଼ିଯିବାର ସମ୍ଭାବନା ରହିଛି। ଡବ୍‌ଲିନରେ ଅନୁଷ୍ଠିତ ଟି୧୦ ଲିଗ୍‌ରେ ଯଦି ଜାହିର ଖାଁ ଓ ବୀରେନ୍ଦ୍ର ସେହ୍ୱାଗଙ୍କୁ ଖେଳିବାକୁ ଅନୁମତି ଦିଆଯାଇଛି, ତେବେ ଯୁବରାଜଙ୍କୁ କାହିଁକି ମିଳିବ ନାହିଁ ବୋଲି କିଛି ଲୋକ ପ୍ରଶ୍ନ କରିଛନ୍ତି। ଯଦି ଅବସରପ୍ରାପ୍ତ ଖେଳାଳିଙ୍କୁ ବିଗ୍ ବାସ୍ ଲିଗ୍, କାର୍‌ବୀୟନ ପ୍ରିମିୟର ଲିଗ୍, ବାଂଲାଦେଶ ପ୍ରିମିୟର ଲିଗ୍ ଆଦିରୁ ଖେଳିବାକୁ ଅଫର ଆସେ ତେବେ ଖେଳିବାରେ କୌଣସି ଅସୁବିଧା ନାହିଁ ବୋଲି ଏହି ଅଧିକାରୀ ଜଣଙ୍କ କହିଛନ୍ତି। ଯୁବରାଜ ଭାରତ ପକ୍ଷରୁ ୪୦ ଟେଷ୍ଟ, ୩୦୪ ଦିନିକିଆ ଓ ୫୮ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ସେ ୧୯୦୦ ରନ୍ କରିଥିବାବେଳେ ଦିନିକିଆରେ ୮୭୦୧ ରନ୍ କରିଛନ୍ତି, ଯେଉଁଥିରେ ୧୪ ଶତକ ଓ ୫୨ ଅର୍ଦ୍ଧଶତକ ସାମିଲ। ସେହିଭଳି ୮ଟି ଅର୍ଦ୍ଧଶତକ ସହ ଟି୨୦ରେ ୧୧୭୭ ରନ୍ କରିଛନ୍ତି। ଦିନିକିଆ ଓ ଟି୨୦ରେ ତାଙ୍କ ନାମରେ ଯଥାକ୍ରମେ ୧୧୧ ଓ ୨୮ ଉଇକେଟ୍ ସାମିଲ ରହିଛି।

# ରିଜର୍ଭ ଲିଷ୍ଟରେ ବ୍ରାଭୋ, ପୋଲାର୍ଡ





**ସେଣ୍ଟ ଜୋନ୍ସ (ଆଣ୍ଟିଗୁଆ), ୧୯।୫(ପି.ଟି.)**

ଆଇସିସି ବିଶ୍ୱକପ୍ ଲାଗି କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ରବିବାର ୧୦ ରିଜର୍ଭ ଖେଳାଳିଙ୍କ ନାମ ପ୍ରକାଶ ପାଇଛି। ଏହି ତାଲିକାରେ ଅବସର ନେଇସାରିଥିବା ଅଲ୍‌ରାଉଣ୍ଡର ଡ୍ୱେନ୍ ବ୍ରାଭୋଙ୍କ ସହ କିରନ ପୋଲାର୍ଡ ସ୍ଥାନ ପାଇଛନ୍ତି। ବ୍ରାଭୋ ଗତବର୍ଷ ଅକ୍ଟୋବରରେ ଅବସର ନେଇସାରିଥିବାବେଳେ ପୋଲାର୍ଡ ଶେଷଥର ପାଇଁ ୨୦୧୬ ଅକ୍ଟୋବରରେ ଦିନିକିଆ କ୍ରିକେଟରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଆଇପିଏଲ୍ ଦଳ ଚେନ୍ନାଇ ସୁପର୍ କିଙ୍ଗ୍ସର ଷ୍ଟାର୍ ଅଲ୍‌ରାଉଣ୍ଡର ବ୍ରାଭୋ ମଧ ୨୦୧୪ ଅକ୍ଟୋବରରେ ନିଜର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ୨୦୧୬ ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷ ଅନୁଷ୍ଠିତ ଟି୨୦ ଜାତୀୟ ଦଳ ପକ୍ଷରୁ ତାଙ୍କର ଅନ୍ତିମ ମ୍ୟାଚ୍ ଥିଲା। ବୋର୍ଡ ସହିତ ପାଉଣା ବିବାଦକୁ ନେଇ ମତାନ୍ତର ହେବାରୁ ୨୦୧୪ରେ ବ୍ରାଭୋଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା। ସେବେଠାରୁ ଜାତୀୟ କ୍ରିକେଟ୍ ବୋର୍ଡ ଓ ବ୍ରାଭୋଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

ଅପରପକ୍ଷରେ ପୋଲାର୍ଡ ୨୦୧୬ରେ ପାକିସ୍ତାନ ବିପକ୍ଷରେ ନିଜର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ଗତବର୍ଷ ନଭେମ୍ବରରେ ଭାରତ ବିପକ୍ଷ ଟି୨୦ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ବିଶ୍ୱକପ୍ ଲାଗି ଘୋଷିତ ରିଜର୍ଭ ଖେଳାଳି ଲିଷ୍ଟରେ ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ଆମ୍ବ୍ରିସ, ଜନ୍ କ୍ୟାମ୍ପବେଲ, ଜୋନାଥନ କାର୍ଟର, ରୋଷ୍ଟନ ଚେଜ୍, ଶେନ୍ ଡାର୍‌ୱିଚ, କେମୋ ପଲ୍, ଖାରୀ ପିୟର ଓ ରୟମନ ରେଇଫର୍ ସ୍ଥାନ ପାଇଛନ୍ତି। 'ବିଶ୍ୱକପ୍ ମଝିରେ ଯଦି ଖେଳାଳି ବଦଳ ଆବଶ୍ୟକ ହୁଏ, ତେବେ ଏମାନଙ୍କ ମଧ୍ୟରୁ ଚୟନ କରାଯିବ' ବୋଲି ସିଡବ୍ଲ୍ୟୁଆଇ ଚୟନ କମିଟିର ଅନ୍ତରୀଣ ଅଧ୍ୟକ୍ଷ ରବର୍ଟ ହେନ୍ସ କହିଛନ୍ତି। ଇଂଲଣ୍ଡର ସାଉଥ୍‌ହମ୍ପଟନ୍‌ଠାରେ ରବିବାରଠାରୁ ୱେଷ୍ଟଇଣ୍ଡିଜ ଏହାର ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ କରିଛି। ଆସନ୍ତା ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ମେ ୩୧ରେ ପାକିସ୍ତାନ ବିପକ୍ଷରୁ ୱେଷ୍ଟଇଣ୍ଡିଜ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।




# ସୁମିତ ବୋଷ ସ୍ମାରକୀ କ୍ରିକେଟ: ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

**କଟକ ଅଫିସ, ୧୯।୫**

ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ରବିବାର ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ବାଳକ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି । ଜୁଭେନାଇଲ କ୍ଲବକୁ ୬୮ରନରେ ପରାସ୍ତ କରି ୟୁନିୟନ ସ୍ପୋର୍ଟିଂ କ୍ଲବ ଟାଇଟଲ ହାସଲ କରିଛି । ବିମଳ ଦାସ ୬ ଉଇକେଟ ଦଖଲ କରି ୟୁନିୟନ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୯ ଉଇକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିଲା । ଚିତ୍ତରଞ୍ଜନ ବେହେରା ୪୪ରନ, ନୀତୀଶ ମୁଦୁଲି ୩୭ରନ ଓ ଦୀପକ ରଞ୍ଜନ ବେହେରା ୨୫ରନର ଅପରାଜିତ ଇନିଂସ ଖେଳିଥିଲେ । ଜୁଭେନାଇଲ ପକ୍ଷରୁ ସାଇଦୀପ ମହାପାତ୍ର ଓ ସୌରଭ ସ୍ୱାଇଁ ୩ଟି ଲେଖାଏ ଉଇକେଟ ହାସଲ କରିଛନ୍ତି । ୧୮୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଜୁଭେନାଇଲ ଦଳ ୧୧୩ରନରେ ଅଲଆଉଟ ହୋଇଥିଲା । ସାଇଦୀପ ଦଳ ପକ୍ଷରୁ ସର୍ବାଧିକ ୩୭ରନ କରିଥିଲେ। ୟୁନିୟନ ଦଳର ବିମଳ ୮ଓଭର ବୋଲିଂ କରି ୩୦ରନ ବିନିମୟରେ ସର୍ବାଧିକ ୬ଟି ଉଇକେଟ ହାସଲ କରିଛନ୍ତି। ଯଜ୍ଞଜିତ ସାହୁ ଓ ନୀତୀଶ ମୁଦୁଲିଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି । ବିମଳ ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ ହୋଇଥିଲେ। ଯଜ୍ଞଜିତ ସାହୁ ମ୍ୟାନ ଅଫ ଦି ସିରିଜ, ସାଇଦୀପ ମହାପାତ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବିମଳ ଦାସ ଶ୍ରେଷ୍ଠ ବୋଲର, ସମ୍ବିତ କୁମାର ସାହୁ ଶ୍ରେଷ୍ଠ ଉଇକେଟ କିପର, କେ. କିରଣ କୁମାର ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱଭାରତୀ କ୍ଲବ ସମ୍ପାଦକ ସୌମିତ୍ରା ଚୌଧୁରୀ, ସଭାପତି ବିଶ୍ୱଜିତ ମହାନ୍ତି, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି, ଏସ୍‌ସିବି ମେଡ଼ିକାଲ କଲେଜର କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ଅତିଥି ଭାବେ ଉପସ୍ଥିତ ଥିଲେ । ଅମ୍ପାୟର ସୌମେନ୍ଦ୍ର ପାତ୍ର, ସତ୍ୟଜିତ ଦାସ ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ବିଶ୍ୱରଞ୍ଜନ ଦାସ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।



ସୋମବାର ଗୁଆହାଟୀରେ ଆରମ୍ଭ ହେବାକୁଥିବା ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ମୋର ଆଭିମୁଖ୍ୟ ଅଧିକ ଆକ୍ରମଣାତ୍ମକ ରହିବ।
– ଶିବା ଥାପ୍ପା, ଭାରତୀୟ ବକ୍ସର



ଅଷ୍ଟ୍ରେଲିଆ ଭଳି ଟପ୍ ଟିମ୍ ବିପକ୍ଷରେ ଖେଳିବା ବେଳେ ଭାରତୀୟ ହକି ଦଳକୁ ଗୋଲ ବ୍ୟବଧାନ ହ୍ରାସ ଉପରେ ଧ୍ୟାନ ଦେବାକୁ ପଡ଼ିବ।
–ଗ୍ରାହମ ରିଡ୍, ଭାରତର ନୂଆ ହକି କୋଚ୍





ଜାତୀୟ କ୍ୟାମ୍ପ ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ଖେଳାଳିମାନେ।

# କଳିଙ୍ଗରେ ଭାରତୀୟ ହକି କ୍ୟାମ୍ପ ଆଜିଠାରୁ

## ୫ ଓଡ଼ିଆଙ୍କ ସହ ୩୨ ଖେଳାଳି ସାମିଲ

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**

ଅଷ୍ଟ୍ରେଲିଆ ଟୁର୍ ଶେଷ କରି ୧୮ ଜଣିଆ ଭାରତୀୟ ହକି ଦଳ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କ ସହ କୋର୍ ଗ୍ରୁପ୍‌ର ୧୪ ଖେଳାଳି ଯୋଗ ଦେଇଛନ୍ତି। ଏହି ୩୨ ଜଣଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଦଳର କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବ। ଏମାନଙ୍କ ମଧ୍ୟରେ ୫ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ନିଲମ ସଞ୍ଜୀପ୍ ଖେସ୍, ଆଶିଷ କୁମାର ଟପ୍ପୋ ଓ ଶିଳାନନ୍ଦ ଲାକ୍ରା। ଜୁନ ୬ରୁ ଏଠାରେ ଆରମ୍ଭ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ପାଇଁ ଦଳ ଏଠାରେ ପ୍ରସ୍ତୁତ ହେବ।

ଅଷ୍ଟ୍ରେଲିଆ ଗସ୍ତରୁ ଫେରିଥିବା ୧୮ ଜଣଯାକ ସଦସ୍ୟଙ୍କୁ ହକି ଇଣ୍ଡିଆ କ୍ୟାମ୍ପରେ ଅପରିବର୍ତ୍ତିତ ରଖିଛି। ଏହି ଗସ୍ତରେ ଭାରତୀୟ ଦଳ ୱେଷ୍ଟର୍ନ ଅଷ୍ଟ୍ରେଲିଆ ଥଣ୍ଡରଷ୍ଟିକ୍ସ ଓ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୨ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖିଥିଲା। ପରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ନିକଟରୁ ଦଳ ୨ଟି ମ୍ୟାଚ ହାରି ଯାଇଥିଲା। କ୍ୟାମ୍ପ ପାଇଁ ଗୋଲକିପର ପି.ଆର.ଶ୍ରୀଜେଶ, ସୁରଜ କରକେରା ଓ କ୍ରିଷ୍ଣନ ବାହାଦୁର ପାଠକଙ୍କୁ ସାମିଲ କରାଯାଇଛି। ସେହିପରି ଡିଫେଣ୍ଡର ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ ସିଂ, ଗୁରିନ୍ଦର ସିଂ, କୋଥାଜିତ ସିଂ ଖାଡ଼ାଙ୍ଗବାମ୍, ନୀଲମ ସଞ୍ଜୀବ ଖେସ୍, ଜରମନପ୍ରୀତ ସିଂଙ୍କୁ ଡାକରା ଦିଆ ଯାଇଛି। ସେହିପରି ମିଡ୍‌ଫିଲ୍ଡର ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ସଚକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ ଏବଂ ଫରୱାର୍ଡ ମନଦୀପ ସିଂ, ଆକାଶଦୀପ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ ସିଂ, ସମସେର ସିଂ, ଏସ.ଭି. ସୁନୀଲ ଓ ଗୁରଜାନ୍ତ ସିଂଙ୍କୁ ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍ ଏହି କ୍ୟାମ୍ପରେ ସାମିଲ କରିଛନ୍ତି।

ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ଟୁର୍ ସମ୍ପର୍କରେ ରିଡ୍ କହିଲେ ଯେ, "ଏହି ଗସ୍ତରୁ ଭାରତୀୟ ଦଳ ସମ୍ପର୍କରେ ଜାଣିବା ପାଇଁ ମୋତେ ବିଶେଷ ସୁଯୋଗ ମିଳିଲା। ବିଶ୍ୱର ୨ ନମ୍ବର ଦଳ ତୁଳନାରେ ଭାରତୀୟ ଦଳ କେଉଁ ସ୍ଥାନରେ ରହିଛି ତାହା ଜାଣି ପାରିଲି। ୨୦୧୮ରେ ହକି ବିଶ୍ୱକପ ପରଠାରୁ ଅଷ୍ଟ୍ରେଲିଆ ଖେଳାଳିମାନେ ଏଫଆଇଏଚ୍ ପ୍ରୋ –ଲିଗ୍‌ରେ ନିୟମିତଭାବେ ବିଶ୍ୱଶ୍ରେଣୀୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଖେଳି ଆସୁଛନ୍ତି। ତାଙ୍କ ବିପକ୍ଷରେ ୨ଟି ମ୍ୟାଚରେ ଏହା ପ୍ରତିଫଳିତ ହେଲା। ଆମେ ଅଲିମ୍ପିକ୍ସ ଯୋଗ୍ୟତା ଉପରେ ନଜର ରଖିଥିବାରୁ ଏହି ଗସ୍ତ ବେଶ୍ ଉପାଦେୟ ହୋଇଛି। ଏହାବ୍ୟତୀତ ଭୁବନେଶ୍ୱରରେ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ପାଇଁ ମଧ୍ୟ ଭଲ ପ୍ରସ୍ତୁତି ହୋଇ ପାରିଛି। ବିଶ୍ୱ ଶ୍ରେଣୀୟ ଦଳ ବିପକ୍ଷରେ ଚାପ ପରିସ୍ଥିତିରେ ଖେଳାଳିଙ୍କ ପ୍ରଦର୍ଶନକୁ ମୁଁ ନିକଟରୁ ଦେଖିବା ସୁଯୋଗ ପାଇଛି। ଆମେ କେବଳ କୌଣସି ଗୋଟିଏ କ୍ୱାର୍ଟରରେ ନୁହେଁ ପୂରା ଗେମ୍‌ରେ ସ୍ଥିର ପ୍ରଦର୍ଶନ ବଜାୟ ରଖିବା ଆବଶ୍ୟକ ରହିଛି''। ଆକ୍ରମଣାତ୍ମକ ବିଭାଗରେ ଉନ୍ନତି ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ୫୫ ବର୍ଷୀୟ ରିଡ୍ ପ୍ରକାଶ କରିଛନ୍ତି। "ଅଷ୍ଟ୍ରେଲିଆ ପରି ଦଳ ବିପକ୍ଷରେ ଭଲ ଫଳାଫଳ ପାଇବାକୁ ହେଲେ ଆମକୁ ଚାପ ପରିସ୍ଥିତିରେ ମଧ୍ୟ ଗୋଲ ସ୍କୋର କରିବାକୁ ପଡ଼ିବ। ଏହି ସମୟରେ ଆମ ଡିଫେଣ୍ଡରଙ୍କୁ ମଧ୍ୟ ସତର୍କତାର ସହିତ ପ୍ରତିପକ୍ଷ ଦଳ ଉପରେ ନଜର ରଖିବାକୁ ହେବ। ଭୁବନେଶ୍ୱରରେ ହେବାକୁଥିବା କ୍ୟାମ୍ପରେ ମୁଁ ବ୍ୟକ୍ତିଗତଭାବେ ଏହା ଉପରେ ବିଶେଷ ଧ୍ୟାନ ଦେବି। ବିଶ୍ୱ ହକିରେ ଏବେ ପାୱାର ଓ ସ୍ପିଡ୍‌ର ଗୁରୁତ୍ୱ ବଢ଼ି ଯାଇଛି। ତେଣୁ ଆମକୁ ଏହି ବିଭାଗରେ ଉନ୍ନତି ଆଣିବାକୁ ପଡ଼ିବ। ଏହା ଏକ ଦୀର୍ଘ ମିଆଦି ଯୋଜନା ହୋଇଥିଲେ ହେଁ ଏବେ ଏହା ଉପରେ ଫୋକସ ରହିବ'' ବୋଲି ଅଷ୍ଟ୍ରେଲିଆର ରିଡ୍ ପ୍ରକାଶ କରିଛନ୍ତି। ଆଗାମୀ କ୍ୟାମ୍ପରେ ଭୁବନେଶ୍ୱର ପରିବେଶ ସହିତ ଖାପ ଖୁଆଇବା ସମ୍ପର୍କରେ ରିଡ୍ କହିଲେ ଯେ, "ପ୍ରଥମ ସପ୍ତାହରେ ହାଲ୍‌କା ଟ୍ରେନିଂ ଦିଆଯିବ। କାରଣ ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିବା ଖେଳାଳିମାନେ କ୍ଲାନ୍ତ ଥିବାବେଳେ କୋର୍ ଗ୍ରୁପର ଅନ୍ୟ ଖେଳାଳିମାନେ ଗତ ୨ ସପ୍ତାହଧରି ବେଙ୍ଗାଲୁରୁଠାରେ କଠିନ ଟ୍ରେନିଂ ନେଇଛନ୍ତି। ତେଣୁ ସେମାନଙ୍କୁ ରିଫ୍ରେଶ ହେବାପାଇଁ କିଛିଦିନ ସମୟ ଲାଗିବ। ଭୁବନେଶ୍ୱରରେ ଏବେ ଭୀଷଣ ଗରମ ହେଉଛି। ତେଣୁ ଏହାକୁ ଏଡ଼ାଇବା ପାଇଁ ଆମେ ସକାଳବେଳା ଏବଂ ରାତିରେ ଅଭ୍ୟାସ କରିବାକୁ ପସନ୍ଦ କରିବୁ। ପ୍ରକାଶ ଯୋଗ୍ୟ, କ୍ୟାମ୍ପରେ ଯୋଗ ଦେଇଥିବା ୩୨ ଖେଳାଳିଙ୍କ ବ୍ୟତୀତ ଚିଙ୍ଗଲେନସାନା ସିଂ କାଙ୍ଗୁଜାମ, ଲଳିତ କୁମାର ଉପାଧ୍ୟାୟ, ରମଣଦୀପ ସିଂ ଓ ଓଡ଼ିଶାର ଦୀପସାନ ତିର୍କୀ ଏବେ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ରିହାବିଲିଟେଶନରେ ରହିଛନ୍ତି।

### କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳି

**ଗୋଲକିପର:** ପି.ଆର. ଶ୍ରୀଜେଶ, ସୁରଜ କରକେରା, କ୍ରିଷ୍ଣନ ବାହାଦୁର ପାଠକ।
**ଡିଫେଣ୍ଡର:** ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, କୋଥାଜିତ ସିଂ ଖାଡାଙ୍ଗବାମ୍, ନୀଲମ ସଞ୍ଜୀପ ଖେସ୍, ଜରମନପ୍ରୀତ ସିଂ।
**ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ଜସକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ୍।
**ଫରୱାର୍ଡ:** ମନଦୀପ ସିଂ, ଆକାଶଦୀପ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ ସିଂ, ସମସେର ସିଂ, ଅର୍ମାନ କୁରେଶି, ସୁମିତ କୁମାର, ସିମରନଜିତ ସିଂ, ଏସ.ଭି. ସୁନୀଲ, ଗୁରଜାନ୍ତ ସିଂ।

## ସଂକ୍ଷେପରେ

### ବିଶ୍ୱ ଚାମ୍ପିୟନ ଗଟ୍‌ଲିନଙ୍କୁ ସ୍ୱର୍ଣ୍ଣ

**ଓସାକା, ୧୯।୫(ଏଏଫ୍‌ପି):** ଏଠାରେ ଚାଲିଥିବା ଗୋଲ୍ଡେନ ଗ୍ରାଁ ପ୍ରି ପ୍ରତିଯୋଗିତାର ପୁରୁଷ ୧୦୦ ମିଟର ଦୌଡ଼ରେ ଜଷ୍ଟିନ ଗଟ୍‌ଲିନ ଜାପାନର ୟୋଶିହିଦେ କିରୟୁଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୭ ବର୍ଷୀୟ ଗଟ୍‌ଲିନ ୧୦ ସେକେଣ୍ଡ ମଧ୍ୟରେ ରେସ୍ ଶେଷ କରି ଏହି ସଫଳତା ପାଇଛନ୍ତି। ଓସାକାଠାରେ ଅନୁଷ୍ଠିତ ଆଇଏଏଏଫ୍ ୱାର୍ଲ୍ଡ ଚ୍ୟାଲେଞ୍ଜରେ ସେ ଜାପାନିଜ୍ ରନର କିରୟୁଙ୍କୁ ସେକେଣ୍ଡର ଏକ ଶତାଂଶ ସମୟରେ ପରାସ୍ତ କରିଛନ୍ତି। ଇଣ୍ଡୋନେସିଆର ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଲାଲୁ ମହମ୍ମଦ ଜୋହରି (୧୦.୦୩ ସେକେଣ୍ଡ) ଜାତୀୟ ରେକର୍ଡ ଭଙ୍ଗ କରିବା ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆମେରିକାର ମାଇକେଲ ନରମାନ ୨୦୦ ମି. ଦୌଡ଼କୁ ୧୯.୮୪ ସେକେଣ୍ଡରେ ଶେଷକରି ପ୍ରତିଯୋଗିତାର ଶ୍ରେଷ୍ଠ ଟାଇମିଂ ହାସଲ କରିଛନ୍ତି। ନରମାନ ୨୦ ବର୍ଷର ପୁରୁଣା ରେକର୍ଡକୁ ୦.୦୩ ସେ. ପଛରେ ପକାଇଛନ୍ତି।

### ହେଭିୱେଟ ଟାଇଟଲ ବଜାୟ ରଖିଲେ ୱାଇଲ୍ଡର

**ନ୍ୟୁୟର୍କ, ୧୯।୫(ଏଏଫ୍‌ପି):** ଆମେରିକୀୟ ପେସାଦାର ବକ୍ସର ଡେଓଣ୍ଟେ ୱାଇଲ୍ଡର ୱାର୍ଲ୍ଡ ବକ୍ସିଂ କାଉନସିଲ (ଡବ୍ଲୁବିସି) ହେଭିୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ଏଠାରେ ଅନୁଷ୍ଠିତ ମୁକାବିଲାରେ ୩୩ ବର୍ଷୀୟ ୱାଇଲ୍ଡର ଦମ୍‌ଦାର ପ୍ରଦର୍ଶନ କରି ପ୍ରଥମରାଉଣ୍ଡରେ ହିଁ ନିଜ ଦେଶର ଅନ୍ୟତମ ପେସାଦାର ବକ୍ସର ଡୋମିନିକ ବ୍ରିଜେଲ୍‌ଙ୍କୁ ହରାଇ ଡବ୍ଲୁବିସି ହେଭିୱେଟ୍ ବକ୍ସିଂରେ ନିଜର ପ୍ରଭାବ ବଜାୟ ରଖିବାରେ ସଫଳ ହୋଇଛନ୍ତି। ହେଭିୱେଟ ଇତିହାସରେ ୱାଇଲ୍ଡର ନିଜ ଡାହାଣହାତର ସକ୍ଷମତା ନେଇ ବେଶ୍ ପରିଚିତ। ଓପନିଂ ରାଉଣ୍ଡରେ ମାତ୍ର ୪୩ ସେକେଣ୍ଡରେ ମାତ୍ର ଗୋଟିଏ ପଞ୍ଚ୍‌ରେ ହିଁ ୱାଇଲ୍ଡର ପ୍ରତିପକ୍ଷ ଡୋମିନିକଙ୍କୁ ଧାରାଶାୟୀ କରିଥିଲେ। ଏପର୍ଯ୍ୟନ୍ତ ସେ ୪୨ ବାଉଟ୍‌ରେ ଅଂଶଗ୍ରହଣ କରି ୪୧ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ବାଉଟ୍‌କୁ ଅମୀମାଂସିତ ରଖିଥିଲେ।

# ଟିରପ୍‌ଙ୍କୁ ମହିଳା, ବେଲିହୁଙ୍କୁ ପୁରୁଷ ଟାଇଟଲ

**ବାଙ୍ଗାଲୋର, ୧୯।୫ (ପି.ଟି.)**

କେନିଆର ଆଗ୍ନେସ ଟିରପ୍ ଏବଂ ଇଥିଓପିଆର ଆଣ୍ଡାମ୍‌ଲାକ ବେଲିହୁ ଏଠାରେ ରବିବାର ଅନୁଷ୍ଠିତ ଟିସିଏସ୍ ୱାର୍ଲ୍ଡ ୧୦କେ ବେଙ୍ଗାଲୁରୁ ୨୦୧୯ରେ ଯଥାକ୍ରମେ ମହିଳା ଓ ପୁରୁଷ ଟାଇଟଲ ଜିତିଛନ୍ତି। ବେଲିହୁ ୨୭ ମିନିଟ ୫୬ ସେକେଣ୍ଡ ଟାଇମିଂରେ ଆଇଏଏଏଫ୍ ଗୋଲ୍ଡ ଲେଭଲ ରୋଡ୍ ରେସ୍ ଶେଷ କରିଥିଲେ। ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂଠାରୁ ୮ ସେକେଣ୍ଡ ଏବଂ କୋର୍ସ ରେକର୍ଡଠାରୁ ୧୨ ସେକେଣ୍ଡ ପଛରେ ରହିଥିଲେ। ୨୦ବର୍ଷୀୟ ଇଥିଓପିଆନ ଆଥ୍‌ଲେଟ୍ କହିଛନ୍ତି, ୨୬ ଡିଗ୍ରୀ ସେଲସିଅସ ତାପମାତ୍ରା ଓ ଆର୍ଦ୍ରତା ପରିବେଶରେ ଦୌଡ଼ିବା କଷ୍ଟକର ଥିଲା। ଉଗାଣ୍ଡାର ମାଣ୍ଡେ ବୁସେଣ୍ଡିଜ୍ ୨୮:୦୩ ଟାଇମିଂରେ ଦ୍ୱିତୀୟ ହୋଇଥିଲେ। ଅନ୍ୟପକ୍ଷରେ ବର୍ଷ ଆରମ୍ଭରେ ଟୋକିଓ ମାରାଥନ ବିଜେତା ତଥା ଗତ ଡିସେମ୍ବରରେ ଟାଟା ଷ୍ଟିଲ୍ କୋଲକାତା ୨୫କେ ବିଜେତା ଇଥିଓପିଆର ବୀରହାନୁ ଲିଗିଜ୍ (୨୮:୨୩) ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ଆଗ୍ନେସ ଟିରପ୍ ଏଠାରେ ତାଙ୍କ କୋର୍ସ ରେକର୍ଡଠାରୁ ୨ ମିନିଟ୍ ପଛରେ ରେସ୍ ଶେଷ କରିଥିଲେ। କିନ୍ତୁ ୨୦୧୭ ଆଇଏଏଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୧୦,୦୦୦ ମିଟର ବ୍ରୋଞ୍ଜ ପଦକ ବିଜୟିନୀ ତାଙ୍କ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛନ୍ତି। ବେଙ୍ଗାଲୁରୁ ରେସ୍‌ର ୧୨ ବର୍ଷର ଇତିହାସରେ ପଛକୁ ପଛ ଟାଇଟଲ ଜିତିବାରେ ସେ ପ୍ରଥମ ମହିଳା ବିବେଚିତ ହୋଇଛନ୍ତି। ପୁରୁଷ ତୁଳନାରେ ମହିଳା ରେସ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। କେନିଆର ଆଥଲେଟଙ୍କ ପଛରେ ଇଥିଓପିଆର ୪ ମହିଳା ରହିଥିଲେ। ସେନବେରେ ଟେଫେରି ଏବଂ ଲେଟ୍‌ସେନବେଟ୍ ଗିଡେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଉଭୟଙ୍କ ଫିନିଶିଂ ଟାଇମିଂ ୩୩:୫୫ ରହିଥିଲା। ୨୦୧୮ ୱାର୍ଲ୍ଡ ହାଫ୍ ମାରାଥନ ଚାମ୍ପିୟନ ନେଟସାନେଟ୍ ଗୁଡେଟା (୩୩:୫୬)ଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ପ୍ଲିସ୍‌କୋଭା ଚାମ୍ପିୟନ

**ରୋମ୍, ୧୯।୫ (ଏଏଫ୍‌ପି)**

ଚତୁର୍ଥ ସିଡ୍ ତଥା ଚେକ୍‌ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା ଡବ୍ଲୁଟିଏ ଇଟାଲିଆନ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଫାଇନାଲରେ ସେ ବ୍ରିଟେନର ଜୋହାନା କୋଣ୍ଟାଙ୍କୁ ୬–୩, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ୨୦୧୭ ଫ୍ରେଞ୍ଚ ଓପନ ସେମିଫାଇନାଲିଷ୍ଟଙ୍କର ଏହା ହେଉଛି କ୍ୟାରିୟର ୧୩ତମ ଟାଇଟଲ। ଆସନ୍ତା ୨୬ ତାରିଖରେ ଆରମ୍ଭ ହେବାକୁ ଥିବା ରୋଲାଣ୍ଡ ଗ୍ୟାରୋସ ପୂର୍ବରୁ ଏହାଥିଲା ତାଙ୍କର ଅନ୍ତିମ ତଥା ପ୍ରମୁଖ ୱାର୍ମଅପ୍ ଟୁର୍ନାମେଣ୍ଟ। ପୂର୍ବତନ ରୋମ୍ ଚାମ୍ପିୟନ କୋଞ୍ଚିତା ମାର୍ଟିନେଜଙ୍କଠାରୁ କୋଚିଂ ନେଉଥିବା ୨୭ ବର୍ଷୀୟା ଟେନିସ୍ ଖେଳାଳି କହିଛନ୍ତି, ମୋ ପାଇଁ ଏହି ସପ୍ତାହଟି ଖୁବ୍ ଭଲ ଥିଲା। କାରଣ ଏହି ସମୟ ମଧ୍ୟରେ ମୋତେ କେତୋଟି କଠିନ ମ୍ୟାଚ ଖେଳିବାକୁ ହୋଇଥିଲା। ମୁଁ ଲଢେଇ କରି ସେଥିରେ ବିଜୟ ଲାଭ କରିପାରିଥିଲି।



ଓଡ଼ିଶା–ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ ।

# ରୋମାଞ୍ଚକ ବିଜୟ ସହ ସେମିରେ ଓଡ଼ିଶା

**କଟକ ଅଫିସ,୧୯।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ–୨୦୧୯(ଡିଭିଜନ–ଏ)ରେ ହକି ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ମୁକାବିଲାରେ ହକି ଓଡ଼ିଶା ୩–୨ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପଲୁସ ଲାକ୍ରା ଫିଲ୍ଡ ଗୋଲ ମାଧ୍ୟମରେ ୨ମିନିଟରେ ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ । ୧୯ତମ ମିନିଟରେ ମଧ୍ୟପ୍ରଦେଶ ଏହି ଗୋଲ ସୁଝିଥିଲା। ଶ୍ରେୟାସ ଧୂପେ ଫିଲ୍ଡ ଗୋଲ ମାଧ୍ୟମରେ ଉକ୍ତ ସ୍କୋର କରିଥିଲେ। ପରେ ୩୮ତମ ମିନିଟରେ ପଲୁସଙ୍କ ଷ୍ଟିକରୁ ଓଡ଼ିଶା ଦ୍ୱିତୀୟ ଗୋଲ ହାସଲ କରିଥିଲା । ଏହାର ୧୧ମିନିଟ ପରେ ତଥା ୪ର୍ଥ କ୍ୱାର୍ଟରରେ ମଧ୍ୟପ୍ରଦେଶ ଷ୍ଟ୍ରାଇକର ଶ୍ରେୟାସ ପୁର୍ନବାର ଏକ ଗୋଲ ଦେଇ ମ୍ୟାଚ୍‌କୁ ୨–୨ ସ୍ଥିତିରେ ପହଞ୍ଚାଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଶେଷ ହେବାର କିଛି ସେକେଣ୍ଡ ପୂର୍ବରୁ ଓଡ଼ିଶାକୁ ଏକ ପେନାଲ୍ଟି କର୍ନରର ସୁଯୋଗ ମିଳିଥିଲା । ରାଜମୋନ ତିଲେ ଏହାକୁ ଗୋଲରେ ପରିବର୍ତ୍ତନ କରି ହକି ଓଡ଼ିଶାକୁ ରୋମାଞ୍ଚକର ବିଜୟ ପ୍ରଦାନ କରିଛନ୍ତି ।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ନବକିଶୋର ନାୟକ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୫।୧୯୪୫
ତିରୋଧାନ: ୦୯।୦୫।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁ କି ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣ ଦର୍ଶାଇଥିବା ମାର୍ଗ ଏବଂ ଶିଖାଇଥିବା ସଂସ୍କାର ଆଗକୁ ଜୀବନ ମାର୍ଗରେ ସହାୟକ ହେଉ।
ଆପଣଙ୍କର ଶୋକସନ୍ତପ୍ତ
ସ୍ତ୍ରୀ– କାଦମ୍ବିନୀ, ପୁତ୍ର– ନିର୍ମଳ, ବୋହୂ– ଶର୍ମିଳା, ନାତି–ଆୟନ, ନାତୁଣୀ– ଆଦ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ–୬୬୩୭୦

ତୃତୀୟ ତମ ଜନ୍ମଦିନ ଶୁଭେଚ୍ଛା



ସୂର୍ଯ୍ୟକାନ୍ତ ରାଉତ (ରିଶି)
ହରେକୃଷ୍ଣ ନଗର, ନୀଳାଦ୍ରି ବିହାର, ଭୁବନେଶ୍ୱର
ଆଜି ତୋର ତୃତୀୟ ତମ ଜନ୍ମଦିନ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାପା, ବୋଉ, ଜେଜେ ମା, ବଡ଼ ବାପା, ବଡ଼ବୋଉ, କୁଲୁ, ସୋନୁ, ହନିଷ୍ଟା, ସୋନାଲି, ଦିପକ, ନନ୍ଦିନୀ, କଣ୍ଢେଇ, ଟିକିନା।
ଧ–୧୨୫୬୧

Birthday Wish



JANVI (JUHI)
Wishing you a birthday filled with sweet moments and wonderful memories to cherish always.
Happy birth day
Wishes from: Papa, Mama, Chachu, Chachi, Mausa, Mausi, Jeet, Chintu, Pinu, Rishi, Maa, Aae.
D-12563

Birthday Wish



DEEPI
Happy Birthday to a special person who is bringing so much joy to my heart. I am thankful for every moment, we spend together. I wish our happiness never ends.
Happy Birthday Deepi
Best Wishes from:
Bubu, Family & relatives
D-12568

୧୩ତମ ଜନ୍ମଦିନ ଶୁଭେଚ୍ଛା



ରିଦିମା (ସୋନିଆ)
ପ୍ଲଟ୍ ନଂ. ୩୨୫୧, ଚକେଇସିଆଣି
ଆଜି ତୋର ୧୩ତମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳମୟ ଭବିଷ୍ୟତ, ଦୀର୍ଘ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ:
ପାପା, ମାମା, ଜେଜେ, ମା, ଅଜା, ଆଈମାନେ, ମାମୁଁ, ମାଈଁ, କାକୁ, କାକି, ପିଉସା, ପିଉସୀମାନେ, ଲୁବୁନ୍, ଓମ୍, ମାହି ଓ ପରିବାରବର୍ଗ।
ଧ–୧୨୪୪୯

# କ୍ଲିନିକ୍‌ରେ ଯୁବତୀଙ୍କ ମୃତ୍ୟୁ, ଉତ୍ତେଜନା

**ସୋର,୧୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲଟି ଅନ୍ତର୍ଗତ ଅଡ଼ଙ୍ଗବଜାରରେ ଥିବା ଏକ କ୍ଲିନିକରେ ଜଣେ ଯୁବତୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ସୋର ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଛି। ପୋଲିସ ଶବ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଜଣାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଥାନାରେ ମାମଲା (ନଂ. ୨୨୮/୨୦୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁଯାୟୀ ସୋର ଥାନା ବାଗୁଡ଼ି ଗ୍ରାମର ଗୌରାଙ୍ଗ ଦାସଙ୍କ ଝିଅ ସସ୍ମିତା(୨୦)ଙ୍କୁ ଦୁଇଦିନ ହେଲା ଥଣ୍ଡା ଜ୍ୱର ହୋଇଥିଲା। ରବିବାର ପୂର୍ବାହ୍ନରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଅଡ଼ଙ୍ଗବଜାରସ୍ଥିତ ଏକ କ୍ଲିନିକକୁ ଆଣିଥିଲେ। ସେଠାରେ ଡାକ୍ତର ଯୁବତୀଙ୍କୁ ଦେଖିବା ପରେ ପ୍ରେସକ୍ରିପଶନ୍ ଲେଖିଥିଲେ। ପ୍ରେସକ୍ରିପଶନ ଅନୁସାରେ ଅଡ଼ଙ୍ଗବଜାରରେ ଥିବା ଏକ ମେଡିସିନ ଷ୍ଟୋର୍‌ରୁ ଔଷଧ ଓ ଇଞ୍ଜେକଶନ ଅଣାଯାଇଥିଲା। ଡାକ୍ତର ନିଜେ ଇଞ୍ଜେକଶନ ଦେଇଥିଲେ। ଇଞ୍ଜେକଶନ ଦେବାର କିଛି ସମୟ ପରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଯୁବତୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ପରିବାର ଲୋକେ ଓ ସମ୍ପର୍କୀୟମାନେ କ୍ଲିନିକ୍‌ରେ ପାଟିତୁଣ୍ଡ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ଧାମନଗର, ୧୯।୫ (ଡି.ଏନ.ଏ.):**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଫଳପୁର ଗ୍ରାମର ପ୍ରତାପ ତ୍ରିପାଠୀଙ୍କ ସ୍ତ୍ରୀ ମମତା ତ୍ରିପାଠୀ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଏନେଇ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ୧୦/୧୮) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପ୍ରତାପ ବାହାରେ ରହି କାମ କରନ୍ତି। ତାଙ୍କର ଦୁଇ ଝିଅ ଅଛନ୍ତି। କିଛିଦିନ ତଳେ ସେ ଘରକୁ ଆସିଥିଲେ। ସେତେବେଳେ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏହା ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଶନିବାର ମମତା କୌଣସି କାରଣରୁ ଭାରସାମ୍ୟ ହରାଇ କନିୟର ମଞ୍ଜି ବାଟି ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧାମନଗର ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗହଣା ବ୍ୟବସାୟୀଙ୍କଠାରୁ ଲୁଟ୍

**ସିମୁଳିଆ,୧୯।୫(ଡି.ଏନ.ଏ.)**–ଖଇରା ମିରିପୁର ଅଞ୍ଚଳର ମହେଶ ପ୍ରସାଦ ସାହୁ ନାମକ ଜଣେ ଗହଣା ବ୍ୟବସାୟୀ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ନିକଟରୁ ୫ କିଲୋ ରୁପା, ୫୦ଗ୍ରାମ ସୁନା ସମେତ ୨୦ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମହେଶ ସାଲୋ ଅଞ୍ଚଳରେ ଥିବା ନିଜର ଗହଣା ଦୋକାନ ବନ୍ଦ କରି ମୋଟର ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସିମୁଳିଆ ଥାନା ଅଧୀନ ଭୁଗୁପୁର ଗ୍ରାମ୍ୟ ଜଙ୍ଗଲ ନିକଟରେ ୩ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସେଠାରେ ତାଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଲୁଟ୍ କରିବା ପରେ ଫେରାର ହୋଇଯାଇଥିବା ସେ କହିଛନ୍ତି। ପୋଲିସ ଏକ ମାମଲା (ନଂ.୧୨୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

# ଅଂଶୁଘାତରେ ବ୍ୟବସାୟୀଙ୍କ ମୃତ୍ୟୁ ସନ୍ଦେହ

**ସଜନାଗଡ଼,୧୯।୫(ଡି.ଏନ.ଏ.)**–ନୀଳଗିରି ଅଞ୍ଚଳରେ ରବିବାର ଜଣେ ବ୍ୟବସାୟୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବାର ସନ୍ଦେହ କରାଯାଉଛି। ନୀଳଗିରି ଏନଏସିର ୨ନଂ. ୱାର୍ଡ଼ର ଘାଟଘରସାହି ଗ୍ରାମର ଚନ୍ଦ୍ରଭାନୁ ବେହେରା(୩୮) ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଏକ ପାନ ଦୋକାନ କରିଥିଲେ। ରବିବାର ମଧ୍ୟାହ୍ନରେ ଦୋକାନରେ ଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଦୋକାନୀମାନେ ପହଞ୍ଚି ତାଙ୍କୁ ନୀଳଗିରି ମେଡ଼ିକାଲ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଥିବାବେଳେ ନୀଳଗିରି ସିନେମା ବଜାର ବନ୍ଦ ରହିଥିଲା।


















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ